ଗତ କେତେକ ମାସର ଅଭିଜ୍ଞତାରୁ ଶ୍ରୀଯୁକ୍ତ ପଟେଲ ବିଲାତ ଓ ଭାରତ ମଧ୍ୟରେ ଭଲ ସମ୍ପର୍କ ସ୍ଥାପିତ ହୋଇ ନ ଥିବା କଥା ଜାଣି ପାରିଛନ୍ତି। ରାଜନୀତିଜ୍ଞମାନେ ପରାମର୍ଶ କମିଟିକୁ ଇସ୍ତଫା ଦେଇଥିବାରୁ ଅବସ୍ଥା ଯାହା ଥିଲା ସେହିପରି ରହିଛି ବୋଲି ସେ କହୁଛନ୍ତି।

## ଅକର୍ମାଙ୍କ ଆକ୍ରମଣ

ଓଟୁଆ ସମ୍ମିଳନୀର ବୈଠକ ବସିଥିବାବେଳେ କତିପୟ ସଂଖ୍ୟକ ଅକର୍ମା ଲୋକ ଆସି ପ୍ରତିନିଧିମାନେ ବସିଥିବା ସ୍ଥାନ ଘେରିଗଲେ। କାର୍ଯ୍ୟ ଆରମ୍ଭ କରାଇବାକୁ ଓ ଅକର୍ମାଙ୍କୁ ସାହାଯ୍ୟ ଦେବାକୁ ଏମାନେ ନିବେଦନ କରନ୍ତି। ଏମାନଙ୍କ ପକ୍ଷରୁ ଗୋଟିଏ ଡେପୁଟେସନ୍ ମଧ୍ୟ ପଠାଯାଇଛି।

## ଭାରତ ସଙ୍ଘର ପ୍ରତିନିଧି

ବମ୍ବଇର ଇଣ୍ଡିଆ ଲିଗ୍ ପକ୍ଷରୁ ଯେଉଁ ପ୍ରତି-ନିଧିମାନେ ଭାରତ ଆସୁଅଛନ୍ତି ସେମାନେ ଆସନ୍ତା ତା ୧୭ ରଖ ଦିନ ବମ୍ବଇରେ ପହଞ୍ଚିବେ। ସେମାନେ କୌଣସିପ୍ରକାର ପ୍ରଚାର କରିବେ ନାହିଁ ମାତ୍ର ସବୁ ଶ୍ରେଣୀର ଲୋକଙ୍କଠାରୁ ପ୍ରକୃତ ଅବସ୍ଥା ଜାଣି ତାହା ବୁଝିବେ।

Digitized by srujanika@gmail.com

# ଉତ୍କଳ ଦୀପିକା

ଅଗଷ୍ଟ ତା ୧୩ ରିଖ ଶନିବାର

## ଦେଶ ମିଶ୍ରଣ

ସୀମା କମିଶନ କମିଟିଙ୍କର ରିପୋର୍ଟ ପରେ ଅନେକଙ୍କର ଧାରଣା ଥିଲା ଯେ ସରକାର ଓଡ଼ିଆମାନଙ୍କର ଅନ୍ୟାନ୍ୟ ଅଂଶମାନଙ୍କର ଦାବୀ ବିଷୟରେ ଆଉ କର୍ଣ୍ଣପାତ ଶୁଣିବେ ନାହିଁ। ନାନା ଆନ୍ଦୋଳନ ଏବଂ କମିଟି ମାନଙ୍କର ଅଷ୍ଟଛକୁ ଅଞ୍ଚଳ ଭୁଲ ଭୁଲ ଉଦ୍ଧାର ପରେ ଯାହା ସେ କରିଦେଲେ ବର୍ତ୍ତମାନ ସରକାର ତାହ ଛଡ଼ା ଆଉ କିଛି ଶୁଣିବେ ନାହିଁ। ବାଧ୍ୟତାର କମିଟି ଯାହା କରିଗଲେ ବର୍ତ୍ତମାନ ସକାଶେ ତାହାହିଁ ପାଇ ଓଡ଼ିଆମାନଙ୍କୁ ସନ୍ତୁଷ୍ଟ ରହିବାକୁ ହେବ। ସରକାର ଏବେ ବାଂଗ୍ଲାରୁ, ବିହାରରୁ ଓ ଭିନ୍ନ ଭିନ୍ନ ପ୍ରଦେଶମାନଙ୍କରୁ ବହୁଷଣ ବ୍ୟକ୍ତିମାନଙ୍କୁ ଆଣି ସେମାନଙ୍କ ସକାଶେ ଏବେ ବ୍ୟସ୍ତ କଲାପରେ ଏବଂ ପ୍ରତି ଅଞ୍ଚଳର ଲୋକମାନଙ୍କର ସାକ୍ଷ୍ୟ ଗ୍ରହଣ କରି ଗୋଟିଏ ରିପୋର୍ଟ ହୋଇ ଗଲାପରେ ସ୍ୱୟଂ ନିଃ ସରକାର ତାଙ୍କର ରିପୋର୍ଟକୁ ବର୍ତ୍ତମାନ ଗ୍ରହଣ କରି ନେଲେ। ଓଡ଼ିଆ ସ୍ୱତନ୍ତ୍ର ପ୍ରଦେଶ ହେବା ସମ୍ବନ୍ଧେ ପୂର୍ବରୁ ସାଇମନ୍ ରିପୋର୍ଟ ସିଦ୍ଧାନ୍ତ କରିଅଛନ୍ତି- କେବଳ ସୀମା ବଦନ୍ତ ବାକି ଥିଲା। ତାହା ହୋଇଗଲା- ବର୍ତ୍ତମାନ ଏହାର ସୀମାନେଇ ସ୍ୱତନ୍ତ୍ର ପ୍ରଦେଶ ହେବା ସମ୍ବନ୍ଧେ ଆଉ କିଛି ସନ୍ଦେହ ନାହିଁ। ଏହି ବିଷୟ ନେଇ ଓଡ଼ିଆମାନେ ଉତ୍କଣ୍ଠିତ ହୋଇ ସରକାରଙ୍କ ଆଦେଶକୁ ଅପେକ୍ଷା କରି ରହିଥିଲେ। କିନ୍ତୁ ବର୍ତ୍ତମାନ ଦେଖା ଯାଉଅଛି ସରକାର ପୁଣି ଭିନ୍ନ ଭିନ୍ନ ଗଭର୍ଣ୍ଣମେଣ୍ଟ ମାନଙ୍କର ଓ ପ୍ରାଦେଶିକ କାଉନ୍‌ସିଲ ମାନଙ୍କର ମତ ଲୋଡ଼ୁଅଛନ୍ତି। ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ଏବଂ କାଉନ୍‌ସିଲ ଓଡ଼ିଆ ସ୍ୱତନ୍ତ୍ର ପ୍ରଦେଶ ଗଠନ ସମ୍ବନ୍ଧେ ମଧ୍ୟ ପ୍ରତିବାଦ କରିବାକୁ ଛାଡ଼ୁ ନାହାନ୍ତି। ପୁଣି ନାନା ପ୍ରକାରରେ ଆନ୍ଦୋଳନ ଚାଲୁଅଛି। ଏ ସମୟରେ କର୍ତ୍ତବ୍ୟ କ'ଣ ତାହା ସ୍ଥିର କରିବା ବଡ଼ କଠିନ। କେହି କେହି ସହଯୋଗୀ ସମ୍ବାଦ ପତ୍ର ମଧ୍ୟ ପ୍ରସ୍ତାବ କରୁଅଛନ୍ତି ଯେ ଉତ୍କଳ ସମ୍ମିଳନୀର ପୁନର୍ବାର ଅଧିବେଶନ ହୋଇ ଏହି ବିଷୟ ଆଲୋଚନା କରାଯାଉ। ଆମ୍ଭେମାନେ ମଧ୍ୟ ସେମାନଙ୍କର ଏହି ମତକୁ ସମ୍ପୂର୍ଣ୍ଣ ଅନୁମୋଦନ କରୁଅଛୁ। ଆମ୍ଭମାନଙ୍କ ବିବେଚନାରେ ସମ୍ମିଳନୀର ଅଧିବେଶନ ବ୍ରହ୍ମପୁର ଠାରେ ହେବା ବିଶେଷ ବାଞ୍ଛନୀୟ। ମାନ୍ଦ୍ରାଜ ଅଞ୍ଚଳ ଟେକା ବିଶେଷ ଆନ୍ଦୋଳନ ଚାଲୁଅଛି। ବ୍ରହ୍ମପୁରରେ ସମ୍ମିଳନୀ ହେଲେ ମାନ୍ଦ୍ରାଜ ଅଞ୍ଚଳବାସୀ ଓଡ଼ିଆମାନେ ଅଧିକ ସଂଖ୍ୟାରେ ସମ୍ମିଳନୀରେ ଯୋଗ ଦାନ କରି ସେମାନଙ୍କର ମତ ବ୍ୟକ୍ତ କରିବାର ସୁଯୋଗ ପାଇବେ। ଓଡ଼ିଶାର ଭିନ୍ନ ଭିନ୍ନ ଅଞ୍ଚଳର ଲୋକେ ଅବଶ୍ୟ ବହୁସଂଖ୍ୟାରେ ଏହି ସମ୍ମିଳନୀରେ ଯୋଗଦେବେ। ସମ୍ମିଳନୀର ଅଧିବେଶନ ଶୀଘ୍ର ହେବା ମଧ୍ୟ ଉଚିତ କର୍ତ୍ତବ୍ୟ। ଯେତେ ଶୀଘ୍ର ସମ୍ଭବ ଏଥିର ଆୟୋଜନ ଆବଶ୍ୟକ।

—୦—

## ରେଲ୍ ବିଭାଗରେ ଓଡ଼ିଆ

ରେଲୱେ ବିଭାଗରେ ଓଡ଼ିଆମାନେ ସ୍ଥାନ ପାଉ ନ ଥିବା ସମ୍ବନ୍ଧେ ଆମ୍ଭେମାନେ ବରାବର ଅଭିଯୋଗ କରି ଆସୁଅଛୁ। ସୁଖର ବିଷୟ ଆମ୍ଭମାନଙ୍କର ଭାଇସ୍‌ଚର ଓ ଲେଜିସ୍ଲେଟିଭ ଆସେମ୍ବ୍ଲିର ମେମ୍ବର ଶ୍ରୀଯୁକ୍ତ ବି. ଏନ୍. ମିଶ୍ର ଏହି ବିଷୟ ନେଇ ଏଥିମଧ୍ୟରେ ଯଥେଷ୍ଟ ଯତ୍ନ ଓ ପରିଶ୍ରମ କରିଅଛନ୍ତି। ସେ ସ୍ୱୟଂ ଯାଇ ବି. ଏନ୍. ଆର୍ ର ପ୍ରଧାନ କର୍ତ୍ତୃପକ୍ଷଙ୍କ ସହିତ ସାକ୍ଷାତ କରିଥିଲେ ଏବଂ ଓଡ଼ିଆମାନଙ୍କର ଅସନ୍ତୋଷର କାରଣ ତାହାଙ୍କୁ ଜଣାଇଥିଲେ। ଫଳରେ ବଙ୍ଗୀୟ ଅଫିସର ମାନଙ୍କ ନିକଟ ଓଡ଼ିଆଙ୍କ ବିଷୟ ବିଚାର କରିବା ଚିଠି ପତ୍ର ଆସିଅଛି। ଗତ ବର୍ଷ ମାର୍ଚ୍ଚ ମାସଠାରୁ ଏବର୍ଷ ଗଲା ମାର୍ଚ୍ଚ ମାସ ମଧ୍ୟରେ କେବଳ ଗୋ ୬ ଟି ଶୂନ୍ୟସ୍ଥାନ ଖାଲି ହୋଇଥିଲା। ସେ ଗୋ ୬ ଟି ମଧ୍ୟରୁ ଗୋ ୨ ଟି ଓଡ଼ିଆଙ୍କ ଦିଆ ଯାଇଥିବା ପ୍ରକାଶ। ମିଶ୍ର ମହାଶୟଙ୍କର ଏହି ଯତ୍ନ ଓ ପରିଶ୍ରମ ସକାଶେ ଆମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁ।

ଅନେକ ସ୍ଥଳରେ ଦେଖାଯାଏ ଓଡ଼ିଆ ଯୁବକମାନେ ଉପଯୁକ୍ତ ସମୟରେ ପ୍ରାର୍ଥୀ ହୋଇ ପାରନ୍ତି ନାହିଁ। ସମୟ ଅତୀତ ହୋଇଗଲା ପରେ ବ୍ୟସ୍ତ ହୁଅନ୍ତି। ଛଡ଼ିର ଅର୍ଥ ଠିକ ଖବର ରଖନ୍ତି ନାହିଁ କିମ୍ବା ଖବର ପାଇବାର ଚେଷ୍ଟା କରନ୍ତି ନାହିଁ। ରେଲ ବିଭାଗରେ କୌଣସି ସ୍ଥାନ ଖାଲି ହେଲେ ଯଥାସ୍ଥାନରେ ଓ ଯଥା ସମୟରେ ପ୍ରାର୍ଥୀ ହେବାକୁ ଚେଷ୍ଟା କରିବା ଉଚିତ।

—*—

## ମାନ୍ଦ୍ରାଜ କାଉନ୍‌ସିଲରେ ଦେଶମିଶ୍ରଣ ସମ୍ବନ୍ଧେ ଆଲୋଚନା

ଏଥିମଧ୍ୟରେ ମାନ୍ଦ୍ରାଜ ବ୍ୟବସ୍ଥାପକ ସଭାରେ ଓଡ଼ିଶା ଦେଶମିଶ୍ରଣ ଏବଂ ଓଡ଼ିଶା କମିଟିର ରିପୋର୍ଟ ସମ୍ବନ୍ଧେ ଆଲୋଚନା ହୋଇଅଛି। ଆଲୋଚନା ବେଳେ ନାନାପ୍ରକାର ବାଦାନୁବାଦ ହୋଇଥିଲା। ପ୍ରଥମେ ଆଲୋଚନା ସ୍ଥଗିତ ରଖିବା କାରଣ ପ୍ରସ୍ତାବ ହେଲା। କେତେ କେତେ ମେମ୍ବର ଏଥିରେ ପ୍ରତିବାଦ କରିବାରୁ ଏ ସମ୍ବନ୍ଧରେ ଭୋଟ ନିଆ ହେଲା। ପ୍ରସ୍ତାବ ବିରୁଦ୍ଧରେ ୭୦ ଏବଂ ସପକ୍ଷରେ ୧୯ଟି ଭୋଟ ହେବାରୁ ତାହା ଅଗ୍ରାହ୍ୟ ହେଲା।

ଏହାପରେ ବୋବିଲିର ରାଜାସାହେବ ନିମ୍ନମର୍ମରେ ଗୋଟିଏ ସଂଶୋଧକ ପ୍ରସ୍ତାବ ଆଗତ କଲେ:—

"ବିଶାଖାପାଟଣା ଜିଲ୍ଲାର କୌଣସି ଅଂଶ, ଓ ଗଞ୍ଜାମର ଋଷିକୁଲ୍ୟା ନଦୀର ଦକ୍ଷିଣ ଅଞ୍ଚଳ ଓଡ଼ିଶା ସହିତ ମିଶାଇବା ପାଇଁ ସୀମା କମିଟି ସୁପାରିଶ୍ କରିଥିବାରୁ ଏହି ବ୍ୟବସ୍ଥାପକ ସଭା ଏଥିରେ ଘୋର ଆପତ୍ତି କରୁଅଛନ୍ତି। ଯେଉଁ ଅଞ୍ଚଳରେ ଆନ୍ଧ୍ର ଜାତି ଅଧିକ ସଂଖ୍ୟାରେ ଅଛନ୍ତି, ସେ ଅଞ୍ଚଳ ମଧ୍ୟ ଓଡ଼ିଶା ସଙ୍ଗେ ମିଶିବା ସପକ୍ଷରେ କମିଟି ସୁପାରିଶ କରିଥିବାରୁ ଏ ସଭା ତହିଁର ପ୍ରତିବାଦ କରୁଅଛନ୍ତି। ମାନ୍ଦ୍ରାଜ ପ୍ରଦେଶରୁ କୌଣସି ଅଂଶ ଓଡ଼ିଶା ସଙ୍ଗେ ମିଶାଇଲେ, ମାନ୍ଦ୍ରାଜ ସରକାର ଏହି ମିଶ୍ରଣ ଲାଗି କୌଣସି ପ୍ରକାର ଧନ ସାହାଯ୍ୟ ନ କରନ୍ତୁ। ସଭାର ଏ ମତ କେନ୍ଦ୍ର ସରକାରଙ୍କୁ ଜଣାଇ ଦିଆଯାଉ।"

ବୋବିଲିର ରାଜାସାହେବଙ୍କର ଏହି ପ୍ରସ୍ତାବର ଆଲୋଚନା ହେବା ବେଳେ ବହୁ ବାଦାନୁବାଦ ହେଲା। ଅନେକେ ମଧ୍ୟ ଏହି ପ୍ରସ୍ତାବର ସଂଶୋଧକ ପ୍ରସ୍ତାବ ଆଗତ କଲେ କିନ୍ତୁ ଶେଷରେ ବୋବିଲି ରାଜାସାହେବଙ୍କ ପ୍ରସ୍ତାବ ବ୍ୟବସ୍ଥାପକ ସଭାରେ ଗୃହୀତ ହୋଇଯାଇଅଛି।

—*—

## ଲୁଗା ଓ ସୂତା ଆମଦାନୀ ବୃଦ୍ଧି

ଗତ ଜୁନ ମାସରେ ବିଦେଶରୁ ଯେତେ ଲୁଗା ଓ ସୂତା ଆସିଛି ଗତ ଦୁଇବର୍ଷ ମଧ୍ୟରେ କୌଣସି ମାସରେ ସେତେ ଲୁଗା ଓ ସୂତା ଆସି ନ ଥିଲା। ବିଲାତରୁ ପାଟ ଓ ନକଲି ରେଶମର ଆମଦାନୀ ବୃଦ୍ଧି ହୋଇଅଛି। ପୂର୍ବମାସ ଅପେକ୍ଷା କୋଟିଏ ଗଜ ଅଧିକ ନକଲିପାଟ ଭାରତକୁ ଆସିଛି।

—*—

## ୩୦୦୦ ଜରିମାନା

ବେଟିଆ ମ୍ୟୁନିସିପାଲିଟିର ପ୍ରଥମ, ତୃତୀୟ, ଚତୁର୍ଥ, ଷଷ୍ଠ ଓ ସପ୍ତମ ଓ୍ୱାର୍ଡର ଅଧିବାସୀଙ୍କ ଉପରେ ୩୦୦୦ ହଜାର ଟଙ୍କା ଜରିମାନା ବସାଇ ଦିଆଯାଇଅଛି। ଏହି ଓ୍ୱାର୍ଡମାନଙ୍କରେ ଯେଉଁମାନେ ବାସ କରନ୍ତି ସେମାନଙ୍କ ଆଚରଣରେ ଆଇନ ଓ ଶୃଙ୍ଖଳାରେ ବ୍ୟାଘାତ ଘଟୁଛି ବୋଲି ସରକାର କହନ୍ତି।

—o—

## ଗାନ୍ଧୀଙ୍କ ସଙ୍ଗେ ସମାଧାନ

ଅଗଷ୍ଟ ୧୦ ତାରିଖ ଲଣ୍ଡନରୁ ପ୍ରଧାନ ମନ୍ତ୍ରୀ ଭାରତର ସାମ୍ପ୍ରଦାୟିକ ନିଷ୍ପତ୍ତି ଶୁଣାଇବେ ବୋଲି ଫ୍ରି ପ୍ରେସର ପ୍ରତିନିଧି କହୁଛନ୍ତି।

ଲଣ୍ଡନରେ ପୁନଶ୍ଚ ଗୋଲ ଟେବଲ ବୈଠକ ବସିବା ସମ୍ପର୍କରେ ଫ୍ରି ପ୍ରେସ ଜଣାଇଛନ୍ତି ଯେ, ସେ ସମ୍ମିଳନୀରେ କେବଳ ୧୮ ଜଣ ପ୍ରତିନିଧି ରହିବେ। ଏହି ୧୮ ଜଣଙ୍କ ମଧ୍ୟରେ ଦେଶୀୟ ରାଜାମହାରାଜାଙ୍କ ପ୍ରତିନିଧି କେବଳ ଜଣେ ସ୍ଥାନ ପାଇବେ ଏବଂ ପାର୍ଲିଆମେଣ୍ଟର ପ୍ରତ୍ୟେକ ଦଳରୁ ଜଣେ ଜଣେ ରହିବେ।

ଗାନ୍ଧୀଙ୍କ ସଙ୍ଗେ ସମାଧାନ କଥା ବୃଥା ଥିବା ପ୍ରସଙ୍ଗରେ ଫ୍ରିପ୍ରେସ କହୁଛନ୍ତି ଯେ, ଭାରତ ସଚିବଙ୍କ ଉତ୍ତରର ପ୍ରକାଶ ପାଇବା ପରେ ବଡ଼ଲାଟ ଗାନ୍ଧୀଙ୍କ ଠାକୁ ଚିଠି ଲେଖିଥିଲେ। ଗାନ୍ଧୀ ଯେଉଁ ଉତ୍ତର ଦେଇଛନ୍ତି, ତାହା ଇଂଲଣ୍ଡରେ ବଡ଼ଲାଟଙ୍କ ହସ୍ତଗତ ହୋଇ ଥିବାର ଖବର ମିଳେ। ଗଭର୍ଣ୍ଣମେଣ୍ଟ ଗାନ୍ଧୀଙ୍କ ଜବାବରେ ତୃପ୍ତ ନୁହନ୍ତି ବୋଲି ପ୍ରକାଶ।

ଗଭର୍ଣ୍ଣମେଣ୍ଟ ଇଚ୍ଛା କରିବା ମାତ୍ରେ କଂଗ୍ରେସ୍ ଓ ସରକାରଙ୍କ ମଧ୍ୟରେ ଯେଉଁ ସଂଘର୍ଷ ଚାଲିଛି, ତାହା ବନ୍ଦ ହୋଇ ପାରୁଥାନ୍ତା ବୋଲି ମହାତ୍ମା ଗାନ୍ଧୀ ବଡ଼ଲାଟଙ୍କୁ ଲେଖିଥିବାର ଶୁଣାଯାଏ। ସରକାର ଏ ସଂଘର୍ଷ ଆରମ୍ଭ କରିଛନ୍ତି। କଂଗ୍ରେସ କେବଳ ନିଜକୁ ରକ୍ଷା କରିବା ପାଇଁ ଯାହା ଚେଷ୍ଟା କରୁଛି ବୋଲି ଗାନ୍ଧୀ ଜଣାଇ ଦେଇଥିବା ପ୍ରକାଶ।

ଜାତିର ସମ୍ମାନ ଯେପରି ରକ୍ଷା ହେବ, ସେପରି ସନ୍ଧି ସମାଧାନ କରିନେବାକୁ ଗାନ୍ଧୀଜୀ ତଥା କଂଗ୍ରେସ ସର୍ବଦା ପ୍ରସ୍ତୁତ ଅଛନ୍ତି ବୋଲି ପ୍ରକାଶ କରିଥିବାର ଜଣାଯାଏ।

—o—

Split by PDF Splitter
Digitized by srujanika@gmail.com

## ରୋଲ୍ ଟେବଲ୍ ବୈଠକରେ

ବିଲାତ ସରକାର ଭାରତ ସରକାରଙ୍କ ସଙ୍ଗେ ଆଉ ଗୋଟିଏ ଇସ୍ତାହାର ଭାରତ ବର୍ତ୍ତମାନ ରଚନା ସମ୍ପର୍କରେ ପ୍ରକାଶ କରିବା ଉଦ୍ଦେଶ୍ୟରେ କଥାବାର୍ତ୍ତା ଚଳାଉଛନ୍ତି। ଭାରତ ସରକାର ଏକମତ ହୋଇଥିବା କଥା ଟାଇମ୍ସ ଅବଗତ ହୋଇଥିବାର କହନ୍ତି। ଏହି ଅଗଷ୍ଟ ଶେଷ ପୂର୍ବରୁ ଏଣେ ବ୍ରିଟିଶ ସରକାର, ତେଣେ ବଡ଼ଲାଟ କାର୍ଯ୍ୟପନ୍ଥା ଜଣ ଉପର ଦେବ ପ୍ରଣାଳୀ ଦେବେ।

ଆଗାମୀ ବର୍ଷ ଭାରତ ହସ୍ତାନ୍ତର ଆଇନ ପାର୍ଲିଆମେଣ୍ଟରେ ଆଗତ କରିବା ପାଇଁ ପ୍ରକୃଷ୍ଟ ଗୋଲଟେବଲ ପନ୍ଥା ଅନୁସୃତ ହେବ। ଅବଶ୍ୟ ସେଥିରେ ପୂର୍ବାପେକ୍ଷା ଅଳ୍ପ ଲୋକ ରହିବେ ଏବଂ ଲଣ୍ଡନରେ ତାହାର ଅଧିବେଶନ ହେବ ବୋଲି ଟାଇମ୍ସ ସୂଚନା ଦେଇଛନ୍ତି।

## ପଦେ ଭିତରେ ଘୋଷଣା

ସିମଲାର କଣିକା ଶୁଣିଲା ଲୋକେ କୁହାକୁହି ହେଉଛନ୍ତି ଯେ, ସ୍ୱପ୍ରଦର୍ଶିତ କମିଟି, ତଥା ଗଣ୍ଡଗୋଳ ପ୍ରଣାଳୀ ସମ୍ବନ୍ଧେ ଅନ୍ୟ ଏକ ଘୋଷଣା ୧୫ ଦିନ ମଧ୍ୟରେ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇବ।

ଅବସ୍ଥା ପର୍ଯ୍ୟାଲୋଚନା କରିବା ପାଇଁ ୭ ତାରିଖ ବଡ଼ଲାଟଙ୍କ ମନ୍ତ୍ରଣା ସଭା ଆହୂତ ହୋଇଥିଲା।

ପରେ ଆସୋସିଏଟେଡ୍ ପ୍ରେସଙ୍କର ଗୋଟିଏ ସମ୍ବାଦରୁ ପ୍ରକାଶ—ବିଷୟ ହୃଦୟ ଜଣାପାଏ ବଡ଼ଲାଟ ମହାତ୍ମାଙ୍କ ନିକଟ ଚିଠି ପତ୍ର ଚଳାଇଥିବା ସମ୍ବାଦ ଏକା ବେଳେକେ ମିଥ୍ୟା।

## ବଙ୍ଗ ବାଳିକାଙ୍କ ବ୍ୟୋମବିହାର

ମେଦିନୀ ପୁରର ଗୋଟିଏ ସମ୍ବାଦରୁ ପ୍ରକାଶ ସୌଦାମିନୀ ମଜୁମଦାର ନାମ୍ନୀ ଜଣେ ବଙ୍ଗ ବାଳିକା ଏରୋପ୍ଲେନ୍‌ରେ ପୃଥିବୀ ଭ୍ରମଣ କରିବାପାଇଁ ଖୁବ୍ ଅଳ୍ପଦିନ ମଧ୍ୟରେ ବାହାରିବେ। ଭାରତୀୟ ଜଣେ ନାରୀଙ୍କ ପକ୍ଷେ ଏହା ଅବଶ୍ୟ ପ୍ରଶଂସାର କଥା।

## ଶାସନ ସଂସ୍କାର ସୂଚନା

"ଡେଲି କ୍ରନିକଲ୍" ସମ୍ବାଦ ପତ୍ରରେ ମିଃ. ଡ. ଜ. ହର୍ନିମାନ୍ ଭାରତ ଶାସନ ସଂସ୍କାର ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ଲେଖିଛନ୍ତି। ସେ ଶାସନ ବ୍ୟବସ୍ଥା ସମ୍ବନ୍ଧରେ ନିମ୍ନଲିଖିତ କେତୋଟି ପ୍ରସ୍ତାବ ଦେଇଅଛନ୍ତି—

୧। ବ୍ରିଟିଶ ସରକାର ପ୍ରଥମେ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ଓ ପରେ କେନ୍ଦ୍ର ସରକାରରେ ଦାୟିତ୍ୱ ଦେବାପାଇଁ ଗୋଟିଏ ବିଲ୍ ଆଗତ କରନ୍ତୁ।

୨। ମିଳିତ ନିର୍ବାଚନର ଅସୁବିଧା ଉଠାଇ ଦିଆଯିବ। ପ୍ରାରମ୍ଭିକ ସମସ୍ତ ବିଷୟର ଉତ୍ତର ଦିଆଯିବ। ଏହା ନିଷ୍ପତ୍ତି କରିବାପାଇଁ ବ୍ୟବସ୍ଥାପକ ସଭାର ଦଳ ପ୍ରତିନିଧିଙ୍କୁ ନେଇ ଗୋଟିଏ କମିଟି ଗଠିତ ହେବ।

ଏ ସମ୍ବନ୍ଧେ ସେ ଅଭିପ୍ରାୟ ଦିଅନ୍ତି—ମହାତ୍ମା ଗାନ୍ଧୀଙ୍କ ସହିତ ସାର୍ ସାମୁଏଲ୍ ହୋର ପତ୍ର ଲେଖାଲେଖି କରୁଅଛନ୍ତି। ଏହା ସେ ଦିବସ ପୂର୍ବରୁ ଜାଣି ପାରିଛନ୍ତି ବୋଲି କହନ୍ତି। ଉକ୍ତ ଚିଠିରେ ସାର୍ ସାମୁଏଲ୍ ଗାନ୍ଧୀଙ୍କ ଠାକୁ ଲେଖିଛନ୍ତି—ଅନ୍ତର୍ନିହିତ ଉଠାଇବା ସଙ୍ଗେ ସଙ୍ଗେ କଂଗ୍ରେସ୍ ମଧ୍ୟ ଆଇନ୍ ଅମାନ୍ୟ ଆନ୍ଦୋଳନ ବନ୍ଦ କରିବେ। ଗାନ୍ଧୀ ପ୍ରାଦେଶିକ ସ୍ୱାତନ୍ତ୍ର୍ୟକୁ କାର୍ଯ୍ୟକାରୀ କରିବେ ବୋଲି କଂଗ୍ରେସ୍ ପକ୍ଷରୁ କହିବ ଦେଲେ ଏ ସମାଧାନ ସମ୍ଭବ ହେବ।

ଏ ବିଷୟ ପଞ୍ଜାବ ସମ୍ବନ୍ଧରେ ବୁଝାଇ ଦେବାକୁ ଯାଇ ସେ କହନ୍ତି—ଗାନ୍ଧୀ-ଇରୱିନ୍ ସନ୍ଧିପତ୍ର ଉପରେ ଭିତ୍ତିକରି କଂଗ୍ରେସ୍ ସଙ୍ଗେ ସରକାର ସମାଧାନ କରିବାକୁ ପଶ୍ଚାତ୍‌ପଦ ନୁହନ୍ତି। ୧୯୩୧ ରେ ଯେପରି ଅବସ୍ଥା ସୃଷ୍ଟି ହୋଇଥିଲା ଏହାଦ୍ୱାରା ସେହିପରି ଅବସ୍ଥା ଆସିବ। ମାତ୍ର କଂଗ୍ରେସ୍ ପ୍ରଥମେ ପ୍ରାଦେଶିକ ସ୍ୱାତନ୍ତ୍ର୍ୟକୁ ଉପଭୋଗ କରି ଭାରତର ଶାସନ ଶୃଙ୍ଖଳା କାର୍ଯ୍ୟକାରୀ କରିବାକୁ ସର୍ତ୍ତ ହେଲା ଫଳରେ ଭାବ ସୁରକ୍ଷା ସମ୍ବନ୍ଧରେ କି'ଣ ବ୍ୟବସ୍ଥା କରାଯିବ ତାହା ଅନୁଭୂତିରୁ ଜଣାଯିବ। ଏହି ଅନୁଭୂତି ଫଳରେ କଂଗ୍ରେସ ସୁରକ୍ଷା ସମ୍ବନ୍ଧରେ ଯାହାକିଛି ଦାବି କରିବ। କଂଗ୍ରେସ୍ ପ୍ରାଦେଶିକ ସ୍ୱାତନ୍ତ୍ର୍ୟମାତ୍ର ପ୍ରଥମେ ଗ୍ରହଣ କରି ଆନ୍ଦୋଳନ ବନ୍ଦ କରିବାକୁ ଏହାପରୁ କାରଣ ପ୍ରଦର୍ଶିତ ହୋଇଅଛି। ଆଉ ମଧ୍ୟ ଗାନ୍ଧୀଙ୍କ ପାଖକୁ ଅନେକେ ଏ ମର୍ମରେ ଲେଖାଲେଖି କରୁଛନ୍ତି।

## ବୋମାରଖି ୫ ବର୍ଷଜେଲ୍

କଲିକତାର ଦୁର୍ଗାଶଙ୍କର ଦାସଙ୍କ ବଙ୍ଗ ଦୋକାନରେ କେତେକ ଦିନତଳେ ବୋମା ଓ ବୋମା ତିଆରି ସରଞ୍ଜାମ ବାହାରିଥିଲା। ଏ ସମ୍ପର୍କରେ ଦୋକାନଦାର ଗ୍ରେପ୍ତାର ହୋଇଥିଲେ। ଗତ ତା ୮ ରିଖ ଦିନ ତାଙ୍କର ବିଚାର ହୋଇ ଯାଇଅଛି। ତାଙ୍କୁ ୫ ବର୍ଷଜେଲ ଦଣ୍ଡ ଦିଆ ହୋଇଅଛି। ତାଙ୍କ ସହିତ ହରିପଦ ଗୁହ ନାମକ ଜଣେ ଗ୍ରେପ୍ତାର ହୋଇଥିଲେ। ତାଙ୍କୁ ମୁକ୍ତି ଦିଆ ହୋଇଅଛି।

## ୪୦ ଜଣଙ୍କ ଦ୍ୱୀପାନ୍ତର

ରେଙ୍ଗୁନ ହାଇକୋର୍ଟରେ ଗତ ତା ୭ ରିଖ ଦିନ ୪୦ ଜଣ ବିଦ୍ରୋହୀଙ୍କ ଅପିଲର ଶୁଣାଣି ହୋଇ ଯାଇଅଛି। ଏମାନେ "ବ୍ୟାଘ୍ର ସୈନିକ" ବୋଲି ପରିଚିତ। ଏମାନଙ୍କୁ ଧରିବା ପାଇଁ ପୁଲିସ୍ ଓ ମିଲିଟାରୀ ବହୁତ ଚେଷ୍ଟା କରିଥିଲେ।

ହାଇକୋର୍ଟରେ ୨ଜଣଙ୍କୁ ଫାଶି ଓ ୪୦ ଜଣଙ୍କ ହୋଇଥିବା ଦ୍ୱୀପାନ୍ତର ଦଣ୍ଡ ବହାଲ୍ ରହିଲା।

## ରେଳକମ୍ପାନୀର ଆୟ

ଗତ ଜୁଲାଇ ମାସ ତା ୩୦ ରିଖରେ ଶେଷ ହେବା ସପ୍ତାହ ମଧ୍ୟରେ ବଙ୍ଗ ନାଗପୁର ରେଳ କମ୍ପାନୀଙ୍କର ୧୦ ଲକ୍ଷ ୩୭ ହଜାର ଟଙ୍କା ଆୟ ହୋଇଅଛି। ଗତବର୍ଷ ଏହି ସପ୍ତାହରେ ୧୨ ଲକ୍ଷ ୪୨ ହଜାର ଟଙ୍କା ଆୟ ହୋଇଥିଲା।

ଅପ୍ରେଲ ମାସ ଠାରୁ ଏ ପର୍ଯ୍ୟନ୍ତ ୨କୋଟି ୨୭ ଲକ୍ଷ ୧୯ ହଜାର ଟଙ୍କା ମୋଟ ଆୟ ହୋଇଅଛି। ଗତବର୍ଷ ଏହି ସପ୍ତାହରେ ୨ କୋଟି ୫୫ ଲକ୍ଷ ୯୬ ହଜାର ଟଙ୍କା ଆୟ ହୋଇଥିଲା।

## ବିହାର ଓଡ଼ିଶା କାଉନ୍‌ସିଲ୍

ରାଞ୍ଚିଠାରେ ଅଗଷ୍ଟ ମାସ ତା ୨୧ ରିଖରେ ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାର ଅଧିବେଶନ ଆରମ୍ଭ ହେବ। ରାୟବାହାଦୁର ଶ୍ୟାମାନନ୍ଦ ସହାୟଙ୍କ ପ୍ରଜାସତ୍ତ୍ୱ ଆଇନ, ଯାହା ଏବେ ବିହାରରେ ପ୍ରଚଳିତ ଅଛି। ତାହା ସଂଶୋଧନ କରିବା ପାଇଁ ଗୋଟିଏ ବିଲ ଉପସ୍ଥାପିତ କରିବେ। ଏହି ବିଲ ନେଇ ଜମିଦାର ଓ ପ୍ରଜା ପ୍ରତିନିଧିମାନଙ୍କ ମଧ୍ୟରେ ଘୋର ବାଦ ପ୍ରତିବାଦ ଲାଗିବାର ଜଣାଯାଏ।

## ବିଶ୍ୱକବିଙ୍କ ସମ୍ବର୍ଦ୍ଧନା

ଗତ ଶୁକ୍ରବାର ଦିନଠାରୁ ବିଶ୍ୱକବି ରବୀନ୍ଦ୍ରନାଥ କଲିକତାରେ ପଦାର୍ପଣ କରିଅଛନ୍ତି। କଲିକତା ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ରବିବାର ଦିନ ତାଙ୍କର ବିରାଟ ସମ୍ବର୍ଦ୍ଧନା ହୋଇଥିଲା।

## ଶିଳ୍ପ ପ୍ରଦର୍ଶନୀ

ନିଖିଳ ଭାରତ ପ୍ରଦର୍ଶନୀ କଂପାନୀଙ୍କ ପକ୍ଷରୁ ପୁନାଠାରେ ସେପ୍ଟେମ୍ବର ମାସରେ ଗୋଟିଏ ନିଖିଳ ଭାରତ ଶିଳ୍ପ ପ୍ରଦର୍ଶନୀ ହେବ। ଏହି ପ୍ରଦର୍ଶନୀ ପ୍ରାୟ ଏକମାସ ପର୍ଯ୍ୟନ୍ତ ଖୋଲା ରହିବ। ଭାରତୀୟ ସମସ୍ତ ପ୍ରକାର ଶିଳ୍ପ କଳା ଏଥିରେ କୃଷି ବିଭାଗ, ମହିଳା ବିଭାଗ, ଅର୍ଥ ବିଭାଗ ଏବଂ ଲଳିତ କଳା ବିଭାଗ ମଧ୍ୟ ରହିବ। ଆଶାକରୁ ସମସ୍ତ ସ୍ୱଦେଶପ୍ରେମିମାନେ ଏଥିପ୍ରତି ସହାନୁଭୂତି ଦେଖାଇବେ। ଏ ସମ୍ବନ୍ଧୀୟ କାଗଜପତ୍ର ବିବରଣୀ, ଅଲ୍ ଇଣ୍ଡିଆ ଏକ୍‌ଜିବିସନ୍ କମ୍ପାନୀ, ୨୦୦୮ ସେଣ୍ଟ୍ରାଲ୍ ଷ୍ଟ୍ରିଟ୍ (କ୍ୟାମ୍ପ) ପୁନା, ଠିକଣାରେ ଲେଖିଲେ ମିଳି ପାରିବ।

## ମିଃ ଏଲିସନଙ୍କ ମୃତ୍ୟୁ

କୁମିଲ୍ଲାର ପୂର୍ବତନ ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ଉପରେ ଗୁଳି ହେବାଦିନଠୁ ସେ ଚିକିତ୍ସାରେ ଥିଲେ। ଦୁଃଖର ବିଷୟ ଚିକିତ୍ସାରେ ଉପକାର ହେଲାନାହିଁ। ପରିଶେଷରେ ସେ ଡାକ୍ତର ଖାନାରେ ପ୍ରାଣ ତ୍ୟାଗ କରିଅଛନ୍ତି।

## ବଙ୍ଗର ସୀମା ସଂପ୍ରସାରଣ

ଗତ ତା ୩ ରିଖ ଦିନ ବଙ୍ଗ ବ୍ୟବସ୍ଥାପକ ସଭାରେ ଶ୍ରୀଯୁକ୍ତ ଏନ୍. କେ. ବସୁ ମହାଶୟ ବଙ୍ଗଭାଷୀ ଲୋକଙ୍କ ଏକତ୍ର କରିବାପାଇଁ ବଙ୍ଗଳାର ସୀମା ପରିବର୍ତ୍ତନ ଓ ସଂରକ୍ଷଣ କରାଯାଉ ବୋଲି ଯେଉଁ ପ୍ରସ୍ତାବ ଆଗତ କରିଥିଲେ ତାହା ବିପକ୍ଷରେ ୭୦ ଭୋଟ ଓ ସପକ୍ଷରେ ୪୧ଟି ଭୋଟ ହେବାରୁ ପ୍ରସ୍ତାବଟି ଅଗ୍ରାହ୍ୟ ହୋଇଅଛି।

## ମାହାଲ ନିଲାମ

ଆସନ୍ତା ସେପ୍ଟେମ୍ବର ମାସ ତା ୧୨ ରିଖ ଦିନ ୧୨ ଘଣ୍ଟା ସମୟରେ କଟକ କଲେକ୍ଟର ସାହେବଙ୍କ କଚେରୀରେ ୧୭୩ ଗୋଟି ମାହାଲ ଏବଂ ଆସନ୍ତା ସେପ୍ଟେମ୍ବର ମାସ ତା ୧୩ ରିଖ ଦିନ ୧୨ ଟା ସମୟରେ ବାଲେଶ୍ୱର କଲେକ୍ଟର ସାହେବଙ୍କ କଚେରୀରେ ୯୭ ଗୋଟି ମାହାଲ ନିଲାମ ଆଦି ସର୍ତ୍ତାଦି ଉକ୍ତ ହେବା ନିମନ୍ତେ ନୋଟିସ ବାହାରି ଅଛି।

Split by PDF Splitter
Digitized by srujanika@gmail.com

Split by PDF Splitter



## ଶେଠ ଗୋବିନ୍ଦଦାସଙ୍କ ତ୍ୟାଗ

ଜେଲ୍ ଯିବା ପୂର୍ବରୁ ଶେଠ ଗୋବିନ୍ଦ ଦାସ ପ୍ରଜାମାନଙ୍କୁ କର ନଦେବାକୁ ବାରଣ କରି ଯାଇଥିଲେ । ଏଥିପ୍ରତି ମନୋଯୋଗ ନଦେଇ ଶେଠ ଗୋବିନ୍ଦ ଦାସଙ୍କ ପିତା ଦେୱାନ ବାହାଦୁର ଶେଠ ଜୀବନଦାସ ପ୍ରଜାଙ୍କ ଠାରୁ କର ଆଦାୟ କରୁଥିଲେ । ପିତାଙ୍କ ସହିତ ଏହି ପ୍ରକାର ରାଜନୀତିକ ମତାନ୍ତର ହେତୁ ସେ ତାଙ୍କର ସମସ୍ତ ସମ୍ପତ୍ତି ତ୍ୟାଗ କରିଅଛନ୍ତି ଏବଂ ଜେଲ୍ ମୁକ୍ତ ପରେ ଆଉ ତାଙ୍କ ଘରେ ପାଦ ପକାଇ ନାହାନ୍ତି ।

## ମହାରାଜାଙ୍କ ଗୋରା ରମଣୀ ବିବାହ

ଇନ୍ଦୋରର ମହାରାଜା ଅଷ୍ଟ୍ରେଲିଆ ଦେଶର ଜଣେ ଗୋରା ଅଭିନେତ୍ରୀଙ୍କୁ ୧୯୦୯ ରେ ବିବାହ କରିଥିଲେ । ଆର୍ଯ୍ୟ ସମାଜ ବିଧାନ ଅନୁସାରେ ବିବାହ ହୋଇଥିଲା । ସୀତାଦେବୀ ବୋଲି ଅଭିନେତ୍ରୀଙ୍କ ନାମ କରଣ ହୋଇଥିଲା ।

ବିବାହର କେତେକ ଦିନ ପର୍ଯ୍ୟନ୍ତ ଉଭୟେ ବେଶ୍ ସୁଖରେ କାଳାତିପାତ କଲେ । ଶେଷରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିବାରୁ ବର୍ଷକୁ ୨୫ ହଜାର ଟଙ୍କା ଦେବାପାଇଁ ମହାରାଜା ଗୋଟିଏ ଦାନପତ୍ର ଲେଖି ଦେଇଥିଲେ । ଉକ୍ତ ଟଙ୍କା ଆଦାୟ କରିବା ପାଇଁ ପାଟଣା ହାଇକୋର୍ଟରେ ଗୋଟିଏ ମୋକଦ୍ଦମା ହେଲା । ପାଟଣା ହାଇକୋର୍ଟ ସୀତାଦେବୀଙ୍କ ସପକ୍ଷରେ ଡିକ୍ରୀ କଲେ ।

ଏହି ଡିକ୍ରି ବିରୁଦ୍ଧରେ ମହାରାଜା ପ୍ରିଭି କାଉନସିଲରେ ଅପିଲ୍ କରିଥିଲେ । ଉକ୍ତ ଅପିଲ୍ ପ୍ରିଭିକାଉନସିଲରେ ଅଗ୍ରାହ୍ୟ ହୋଇଅଛି ।

## ଶାର୍ଦ୍ଦୁଳ ସିଂହଙ୍କ କନ୍ୟା ବିୟୋଗ

ସର୍ଦ୍ଦାର ଶାର୍ଦ୍ଦୁଳ ସିଂହ ବର୍ତ୍ତମାନ ଜେଲରେ, ତାଙ୍କର ସବୁଠାରୁ ଛୋଟ କନ୍ୟାଟି ଏଥି ମଧ୍ୟରେ ପରଲୋକ ଗମନ କରିଅଛନ୍ତି । ଶାର୍ଦ୍ଦୁଳ ସିଂହଙ୍କ ପତ୍ନୀ ମଧ୍ୟ ଜେଲରେ ଥିଲେ । ତାଙ୍କ କନ୍ୟାର ଅସୁସ୍ଥତା ସମ୍ବାଦ ପାଇ ସେ ଜାମିନ୍ ମୁଚଲିକାରେ ମୁକ୍ତ ହୋଇଥିଲେ ।

## ବୌଦ୍ଧ ଭିକ୍ଷୁଙ୍କୁ ଅନୁମତି ମନା

ବର୍ମାର ବିଖ୍ୟାତ ବୌଦ୍ଧଭିକ୍ଷୁ ଉତ୍ତମ ସ୍ୱାସ୍ଥ୍ୟଲାଭ ଓ ଧର୍ମପ୍ରଚାର ଉଦ୍ଦେଶ୍ୟରେ ବିଲାତ ଯିବା ପାଇଁ ଅନୁମତି ମାଗିଥିଲେ, ତାଙ୍କୁ ଉକ୍ତ ଅନୁମତି ମିଳିନାହିଁ ।

## ବିଶ୍ୱ ବିଦ୍ୟାଳୟର ସମ୍ମାନ

ଗତ ତା ୩ ରିଖ ଦିନ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ଚାନସେଲର ଏବଂ ଭାଇସ୍‌ଚାନସେଲର୍ ସଭାରେ ନିମ୍ନଲିଖିତ ୭ ଜଣଙ୍କୁ ଡାକ୍ତର ଅଫ୍-ଲ ଉପାଧିରେ ସମ୍ମାନିତ କରାଯାଇଅଛି ।

୧ । ତ୍ରାଭାଙ୍କୁରର ରାଜ ମହାରାଣୀ, ୨ । ସ୍ୟାର ଶଙ୍କର ନାୟାର, ୩ । ଭି. ଏସ୍. ଶ୍ରୀନିବାସ ଶାସ୍ତ୍ରୀ, ୪ । ସାର ଆକବର ହାଇଦରୀ, ୫ । ରାଜା ସାର ଅନ୍ନାମଲୈ ଚେଟିଆର୍, ୬ । ସାର୍ ଶିବସ୍ୱାମୀ ଆୟାର, ୭ । ମିଃ ସାଲ୍ ପେଲ ।

ସର୍ ସି. ଭି. ରମଣ୍ ବିଜ୍ଞାନ-ଡକ୍ଟର ଉପାଧି ପାଇଅଛନ୍ତି । ସ୍ୟାର୍ ଯୋସେଫ୍ ହେଟେନର ହେଡ଼ିଙ୍ଗ, ରେଭରେଣ୍ଡ ହରିଲୟମ୍ ମେଷ୍ଟନ ଓ ମହାମହୋପାଧ୍ୟାୟ ସ୍ୱାମୀନାଥ ଆୟାରଙ୍କୁ, ବିଜ୍ଞାନ-ଡକ୍ଟର ଉପାଧି ଦତ୍ତ ହୋଇଅଛି ।

## ଗୋରା ଶିଳ୍ପୀଙ୍କ ଅଭିମତ

ବିଲାତର ଫ୍ରେଣ୍ଡସ୍ ସୋସାଇଟିର ସଦସ୍ୟ ଏବଂ ଶିଳ୍ପୀ ମିଃ. ଏଡ୍ରିକ୍ ଜେମାନ୍ ଏଥି ମଧ୍ୟରେ ଭାରତ ଭ୍ରମଣରୁ ଫେରି "ମାଞ୍ଚେଷ୍ଟର ଗାର୍ଡ଼ିଅନ୍" ସମ୍ବାଦ ପତ୍ରରେ ଗୋଟିଏ ପ୍ରବନ୍ଧ ଲେଖିଛନ୍ତି । ଏହି ପ୍ରବନ୍ଧରେ ସେ ମିଃ. ଆଣ୍ଡ୍ରୁଜଙ୍କ ଉକ୍ତି ସମର୍ଥନ କରି ଲେଖିଅଛନ୍ତି କି —

ମିଃ. ଆଣ୍ଡ୍ରୁଜ୍ ସେ ଦେଶର ବିଶାଳ ଅନୁଭୂତିରୁ ଯାହା ଲେଖିଅଛନ୍ତି ଏଥି ମଧ୍ୟରେ ଭାରତ ପରିଦର୍ଶନ କରି ମୋ ମନରେ ମଧ୍ୟ ସେହି ଧାରଣା ଜାତ ହୋଇଅଛି । ଉଦ୍ଦେଶ୍ୟ ଯେତେ ମହାନ୍‌ଭବ ହେଉ ଏବଂ ଅଭିପ୍ରାୟ ଯେତେ ଆନ୍ତରିକତା ପୂର୍ଣ୍ଣ ହେଉ, ବ୍ରିଟିଶ ଗଭର୍ଣ୍ଣମେଣ୍ଟ ଯେଉଁ ଉଦ୍ଦେଶ୍ୟ ଭାରତ ସମ୍ବନ୍ଧେ ପୋଷଣ କରୁଛନ୍ତି ବୋଲି ଘୋଷଣା କରୁଛନ୍ତି ତାହା କାର୍ଯ୍ୟତଃ ବ୍ୟର୍ଥ ହୋଇଅଛି । ଯେଉଁ ସଂସ୍କାର ସେ ଦେବେ ବୋଲି କହୁଛନ୍ତି ତାହା ମଧ୍ୟ ପ୍ରଭାହତ ହୋଇଅଛି ।

—୦—

## ବାଣିଜ୍ୟ ଉନ୍ନତିର ସୂଚନା

ଲଣ୍ଡନର ଗୋଟିଏ ସଭାରେ ବକ୍ତୃତା ଦେବାକୁ ଯାଇ ସାର୍ ଏଭ୍‌ରେନ୍‌ଷ୍ଟ ବେନ୍ କହିଅଛନ୍ତି ୧୯୧୪ ପରେ ବାଣିଜ୍ୟ ବ୍ୟବସାୟର ଯେଉଁ ଶୋଚନୀୟ ଅବସ୍ଥା ଘଟିଥିଲା ତାହା ଏବେବେଳେ ବଦଳିଛି ଏବଂ ଭଲ ହେବାର ସମ୍ଭାବନା ମଧ୍ୟ ଅଛି । ଷ୍ଟିମ ଲଲଦାମ ବହୁପ୍ରକାର ମଧ୍ୟ ସେ କହୁଅଛନ୍ତି ।

ଲର୍ଡ଼ ଇଞ୍ଚକେପ୍ ଲଣ୍ଡନର ଗୋଟିଏ ସଭାରେ କହୁଅଛନ୍ତି, ଏବେବେଳେ ବାଣିଜ୍ୟ ଦୁର୍ଗତି କାଟିବାକୁ ଅଛି । ଏଥିର ବାଣିଜ୍ୟର ଉନ୍ନତି ଓ ଆର୍ଥିକ ଦୁର୍ଗତି ଦୂର ହେବା ପାଇଁ ବିଶେଷ କାରଣମାନ ଦେଖା ଗଲାଣି ।

—❋—

## ସାର୍ ଜର୍ଜ ସୁଷ୍ଟର

ଓଟୱା ସମ୍ମିଳନୀର କାର୍ଯ୍ୟ ଶେଷ ହେଲେ ଭାରତର ଅର୍ଥମନ୍ତ୍ରୀ ସାର ଜର୍ଜ ସୁଷ୍ଟର ଚାରିମାସ ଛୁଟି ନେବେ ବୋଲି ଶୁଣାଯାଉଅଛି ।

ସେ ବର୍ମାର ଗଭର୍ଣ୍ଣର ସ୍ୱରୂପ ସାର୍ ଚାର୍ଲସ୍ ଇନେସଙ୍କ ସ୍ଥାନରେ ନିଯୁକ୍ତ ହୋଇ ପାରନ୍ତି ବୋଲି ଅଳ୍ପ ଗୋଟିଏ ଜନରବ ଉଠିଛି ।

—❋—

## ଡାକ୍ତର ମୁଞ୍ଜେଙ୍କ ଇସ୍ତଫା

ନିଖିଳ ଭାରତ ହିନ୍ଦୁ ମହାସଭାର କାର୍ଯ୍ୟକାରୀ ସମିତିର ସଭାପତି ଡାକ୍ତର ମୁଞ୍ଜେ ତାଙ୍କ ପଦରୁ ଇସ୍ତଫା ଦେଇ ଅଛନ୍ତି । ମାତ୍ର କମିଟି ବର୍ତ୍ତମାନ ସେ ଇସ୍ତଫା ଗ୍ରହଣ କରିପାରୁ ନାହାନ୍ତି ବୋଲି କମିଟିର ସେକ୍ରେଟେରୀ ଜଣାଇ ଅଛନ୍ତି ।

ଗୋଲଟେବଲ ସମ୍ମିଳନୀ କମିଟିରୁ ଡାଃ ମୁଞ୍ଜେ ଇସ୍ତଫା ଦେବେ କି ନାହିଁ ତାହା ତାଙ୍କ ଇଚ୍ଛା ଉପରେ ନିର୍ଭର କରେ ବୋଲି ସେକ୍ରେଟେରୀ ମଧ୍ୟ ଜଣାଇଅଛନ୍ତି ।

—୦—

## ମଧ୍ୟପ୍ରଦେଶ କାଉନସିଲରେ ପ୍ରତିବାଦ

ସାର୍ ସାମୁଏଲ୍ ହୋରଙ୍କ ନୂତନ ପ୍ରବର୍ତ୍ତିତ କାର୍ଯ୍ୟପନ୍ଥାରେ ଅସନ୍ତୋଷ ପ୍ରକାଶ କରିବା କାରଣ ମଧ୍ୟ ପ୍ରଦେଶ କାଉନସିଲରେ ଗୋଟିଏ ପ୍ରସ୍ତାବ ଉଠିଛି । କାଉନ୍‌ସିଲ୍‌ର ଆସନ୍ତା ଅଧିବେଶନଟିରେ ଉକ୍ତବିଷୟରେ ଚର୍ଚ୍ଚା ହେବ ।

—❋—

## କୃଷ୍ଣବାବୁ ଜାମିନ୍‌ରେ ଖଲାସ

ଉତ୍କଳ ଯୁବ କର୍ମୀଙ୍କର ସମ୍ପାଦକ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପ୍ରଧାନ ଗତ ଡିସେମ୍ବରରେ ଗ୍ରେପ୍ତାର ହୋଇ ଜେଲ ହାଜତରେ ଥିଲେ । [illegible] ଛାଡ଼ି ଦେବେ ବୋଲି ସେ ଗତ ତା ୭ ରିଖ ଦିନ ଜାମିନରେ ଖଲାସ ହୋଇ ଅଛନ୍ତି । ୧୫ ତାରିଖ ଦିନ ତାଙ୍କର ବିଚାର ହେବ ।

## ଆଠଗଡ଼ ରାଜାଙ୍କର ଗାଦିପ୍ରାପ୍ତି

ଆଠଗଡ଼ର ନାବାଳକ ରାଜାଙ୍କର ଗତ ସେପ୍ଟେମ୍ବର ତାରିଖ ଦିନ ରାଜ୍ୟ ପ୍ରାପ୍ତି ହୋଇଅଛି । ନାବାଳକ ରାଜା ମହୋଦୟ କଟକ କଲେକ୍ଟରଙ୍କ ଅଧୀନରେ କାର୍ଯ୍ୟ ଶିକ୍ଷା କରୁଥିଲେ । ରାଜା ସାହେବଙ୍କୁ ଆମ୍ଭମାନେ ସେତେବେଳୁ ଜାଣିଅଛୁ ବେଶ କର୍ମଠ ଯୁବକ । ଆଶାକରାଯାଏ ରାଜ୍ୟ ପ୍ରାପ୍ତି ପରେ ଦୟାଭାବ ସହିତ ରାଜ୍ୟ ଶାସନ କରି ରାଜ୍ୟର ତଥା ପ୍ରଜାବର୍ଗଙ୍କର ଏବଂ ସର୍ବସାଧାରଣଙ୍କର ବିଶେଷ ପ୍ରୀତିଭାଜନ ହେବେ ।

## ବିହାରଓଡ଼ିଶା ଗେଜେଟ୍

ଓଡ଼ିଶାର ଆସିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସର ମିଷ୍ଟର ରଘୁନାଥ ଦାସ ଜୁଲାଇ ପନ୍ଦରରୁ ୨ ମାସର ଛୁଟି ପାଇଲେ ।

ପଣ୍ଡିତ୍ ଉସ୍ ଇସ୍ତଫା ଦେବାରୁ ତାଙ୍କ ସ୍ଥାନରେ ମିଃ. ସ୍ମିଥ୍ ଆଇ. ସି. ଏସ୍. ପାଟନା ହାଇକୋର୍ଟର ଜଜ୍ ସ୍ୱରୂପ ନିଯୁକ୍ତ ହେଲେ ।

ଓଡ଼ିଶା ଡିଭିଜନର ଆସିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସର ମିଃ. ସାମୁଏଲ୍ ଦାସ ଅଗଷ୍ଟ ପନ୍ଦରରୁ ୨ ମାସ ୩ଦିନର ଛୁଟି ପାଇଲେ ।

ସ୍କୁଲ ବାଳିକାଙ୍କ ଆସିଷ୍ଟାଣ୍ଟ ଇନସ୍ପେକ୍ଟ୍ରେସ୍ କୁମାରୀ ହାଜରା କଟକ ଜିଲାର ପରିଦର୍ଶିକା ନିଯୁକ୍ତ ହେଲେ ।

କଟକ ରେଭେନ୍ସା କଲେଜର ଅର୍ଥନୀତି ଅଧ୍ୟାପକ ଶ୍ରୀଯୁକ୍ତ ଗୋପୀନାଥ ସିଂହ ଜୁଲାଇ ତା ୧୮ ରିଖରୁ ପାଟଣା କଲେଜକୁ ବଦଳି ହେଲେ । ତାଙ୍କ ସ୍ଥାନରେ ବାବୁ ରବୀନ୍ଦ୍ରନାଥ [illegible] ଅସ୍ଥାୟୀ ଭାବରେ ନିଯୁକ୍ତ ହେଲେ ।

ପୁରୀର ଡିଷ୍ଟ୍ରିକ୍ ସବ୍‌ରେଜିଷ୍ଟ୍ରାର ବାବୁ ଜଗନ୍ନାଥପ୍ରସାଦ ପଟ୍ଟନାୟକ ଅଗଷ୍ଟରୁ ୧୮ଦିନର ଛୁଟି ପାଇଲେ । ଏହି ଛୁଟି ହେବାରୁ ସବ୍ ଡେପୁଟି କଲେକ୍ଟର ବାବୁ ରାଜମୋହନ ଦାସଙ୍କ ଅତିରିକ୍ତ କାର୍ଯ୍ୟଭାର ବହାଇ ଦିଆଗଲା ।

ଓଡ଼ିଶା ସର୍କଲର ଅସିଷ୍ଟାଣ୍ଟ ଇଞ୍ଜିନିୟର ବାବୁ ପ୍ରମୋଦରଞ୍ଜନ ସୁର ଗତ ଜୁଲାଇ ମାସର ବିଭାଗୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ।

—❋—

## ପରୀକ୍ଷା ଫଳ

ନିମ୍ନ ଲିଖିତ ଛାତ୍ରମାନେ ପ୍ରିଭିୟସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି —

ଫାଇନାଲ୍

୧ । କେଶୁଧର ପଣ୍ଡା
୨ । ସୂର୍ଯ୍ୟମଣି ଦାସ
୩ । ଭଗବତ ପ୍ରସାଦ ମିଶ୍ର

ନିମ୍ନ ଲିଖିତ ଛାତ୍ରମାନେ [illegible] ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି —

୧ । ଦିବାକର ଷଡ଼ଙ୍ଗୀ
୨ । ଅଭୟ ପ୍ରସାଦ ବସୁ

—୦—

Digitized by srujanika@gmail.com

ନ ୧୧୮ ୨ର

# ଲକ୍ଷ୍ମୀନାରାୟଣ ପୁସ୍ତକାଳୟ କାଜିବଜାର, କଟକ

ଏହି ସୁବୃହତ୍ ପୁସ୍ତକ ଭଣ୍ଡାରରେ ଓଡ଼ିଆଭାଷାରେ ପ୍ରକାଶିତ ଯେ କୌଣସି ପୁସ୍ତକ ଏବଂ ପ୍ରାଇମେରୀଠାରୁ ହାଇସ୍କୁଲ ଯାଏ ସମସ୍ତ ପାଠ୍ୟ ପୁସ୍ତକ ମିଳେ । ସୁବିଧାରେ କିସ୍ତିଭାବରେ ମୋଫସଲକୁ ପାର୍ଶଲ ପଠାଯାଇ ଥାଏ । ପରୀକ୍ଷା ପ୍ରାର୍ଥନୀୟ ।

ଚଳିତବର୍ଷ ପାଇଁ ଶିକ୍ଷା ବିଭାଗରୁ ମଞ୍ଜୁର ହୋଇଅଛି ଉଇ ପ୍ରାଥମିକ ଉତ୍କଳ ଇତିବୃତ୍ତ ଶ୍ରୀ ସୀତାନାଥ ରାୟ ଓ ଶେଖ୍ ନଜର ମୋହମ୍ମଦଙ୍କ କୃତ— ମୂଲ୍ୟ ଟ ୦ ।/ ପାଞ୍ଚଅଣା ମାତ୍ର

ଘରେ ଘରେ ପ୍ରଚଳିତ ହେବାପାଇଁ ଯୁଗୋଚିତ ଭାଷାରେ ଲେଖା, ରାମଚନ୍ଦ୍ରଙ୍କ ଜୀବନ ଚରିତ୍ର ।

## ସୀତାଙ୍କ ରାମାୟଣ

ଲେଖକ ଶ୍ରୀମାନ୍ ଚକ୍ରଧର ମହାପାତ୍ର

ସରଳ କୋମଳ ଭାଷାରେ ଲେଖା, ପିଲାଏ ପଢ଼ିପାରି ଚିଭ ବୁଝିପାରିବେ ।

ମୂଲ୍ୟ ଟ ୦ ୩

ସରୋଜନଳିନୀ ( ଜୀବନ ଚରିତ ସୁନ୍ଦର ଢଙ୍ଗରେ ପଦ୍ୟପୂର୍ଣ୍ଣ ) ଟ ୦ ୵୰

### ନୂତନ ପ୍ରକାଶିତ ସୁନ୍ଦର ପ୍ରୟୋଜନୀୟ ବହି

୧ ମା—( ଜନନୀ ଜନ୍ମଭୂମିର ବନ୍ଦନାତ୍ମକ କବିତା ) ଟ ୦ ୵

୨—ଗୀତାମୃତ ( ଗୀତାର ବାହାର ସବୁ ଜଣ ଜଣ । ଗୀତାର ସରଳ ଅନୁବାଦ ମୂଲ୍ୟ ଟ ୦ ୧

୩—ପଦ୍ମମାଳୀ ( ଗାନ୍ଧି ଓଡ଼ିଆ ଉପନ୍ୟାସ ଦ୍ୱିତୀୟ ସଂସ୍କରଣ ) ଟ ୧୧

୪—ସଙ୍ଗୀତ କୁସୁମୋଦ୍ୟାନ ( ଉର୍ଦ୍ଦୁ, ଓଡ଼ିଆ ଓ ବଙ୍ଗଳାଗୀତ ) ମୂଲ୍ୟ ଟ ୦ ।୵

୫—ପାଟିକା ( ସବୁ ରକମ ଭଜନ ସଙ୍କଳନ ଭାଷାରୁ ) ଟ ୦ ।୵

୬—ଗାଁ ମାଇପଙ୍କ ଗୀତ ( ଗାଉଁଲି ଭାଷାର ଲେଖା ) ଟ ୦ ୵୰

୭—ମିଶନ ବାଳିକା ( ବାଳିକାମାନଙ୍କ ପାଇଁ ) ଟ ୦ ୵୰

## ୧-ଲଗ୍ନ ଓ ରାଶି ଫଳ ଟ ୦ ୩

## ୨-ଜନ୍ମମାସ ଫଳ ଟ ୦ ।

ଲେଖକ ଶ୍ରୀ ଶ୍ୟାମସୁନ୍ଦର ଶାଠିଆ ବେଦାନ୍ତଭୂଷଣ

ଜ୍ୟୋତିଷଙ୍କ ଜଟିଳ ସମାଧାନ ଶୁଣିବା ଆଗରୁ ନିଜ ଭାଗ୍ୟ ଓ କର୍ମଫଳ ଜାଣିବାପାଇଁ ବହୁ ସାଧନାରେ ଲେଖା ଯାଇଅଛି । ପାଞ୍ଜି ପରି ଘରେ ଘରେ ସ୍ଥାନ ପାଇବା ପାଇଁ ଖୁବ୍ ସସ୍ତା ଦାମ ।

ଲେଖକ ଶେଖ୍ ସୁଲତାନ ମୋହମ୍ମଦ

ସହଜ ଇଂରାଜୀ ଶବ୍ଦବୋଧ ମୂଲ୍ୟ ଟ ୦ ୵

### ଦେଖେକ ଦେଶ—ପରିଚିତ ପୁସ୍ତକ

ସୁଭଦ୍ରାର୍ଜ୍ଜୁନ [ ସ୍ୱର୍ଗାନ୍ତକାରୀ ନାଟକ ] ଟ ୧ ୧

ଜନାବରଣ [ ହରଣ-କଥକ ଜନାର ଭାଷାଦେଶୁ ବାଣୀ ] ଟ ୦ ।/

ସୁଲଭ ରାମାୟଣ [ ନାନା ଛନ୍ଦରେ ସରଳ ପଦ୍ୟ ] ଟ ୦ ।

ନିତ୍ୟକର୍ମ ପୂଜା ପଦ୍ଧତି [ ଦ୍ୱିତୀୟ ସଂସ୍କରଣ ] ଟ ୦ ୩

ଚୌପଦୀ ରସକଲ୍ଲୋଳ ( ନାନାବିଧ ଚୌପଦୀ ) ଟ ୦ ।

ବିରହ କଲ୍ଲୋଳ—( ପ୍ରେମକୁନ୍ତଳା ) ଟ ୦ ୵

ଠିକଣା :—ଲକ୍ଷ୍ମୀନାରାୟଣ ପୁସ୍ତକାଳୟ, କାଜିବଜାର—କଟକ

No 167 20-8-32

Wanted at once a Trained Matric or a passed I. A. or I. Sc. having experience in teaching for the post of Second Master of the Bonai garh M. E. School, Bonai State on a salary of Rs. 30/- with a hostel allowance of Rs. 5/- P. M. and free quarters. Preference will be given to those who are efficient in School games and Scouting. Apply with copies of testimonials to the undersigned on or before 31st. August 1932.

Sd. A. J. Ollenbach,
Diwan,
Bonai State.
P. O. Bonai garh
Via-Panposh, B. N. Ry.

No. 166 3-9-32

Wanted some energetic youngmen and ladies wishing to earn more than Rs. 100/- per month, by working in leisure hours without investing any capital. Get free particulars from, The National T... Co. Lad...

ନ ୧୬୫ (୩-୮-୩୨)

ଆମ୍ଭେ ଶ୍ରୀ ଭଗୀରଥ ପଣ୍ଡା ପୁଅ ମନୋହର ପଣ୍ଡା । ଗ୍ରା । । ଥା । ରଘୁନାଥପୁର ହାଇଂ ଜଗତ୍ସିଂହପୁର । ପ୍ର । ଲକ୍ଷ୍ମଣଖଣ୍ଡ । ଜି । କଟକ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁ କି ଆମ୍ଭର ଜ୍ୟେଷ୍ଠ ପୁତ୍ର ସୁଦର୍ଶନ ପଣ୍ଡା ଅମ୍ଭ ସହିତ ବିବାଦ କରି ନାନାପ୍ରକାର କ୍ଷତି କରୁଅଛି ଏବଂ ଆମ୍ଭର ଓ ଆମ୍ଭର ଅନ୍ୟାନ୍ୟ ପୁତ୍ର ଅର୍ଥାତ ବିଦ୍ୟାଧର ପଣ୍ଡା, ନାରାୟଣ ଓ କନ୍ୟା ମାନଙ୍କ ସ୍ୱତ୍ତ୍ୱ ନାନାପ୍ରକାର ଉତ୍ପୀଡ଼ନ ଏବଂ ଅତ୍ୟାଚାର କରିବାରେ ଆମ୍ଭେ ତାହାଙ୍କୁ ତେଜ୍ୟ ପୁତ୍ର କରି ତାହା ସହିତ ଅଲଗା ଦ * ର୍ଣ୍ଣ ହେବ ପୃଥକ ଭାବେ ବସବାସ କରିଅଛୁଅଛୁ । ଏଥିଯୋଗୁ ଆମ୍ଭର ଗାଡି କମାନଙ୍କର ଏବଂ ଉଗ ଯୁକ୍ତ ମାନଙ୍କର ଯାଣିବା କାରଣ ଅତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦେଉଅଛୁ କି ସେମାନେ ଉକ୍ତ ସୁଦର୍ଶନ ପଣ୍ଡାକୁ କୌଣସି ପ୍ରକାର ଧାରଣା ଅବାସ୍ତ ଦେବ ନାହିଁ । ଦେଲେ ସେମାନଙ୍କ ପାଇଁ... ଦେବେ ନାହିଁ ।

ତା ୮ । ୮ । ୩୨
ଭଗୀରଥ ପଣ୍ଡା
। ଥା । ଜଗତ୍ସିଂହପୁର ଶାମିଲ ରଘୁନାଥପୁର
। ପ୍ର । ଲକ୍ଷ୍ମଣଖଣ୍ଡ ଥାନା କେନ୍ଦ୍ରାପଡ଼ା
ଜୋ କଟକ ଜିଲ୍ଲା ପଟ୍ଟଣା

ନ ୧୬୭ (୨୦-୮-୩୨)

ମହିଳାମାନଙ୍କପାଇଁ ଚୋଲ୍ପୁ ଚୋଲ୍ପୁ ବାଲି



ଏହାର ରଙ୍ଗ ଭିନ୍ନ ସୁନାପରି ବ୍ୟବହାରରେ ରଙ୍ଗ ବଦଳ ହୁଏନାହିଁ । ଉତ୍ତମ ପାଲିସ କରାହୋଇଛି । ଛୋଟ, ମଧ୍ୟମ, ଓ ବଡ଼ ସାଇଜ ଏକସେଟ୍ର ମୂଲ୍ୟ ଟ ୧। ମାତ୍ର

ମହିଳାମାନଙ୍କ ପାଇଁ କେମିକାଲ ସୁନାର ଇଅରରିଙ୍ଗ୍—ଏହା କେମିକାଲ ସ୍ୱର୍ଣ୍ଣ ନିର୍ମିତ



ରଙ୍ଗ ଅବିକଳ ଠିକ ସୁନାପରି ଉପହାର ଦେବା ଏହା ଉପଯୁକ୍ତ । ପ୍ରତି ଯୋଡ଼ା ଟ ୧। ମାତ୍ର ପ୍ୟାକିଂ ଓ ଡାକମାସୁଲ ଟ ୦।୵ ସ୍ୱତନ୍ତ୍ର

ଉପହାର—ଉପରୋକ୍ତ ୬ ଯୋଡ଼ା ବାଲି ଓ ୨ ଯୋଡ଼ା ଇଅରିଙ୍ଗ ଖରିଦ କଲେ ଗୋଟିଏ ଲେଡ଼ି ରୁପାର ଘଡ଼ି ଉପହାର ଦିଆଯିବ

ORIENTAL AGENCY
62/ A. Braun feld Row,
(V) P. o ...

Split by PDF Splitter
Digitized by srujanika@gmail.com

Split by PDF Splitter




## ନୋଟିସ

### ଜିଦ୍ୟୁତ୍ ସାହାଯ୍ୟରେ ରୋଗ ଉପଶମର ଆଶ୍ଚର୍ଯ୍ୟ ଉପାୟ ପ୍ରସିଦ୍ଧ ଗାଲଭନ୍ ମୁଦି



ଏହା ଭକ୍ତି ପରଷ୍ଟାର ଜରେ ଏବଂ କଲେରା, ବସନ୍ତ, ତାଲୁ ଇତ୍ୟାଦି ସମସ୍ତ ପ୍ରକାର ସଂକ୍ରାମକ ରୋଗର ପ୍ରତିଷେଧକ । ଯେତେବେଳ ପର୍ଯ୍ୟନ୍ତ କୌଣସି ଲୋକ ଏଥିଧାରଣ କରିଥିବେ ସେତେ-ବେଳଯାଏ ଏହା ସମସ୍ତ ପ୍ରକାର ସଂକ୍ରାମକରୋଗ ତାଙ୍କ ଦେହରେ ପ୍ରବେଶ କରିପାରିବନାହିଁ । ଏହା ସୁନା ରୁପା ଏବଂ ଖଣ୍ଡିକ ଜର୍ମାନଶିଲ୍ପରର କସ୍ତା ଓ ତମ୍ବାହୁର ନିର୍ମିତ ଏବଂ ଏହାର ଭିତରେ ଅଙ୍ଗୁଳି ପ୍ରବେଶ ହେବା ମାତ୍ରେ ଏଥିରେ ଗାଲ୍ଭାନ କାରେଣ୍ଟ ସୃଷ୍ଟି ହୁଏ । ସୁନା ପ୍ରତ୍ୟେକ ଗୋଟା ଟ ୫॥୶, ରୁପା ଟ ୧॥/, ଏକତ୍ରରେ ୬ ଗୋଟା ମଗାଇଲେ ଟ ୩॥ ଓ ୧୨ ଗୋଟା ମଗାଇଲେ ଟ ୭॥ ତାର ମହାସୁଲ ଟ ୦।୶ ସ୍ୱତନ୍ତ୍ର ।

ଉପହାର୍ ଯେ ଏକ୍ଷ ଜର୍ମାନ୍ ଶିଳ୍ପର ସୁନ୍ଦର ଜଣିଲେ ତାଙ୍କୁ ଗୋଟିଏ ଗୋଲ୍ଡ ସ୍ପେଟେଣ୍ଟ ଘଡ଼ୀଟ ସେଣ୍ଟ ଉପହାର ଦଅଯିବ ।

ଜମ୍ମୁ ଠିକଣାରୁ ପତ୍ର ଲେଖ

Reliable Stores
No. 2 (U.)
Shyam Charan Dey street
Calcutta.


# Woodhouse Memorial Prize.

In memory of Mr. E. J. Woodhouse, Late Economic Botanist and Principal of Sabour Agricultural College who was killed in action in France in 1917, a prize in the form of a silver medal and books of a combined value of Rs. 85/- will be awarded to the writer of the best essay on a subject of botanical interest to be selected from the list noted below. The length of the essay should not exceed 4,000 words.

The competition is open to graduates of Indian Universities and to Diploma holders and Licentiates of recognised Agricultural Colleges in India who are not more than 30 years of age on the date of submission of their essays.

Papers should be forwarded to the Director of Agriculture, Bihar and Orissa, Patna before November 1st, 1932.

Failing papers of sufficient merit no award will be made.

D. R. Sethi,
Director of Agriculture, B. & O.

List of subjects for 1932 prize :—

1. The economics of an agricultural holding in North Bihar.
2. A scientific basis for the classification of the varieties of rice cultivated in India.
3. Factors governing yield of crops.
4. The importance of root studies in crop improvement.

## ନୀଲାମ ଇସ୍ତାହାର

ନ ୯୧୬ ନମ୍ବର ଜାରି ସନ ୧୯୩୨ ମସିହା

କେନ୍ଦ୍ରାପଡ଼ା ମୁନ୍ସ ମୁନସଫି ମହକୁମାର

ଶ୍ରୀମତୀ ସୁପର୍ଣ୍ଣମଇ ଦାସୀ ଡ଼ିଃ

ଫକୁ ସାହୁ ଓଗେର ଦେଃ ମାନେ

ଉକ୍ତ ମୋକଦ୍ଦମାର ନିଲାମ ଧାର୍ଯ୍ୟ ତା ୧୬।୯।୩୨ ଇସେ ଜରଜଗ୍ରୀ ଟ ୧୯୫୪॥୶୬ ପାଉଣା ହେଉଅଛି

କଟକ ଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ସବ ରେଃ ଓ ପୁଲିସ ଇଲାକାର ପ୍ରାଃ ଗଜଣ ନ ୧୪୮୬ ନମ୍ବର ତୌଜି ଭିତରେ ମଡ଼ିଆଳ ବଟଥିଲ ମୌଃ ମଡ଼ିଆଳ ଖାଃ ଉଦ୍ଧବ ନଗର ଉଡବାରେଥିବା ସ୍ୱନ୍ଦନା ଇଏଗ ହାଲ ବନ୍ଦୋବସ୍ତରେ ନ ୧ ନମ୍ବର ଖତିଆନ ନାମର ନ ୬୯୧ ନମ୍ବର ଖାତା ବାଃ ଏ୦—୪ ଡ଼ିଃ ଜମା ଟ ୦୩ ଉକ୍ତ ଜମି ଓ ଡାଲସର ଉପର୍ ଗୋ ୨ ଟାଲୁ ବ ୪ ଗଜ୍ ଓ ଟୁଙ୍ଗି ଗୋ ୧ ଟାଲୁ ବ ୧ ଗଜ ଓ ତହିଁରେ ଲଗିଥିବା ଦୋଆଟ ଉଲ୍ଲାଠ ସହିତ ଅବଧ ଥାଇ ଏ ମୋକଦ୍ଦମ ରେ ନିଲାମହେବ ଅଃ ମୂଃ ଟ୮୦୧କା ଅଟେ

—o—

ନ ୭୬ ନମ୍ବର ଜାରି ସନ ୧୯୩୨ ମସିହା

କାଳକୃଷ୍ଣ ସ୍ୱଦ୍ଧ ଓଗେର ଡ଼ିଃ ମାନେ

ମଥୁର୍ ମଲ୍ଲିକ ଓଗେର ଦେଃ ମାନେ

ଏ ମୋକଦ୍ଦମାର ଜରଜରି ଟଙ୍କା ଅଦାଏ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତି କେନ୍ଦ୍ରାପଡ଼ା ମୁନସଫିଙ୍କ ଅଦାଲତରେ ତା ୧୬।୮।୩୨ ଇସେ ନିଲାମ ହେବ ।

ପ୍ରାଃ ଅଷ୍ଟରେଖର ନ ୧୦୬୨ ନମ୍ବର ତୌଃ ତାଃ ଲୁଙ୍ଗମୁର ମୌଃ ଜରିଲେ ଉଡବାରେ ଥିବା ନ ୫୩୫ ନମ୍ବର ସିକ୍ସ ବାଃ ପାହ ଏ୨—୩୧ଲୁ ଜମା ଟ ୬୧ ଉକ୍ତ ଏ୨—୩୧ଡ଼ିଃ ଜମି ଓ ଉଦମ୍ଭିତ ଅମ୍ବ କାଇ ସ୍ୱ,ଓଗେର ଭୁଯାଣ ସହିତ ସକଳ ପ୍ରକାର ସତ୍ୱ ବନ୍ଧକଅଛି, ନିଲାମ ହେବ । ଅଃ ମୂ ଟ୨୦୦୧

—o—

ସବଜଜ କୋର୍ଟ, କଟକ

ନ ୩୨୮ ନମ୍ବର ଡ଼ିଃ ଜାରି ସନ ୧୯୩୨ ମସିହା

ହରକାର ବାହାଦୁର ଡ଼ିଃ

ବନାମ

ଫକୀର ବଳିଆ ଦେଃ

ଭଃ ଥାନା ସଃ ରେଃ କଟକ ପ୍ରଃ କୋଦଣ୍ଡ ଖାଃ ତାଃ ରଘୁନାଥପୁର ଛଃ ନ ୧୬୨୬ ନମ୍ବର ସଦର ଜମା ଟ୧୩୨୭୧ । ଏହି ତଉଜରୁ ଦେଣଦାରର ଅଂଶ ଟ୦୩ ରୁ ନିମ୍ନଲିଖିତ ମୌଜାମାନ ନିଲାମହେବ ।

(୧) ବାଘୁଆଘଡ଼ା, (୨) ବମ୍ଭ୍ରା, (୩) ଜସ୍ୱଳ, (୪) ଦେର୍ଓପୁର, (୫) [illegible] (୬) ଭୁଲସତ ଚୁଆ (୭) ଉମେଇଶାପୁର

—o—

ନ ୧୨୪ ନମ୍ବର ଜାରି ସନ ୧୯୩୨ ମସିହା

। ଲ । ଜଜମ୍ ମୁନସଫି କଟକ

ସେଖ୍ ଇନାମୁଲ୍ଲ ଡ଼ିଃ

ସେଖ୍ ଅଲ୍ଲାବକସ୍ ଦେଃ

ଉପର ଲିଖିତ ନମ୍ବର ମୋକଦ୍ଦମାରେ ଡିକ୍ରୀଦାରଙ୍କର ଜରଜଗ୍ରୀ ଓଗେର ପାଉଣା ନିମନ୍ତେ ଦେଣଦାରଙ୍କର ଅଚଳନ୍ତି ସମ୍ପତ୍ତି ତା ୧୬ । ୮ । ୩୨ ଇସେ ନିଲାମ ହେବ

ତପସିଲ ସମ୍ପତ୍ତି

୧ । କଟକ ଜିଲ୍ଲା ଅନ୍ତର୍ଗତ ପୁଲିସ ଷ୍ଟେସନ ଓ ନଂ ରେଃ ମୁଃ ସାଲେପୁର ଇଲାକାଧୀନ ପ୍ରାଃ ମାଲୁଦଲ ନଗର ମୌଃ ଖଣ୍ଡୋଲ ଉଡବାରେ ଥିବା ନ ୩୫୬ ନମ୍ବର ଖତା ମଧ୍ୟରୁ ଦେଣଦାରର ଗରସା ଏ୦—୮୫ ଡ଼ିଃ ନିଲାମ ହେବ ।

୨ । ପ୍ରାଃ ଏକଲ ମୌଃ ଏକଲ ଉଡବାରେ ଥିବା ସ୍ଥିତିବାନ ନ ୩୦୧ ନମ୍ବର ଖାତା ମଧ୍ୟରୁ ଏ୦—୨୩୧—୮ଲଭ

୩ । ପ୍ରାଃ ସୁଙ୍ଗଡ଼ା ମୌଃ ସୁମଜାପୁର ଉଡ-ବାରେ ଥିବା ସ୍ଥିତିବାନ୍ ନ ୪୩୨ ନମ୍ବର ଖତା ମଧ୍ୟରୁ ଏ୦—୩୬—୪ ଲଭ

—o—

ନ ୫୧୨ ନମ୍ବର ଡିକ୍ରୀଜାରି ସନ ୧୯୩୨ ମସିହା

ଲଃ ଜ୍ଞିଜମ୍ ମୁନସଫି

ଶ୍ରୀମତୀ ସରୋଜନୀ ଦେବୀ ଡ଼ିଃ

କୈଳାସଚନ୍ଦ୍ର ସିଂହ ଦେଃ

ନିଲାମ ଧାର୍ଯ୍ୟ ତା ୧୬।୮।୩୨ ଇସେ

୧ । କଟକ ଜଃ ପୋଃ ସଃ ରେଃ ମୁଃ ସାଲେପୁର ପ୍ରାଃ ପାଏଡା ନ ୫୬୮ ନମ୍ବର ଥାନା ମୌଃ ବାରଦାରେ ଥିବା ହାଲ ବଃ ମୁଃ ଦେଣଦାର ନାମର ନ ୪୦୬ ନମ୍ବର ଖାତା ଭଃ ସ୍ଥିତିବାନ ଏ୩—୧୫ ରୁ ଜମା ଟ୧୦। ମଧ୍ୟରୁ ଭଃ ଟ୦୩ ରୁ ଏ୧—୫୬୨ ରୁ ଜମା ଟ୦୶ ବୃତ୍ତି ଏ ମୋକଦ୍ଦମାରେ ନିଲାମ ହେବ ଅଃ ମୂଃ ଟ୬୦୧

୨ । ପ୍ରାଃ ଏକଲ ନ ୫୮୪ ନମ୍ବର ଥାନା ମୌଃ ଅରିଲେରେ ଥିବା ହାଲ ବନ୍ଦୋବସ୍ତ ମୁଢ଼ାକର ଦେଃ ନାମର ନ ୧୫୪ ନମ୍ବର ଖାତା ବାଃ ସ୍ଥିତିବାନ ଏ୧—୩୦ ରୁ ଜମା ଟ୪୶ ବୃତ୍ତି ଏ ମୋକଦ୍ଦମାରେ ନିଲାମହେବ ଅଃ ମୂ ଟ୫୦୧

—o—

ନ ୨୩୬ ନମ୍ବର ଜାରି ସନ ୧୯୩୨ ମସିହା

କଟକ ମୁଃ ୨ୟ ମୁନସଫି ଅଦାଲତ

ଶ୍ରୀ ନରେନ୍ଦ୍ରନାଥ ସୁର ଓଗେର ସାଃ ସେହକଟାର ସଃ କଟକ ଦାସ ଡ଼ିଃ ମାନେ

ଅମର ନହାନ୍ତି ଓଗେର ସାଃ ମଣ୍ଡାପଡ଼ା ପ୍ରଃ କଟକ ହାବେଲି ଦାବୀ ଦେଃ ମାନେ

ଏ ମୋକଦ୍ଦମାର ଜରଜରି ଓଗେର ପାଉଣା ଟଙ୍କା ଅଦାଏ କରାଯିବା ନିମନ୍ତେ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ତା ୧୬।୮।୩୨ ଇସେ ନିଲାମ ହେବ ।

ତପସିଲ ସମ୍ପତ୍ତି

ଭଃ କଟକ ସଦର ପ୍ରାଃ କଟକ ହାବେଲି ନ ୧୯୬୦।୧୯୬୧ ନମ୍ବର ତୌଜିମାନଙ୍କ ଉକ୍ତ ମୌଃ ମଣ୍ଡାପଡ଼ା ଉଡବାରେଥିବା ପାଟସ୍ଥିତିବାନ ରକ୍ଷିତ ନ ୨୬୩ ନମ୍ବର ଖାଃ ବାଃ ଏ୬—୩୫ଡ଼ିଃ ରୁ ଜମା ଟ୧୦୧ ଉକ୍ତ ବିକିକରିବା ସକଳ ପ୍ରକାର ସତ୍ୱ ସହିତ ବୃତ୍ତି ନିଲାମ ହେବ ଅଃ ମୂ ଟ୮୦୧

—o—

Digitized by srujanika@gmail.com

REGISTERED NO. 06

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି

ବାର୍ଷିକ ଅଗ୍ରୀମ ମୂଲ୍ୟ ଟ ୩ ୧
ପ୍ରତିଖଣ୍ଡ ଟ ୦୧୬

ଖଣ୍ଡ ୬୭ ଶ

Cuttack, Saturday the 27th August 1932
ଭାଦ୍ର ୧୧ ତ ଶନିବାର ୧୩୩୯ ସାଲ ଶନିବାର

୩୫ ଶ ସଂଖ୍ୟା

## ଗଞ୍ଜାମରେ ଉତ୍କଳ ସମ୍ମିଳନୀର ବିଶେଷ ଅଧିବେଶନ

ଗତ ରବିବାର ଚଳିତ ମାସ ତା ୨୧ ଖରେ ବରହମପୁରଠାରେ ଉତ୍କଳ ସମ୍ମିଳନୀର ଗୋଟିଏ ବିଶେଷ ଅଧିବେଶନ ହୋଇଥିଲା । ରାଏ ବାହାଦୁର ଲକ୍ଷ୍ମୀଧର ମହାନ୍ତି ଅଭ୍ୟର୍ଥନା ସମିତିଙ୍କ ଦ୍ୱାରା ଅନୁରୁଦ୍ଧ ହୋଇ ଏହି ବୈଠକରେ ସଭାପତି ଆସନ ଗ୍ରହଣ କରିଥିଲେ । ଏହି ଅଳ୍ପ ସମୟ ମଧ୍ୟରେ ବରହମପୁରର ଓଡ଼ିଆ ନେତାମାନେ ସମ୍ମିଳନୀର ଯେ ସମସ୍ତ ଆୟୋଜନ କରିପାରି-ଥିଲେ ତାହା ଅତ୍ୟନ୍ତ ପ୍ରଶଂସନୀୟ । ଗଞ୍ଜାମର ଅନ୍ୟାନ୍ୟରେ ଉତ୍କଳର ଭିନ୍ନ ଭିନ୍ନ ଅଞ୍ଚଳରୁ ବହୁ-ସଂଖ୍ୟକ ପ୍ରତିନିଧି ଏହି ସମ୍ମିଳନୀରେ ଅତି ଆଗ୍ରହ ସହକାରେ ଯୋଗ ଦେଇଥିଲେ ।

ଡେଲିମିଟେସନ ଏବଂ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ସମ୍ବନ୍ଧରେ ସୀମାନିର୍ଦ୍ଦେଶ କମିଟି ଅବଗତ କରିଥିବା ଓ ସରକାର ମଧ୍ୟ କମିଟି ନେଇଛନ୍ତି ଏହି ପ୍ରଦେଶ ଗଠନ ସମ୍ବନ୍ଧେ ରିପୋର୍ଟ ଦେଇ ଅଛନ୍ତି ତାହା ମଧ୍ୟ କାର୍ଯ୍ୟରେ ପରିଣତ କରିବା ପାଇଁ ବିଶେଷ ଅବହେଳା ପ୍ରଦର୍ଶନ କରିଥିବାରୁ ଉଭୟରେ ଓଡ଼ିଆ ଜାତି ମର୍ମାହତ ହୋଇଅଛନ୍ତି । ତାହାହିଁ ପ୍ରକାଶ କରିବା ନିମନ୍ତେ ଏହି ବିଶେଷ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

ଗଞ୍ଜାମର ରାଜନ୍ୟବର୍ଗ ବିଶେଷତଃ ପାରଳାଖେମୁଣ୍ଡିର ଏହି ଦେଶହିତକର କାର୍ଯ୍ୟରେ ସର୍ବାପେକ୍ଷା ଅଧିକ ସହି, ପରିଶ୍ରମ, ଅର୍ଥବ୍ୟୟ ଓ ଚେଷ୍ଟା କରି ସମସ୍ତ ଓଡ଼ିଆ ଜାତିର କୃତଜ୍ଞତାଭାଜନ ହୋଇଅଛନ୍ତି ।

### ( ବୈଠକ )

୨୧ ତାରିଖ ପ୍ରାତଃକାଳରେ ସଭାପତି କଟକରୁ ଗ୍ରାମ୍ୟ ୩୦ ଜଣରୁ ଊର୍ଦ୍ଧ୍ୱ ପ୍ରତିନିଧିଙ୍କ ସହ ବରହମ-ପୁର ରେଲଷ୍ଟେସନରେ ଉପସ୍ଥିତ ହେଲେ । ଅଭ୍ୟ-ର୍ଥନା ସମିତିର ସଭ୍ୟମାନେ ଏବଂ ସ୍ୱେଚ୍ଛାସେବକ ଷ୍ଟେସନରେ ଉପସ୍ଥିତ ହୋଇ ସଭାପତିଙ୍କ ଏବଂ ପ୍ରତିନିଧିମାନଙ୍କୁ ଅଭ୍ୟର୍ଥନା କରି ନେଇଗଲେ । କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ପ୍ରଭୃତି ସ୍ଥାନରୁ ଯଥେଷ୍ଟ ସଂଖ୍ୟାରେ ପ୍ରତିନିଧିମାନେ ଉପସ୍ଥିତ ହୋଇଥିଲେ । ଅଭ୍ୟର୍ଥନା ସମିତି ସେମାନଙ୍କର ରହିବାର ଓ ଖାଇବାର ଯଥେଷ୍ଟ ବ୍ୟବସ୍ଥା କରିଥିଲେ । ସକାଳ ୮ଟା ସମୟରେ ଟାଉନ-ହଲରେ ବିଷୟ ନିର୍ବାଚନ କମିଟିର ବୈଠକ ହେଲା । ଅପରାହ୍ନ ପରେ ୨ଟା ସମୟରେ ସମ୍ମି-ଳନୀର ବୈଠକ ଆରମ୍ଭ ହେଲା । ଉକ୍ତ ସମୟ ପୂର୍ବରୁ ପ୍ରତିନିଧି ଓ ଦର୍ଶକମାନଙ୍କ ଦ୍ୱାରା ସଭା ଗୃହଟି ପୂର୍ଣ୍ଣ ହୋଇଗଲା । ସଭା ଗୃହର ବାହାରେ ଏବଂ ବାହାରରେ ମଧ୍ୟ ବହୁ ସଂଖ୍ୟାରେ ଦର୍ଶକ ସମବେତ ହୋଇଥିଲେ । ସେଠାରେ ସେମାନଙ୍କ ଆଗ୍ରହ ଦେଖି ବୋଧହୁଏ କୌଣସି ନେତାଙ୍କ ଅପ୍ରସ୍ତୁତ ହୋଇ ରହିଥାଇ ନ ଥିବେ ।

ସମ୍ମିଳନୀ ପାରଳାଖେମୁଣ୍ଡିଙ୍କୁ ଅଭ୍ୟର୍ଥନା କରି ତାହାଙ୍କୁ ଗୋଟିଏ ଅଭିନନ୍ଦନ ପତ୍ର ଅର୍ପଣ କରି-ଥିଲେ । ପାରଳାଖେମୁଣ୍ଡି ଓଡ଼ିଆ ଜାତି ନିମନ୍ତେ ଯେତେ ଯେତେ ଉତ୍କଳର କାର୍ଯ୍ୟ କରି ଅଛନ୍ତି ସିଇପ୍ ରୟ କମିଶନରଙ୍କ ନିକଟ ସମସ୍ତରେ ତାହାଙ୍କର ଯତ୍ନ, ଗୋଲଟେବୁଲ ବୈଠକରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ତଥା ଉତ୍କଳ ବଳ ଓଡ଼ିଆ ଜାତିପାଇଁ ଯେତେଦୂର ଲୋକଙ୍କ ଚିନ୍ତନ ହୋଇଅଛନ୍ତି ଦେଶର ଓ ଜାତିର ଶିକ୍ଷା, କୃଷି, ଶିଳ୍ପ ଓ ବାଣିଜ୍ୟ ପ୍ରଭୃତି ଉନ୍ନତି ନିମନ୍ତେ ସେ ଯେତେଦୂର ଯତ୍ନ ଓ ଉଦ୍ୟମ କରିଅଛନ୍ତି ସେ ସମସ୍ତ ଅଭିନନ୍ଦନ ପତ୍ରରେ ବର୍ଣ୍ଣିତ ହୋଇଥିଲା । ବାବୁ ଲିଙ୍ଗରାଜ ପାଣିଗ୍ରାହୀ ଅଭିନନ୍ଦନ ପତ୍ରଟି ପାଠ କଲେ ଏବଂ ତାହା ଗୋଟିଏ ହାତୀଦାନ୍ତର ବାକ୍ସରେ ସମର୍ପିତ ହେଲା । ରଙ୍ଗୀନ ବହୁତ ସୁନ୍ଦର ଭାବରେ ସଜାଇ ସମ୍ମିଳନୀରେ ଅର୍ପିତ ହେଲା ।

ରାଜା ମହାଶୟଙ୍କ ଉତ୍ତରପରେ ସଭାପତି ଶ୍ରୀଯୁକ୍ତ ହୋଇଥିବା ତାହାଙ୍କର ଅଭିଭାଷଣ ପାଠ କରି ସମ୍ମିଳନୀର ଉଦ୍‌ଘାଟନ କଲେ । ତତ୍ପରେ ସଭାପତି ଆସନ ଗ୍ରହଣ କଲାପରେ ଅଭ୍ୟର୍ଥନା କମିଟିର ସଭାପତି ମଣ୍ଡଳାର ରାଜାସାହେବ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଦେଓ ତାଙ୍କର ସଂକ୍ଷିପ୍ତ ଅଭିଭାଷଣ ପାଠ କଲେ । ଅଭ୍ୟର୍ଥନା କମିଟିର ସଭାପତିଙ୍କର ଅଭିଭାଷଣଟି ସୁନ୍ଦର ଭାବରେ ମୁଦ୍ରିତ ହୋଇଥିଲା । ତାହା ଉପରେ ପ୍ରକାଶିତ ହେଲା । ତତ୍ପରେ ସଭାପତି ତାହାଙ୍କର ଅଭିଭାଷଣ ପାଠ କଲେ :—

ତାହାଙ୍କ ଅଭିଭାଷଣରେ ସେ କହିଥିଲେ ଯେ ସୀମାନିର୍ଦ୍ଦେଶ କମିଟି ଜଳଭୂମି, ଜୟପୁର ଓ ଗଞ୍ଜାମ ପ୍ରଭୃତି ଅଞ୍ଚଳରେ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରେ ନୀତି ଅବଲମ୍ବନ କରି ପରୀକ୍ଷା କରିବାରୁ ଓଡ଼ିଆ ଜାତିପ୍ରତି ବିଶେଷ ଅନ୍ୟାୟ କରିଅଛନ୍ତି । ୧୯୦୩ ସାଲ ରିସିଲ (Risly) ପତ୍ରରେ କେବଳ ତାଳଚେର ତାଲୁକ ଛଡ଼ା ଗଞ୍ଜାମ ସମ୍ପୂର୍ଣ୍ଣ ଓଡ଼ିଶା ସନ୍ତ୍ରୁକ୍ତ ହେବାର ମତ ପ୍ରକାଶିତ ହୋଇଥିଲା । ପାର୍ଲାମେଣ୍ଟ ଓ୍ୟାଇଟପେପର ମତାମତରେ ଓଡ଼ିଆଙ୍କ ଅର୍ଥ ସାହାଯ୍ୟରେ ଯେ କେତେକୋଟି ଅଧିକ କରି ଦ୍ୟକ୍ତି କାଟି ନିଆଯାଉଛି ଏହା ଡେପୁଟେ-ସନ ଗଠନରେ ଓ ଯୁକ୍ତ କମିଟି ରିପୋର୍ଟ ସହ ସରକାରୀ ଶାସନତନ୍ତ୍ର କେତେକ ଅନ୍ୟାୟ କଥା କହିବା ଏବଂ ଏସବୁ ପ୍ରମାଣ ବିଷୟରୁ ଭିନ୍ନ ଭାବରେ ଦେଖାଇବା ଅତି ଯେ ସମସ୍ତ କାର୍ଯ୍ୟ କରିଅଛନ୍ତି ତତ୍ପ୍ରତି ସେ ବିଶେଷ ଘୃଣା ପ୍ରକାଶ କରିଥିଲେ । ଅର୍ଥ ସମସ୍ୟା ସମ୍ବନ୍ଧେ ସେ କହିଥିଲେ ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠନ ନିମନ୍ତେ କେବଳ ଅର୍ଥ ଅଭାବର ହେତୁ ନାହିଁ । ଓଡ଼ିଶା ଦେବାର ସମ୍ବନ୍ଧେ ଯେଉଁ ଅବସ୍ଥା ଜାଣୁ ଓଡ଼ିଆ ଭାଇରେ ସହାୟ କରିଥାଉଥିଲି ତାହା ଅନ୍ୟାୟ । ସିଂହ-ଭୂମ ଓ ମାନ୍ଦ୍ରାଜ ପ୍ରଭୃତି ଅଞ୍ଚଳ ଅଧିବାସୀ ମାନଙ୍କର ଏବଂ ଗଞ୍ଜାମର ଓଡ଼ିଆଙ୍କ ଦାବି ସମ୍ପୂର୍ଣ୍ଣ ଅଛି । ସେମାନେ କେବଳ ଓଡ଼ିଆ ଶିକ୍ଷା କରୁଅଛନ୍ତି । ଇତ୍ୟାଦି ଇତ୍ୟାଦି……

ତତ୍ପରେ ଅନେକଗୁଡ଼ିଏ ପ୍ରସ୍ତାବ ଆଗତ-ହୋଇ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇ-ଥିଲା । ତାହା ନିମ୍ନରେ ପ୍ରଦତ୍ତ ହେଲା :—

୧ । ପୃଥକ ଓଡ଼ିଆ ପ୍ରଦେଶ ହେବାପଥା ଅବଶ୍ୟ ଲମ୍ବେ ଘୋଷଣା କରି ସେ ସଂପର୍କରେ ଅସନ୍ତୋଷଜନକ ବ୍ୟବସ୍ଥା କରିବାପାଇଁ ଏ ସମ୍ମିଳନୀ ଭାରତ ସରକାର ତଥା ଭାରତ ସଚିବଙ୍କ ପାଖରେ ଦାବି କରୁଛି ।

ଅନ୍ୟ ପୃଷ୍ଠା ୧ମ ସ୍ତମ୍ଭ ଦେଖ

Split by PDF Splitter

Digitized by srujanika@gmail.com

# ଉତ୍କଳ ଦୀପିକା

## ଅଗଷ୍ଟ ତା ୨୭ ରିଖ ଶନିବାର

୨। ଏହା ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ ହେବାପାଇଁ ଓ'ଡ଼ୋନେଲ କମିଟି ଯେଉଁ ଅଞ୍ଚଳ ମାନ ସୁପାରିଶ କରି ରିପୋର୍ଟ ଦେଇ ଅଛନ୍ତି, ତାହା ସାଧାରଣ ଭାବରେ ସ୍ୱୀକାର କରିବା ସଙ୍ଗେ, ନିମ୍ନଲିଖିତ ଅଞ୍ଚଳ ମାନ ନୂତନ ପ୍ରଦେଶରୁ ବାଦ ଦିଆଯିବା ପାଇଁ ଯେଉଁ ପ୍ରସ୍ତାବ ହୋଇଛି ସେ ସଂପର୍କରେ ଏହି ସମ୍ମିଳନୀ ତାହାର ଆପତ୍ତି ବଳବତ୍ ଭାବେ ଲିପିବଦ୍ଧ କରୁଛନ୍ତି।

(କ) ଗଞ୍ଜାମରେ ଇଚ୍ଛାପୁର ଓ ମଞ୍ଜୁଷା, ବୁଢ଼ାରସିଙ୍ଗ, ଜଳନ୍ତର ଓ ଗରଲା ଏଷ୍ଟେଟ ମାନ, ଜିରଙ୍ଗ ଓ ସୋମପେଣ୍ଠ ତାଲୁକମାନ।

(ଖ) ଛୋଟନାଗପୁର ଅନ୍ତର୍ଗତ ସିଂହଭୂମ ଜିଲ୍ଲା।

(ଗ) ରାୟପୁର ଜିଲ୍ଲାର ଫୁଲଝର ଓ ଅନ୍ୟ ଓଡ଼ିଆ ଭାଷୀ ସ୍ଥାନ।

(ଘ) କଣ୍ଟାଇର ଦକ୍ଷିଣ ଓ ପଶ୍ଚିମ ମେଦିନୀପୁର।

କମିଟି ଯେଉଁ ସବୁ ଅଞ୍ଚଳ ବାଦ ଦେଇ ଅଛନ୍ତି ସେ ଅଞ୍ଚଳ ସମ୍ବନ୍ଧେ ଦିଆ ଯାଇଥିବା ଅନେକ ମୂଲ୍ୟବାନ ସାକ୍ଷ୍ୟ କମିଟି ପ୍ରଣିଧାନ କରି ଦେଖିଲେ ନାହିଁ ବୋଲି ସମ୍ମିଳନୀ ଦୁଃଖ ପ୍ରକାଶ କରୁଅଛନ୍ତି ଏବଂ ଭାରତ ସରକାରଙ୍କୁ ଉକ୍ତ ଅଞ୍ଚଳ ବିଷୟ ବିବେଚନା କରିବାକୁ ଅନୁରୋଧ କରୁଅଛନ୍ତି।

ମିଶ୍ରଣ ସପକ୍ଷରେ ପାରଲାକିମେଣ୍ଡିର ସହର ଅଧିବାସୀ ସାକ୍ଷ୍ୟ ଦେଇ ସେଥିରେ ସେମାନଙ୍କ ପ୍ରବଳ ଇଚ୍ଛା ଓ ତାହାର ପ୍ରମାଣ ଦେଇଥିବା ସତ୍ତ୍ୱେ କମିଟିର ଚେୟାରମ୍ୟାନ ଘେର ଓଡ଼ିଶା ପ୍ରଦେଶରେ ପାରଲାକିମେଣ୍ଡି ମିଶିବା ସଂପର୍କରେ ତାହାଙ୍କ ସହଯୋଗୀମାନଙ୍କ ସହିତ ଏକମତ ହୋଇ ନପାରିବା ଯୋଗୁଁ ଏ ସମ୍ମିଳନୀ ଦୁଃଖ ପ୍ରକାଶ କରୁଛି।

୩। ନୂତନ ପ୍ରଦେଶ ଆର୍ଥିକ ପରିସ୍ଥିତି ସମ୍ବନ୍ଧେ ଓଡ଼ିଶା କମିଟି ଯେଉଁ ସବୁ ସିଦ୍ଧାନ୍ତ କରିଅଛନ୍ତି ହେମବ୍ରଲାସ ସାର ଜାକଦେବା ଦ୍ୱାରା ସେ ସବୁର ମୂଲ୍ୟ କମିଯାଇଛି ବୋଲି ଏ ସମ୍ମିଳନୀ ମନେ କରନ୍ତି। ପ୍ରଥମରେ ୩୪ଲକ୍ଷ ଟଙ୍କା ଘାଟି ପଡ଼ିବ ବୋଲି ଯେଉଁ ଅନୁମାନ କରାଯାଇଥିଲା ସେ ହିସାବ ଠିକ୍ ନୁହେଁ ବୋଲି ସମ୍ମିଳନୀ ସନ୍ଦେହ କରୁଅଛନ୍ତି। ଉକ୍ତ ଅର୍ଥ ଅନାଟନ ହେଲେ ନିମ୍ନଲିଖିତ ଉପାୟରେ ପୂରଣ କରାଯାଇପାରେ ବୋଲି ସମ୍ମିଳନୀ ସୂଚନା ଦେଉଅଛନ୍ତି।

(କ) ପାଇକଲ ରିପୋର୍ଟ ସୁପାରିଶ ଅନୁସାରେ ଅନୁନ୍ନତ ଅଞ୍ଚଳମାନଙ୍କର ଶାସନ ଖର୍ଚ୍ଚ ଭାର କେନ୍ଦ୍ର ସରକାର ବହନ କରିବେ।

(ଖ) ଯେଉଁ ଓଡ଼ିଶା କେନାଲ ସୁଧ ବାବଦ ଟଙ୍କା ବାକି ଦେବାପାଇଁ ବିହାର ଓଡ଼ିଶା ସରକାର ଅଲବୁ ଥର ଅନେକ କରୁଅଛନ୍ତି ସେଥିରୁ ଓଡ଼ିଶାକୁ ମୁକ୍ତ କରାଯିବ।

(ଗ) ନୂତନ ପ୍ରଦେଶ ଅବସ୍ଥାରେ ଓଡ଼ିଶାର ଖୋଟପୂରଣ ବାବଦ ଟଙ୍କା କେନ୍ଦ୍ରରୁ ଦିଆଯିବ।

(ଘ) ସେଟେଲମେଣ୍ଟ ବିହାର ଓଡ଼ିଶା ପ୍ରଦେଶ ଭୂତକାଳର ଋଣ ଭାର ବହନ କରିବା ପାଇଁ ଦାନ ତାହାର ନେଉନେ ବହନ ଉତ୍ପାଦ ଉଣ୍ଡା ପାଇଁ ଧନ ସାହାଯ୍ୟ ଦେଉଥିଲେ। ସେ ଧନରୁ ଅଧିକାଂଶ ବିହାରରେ ଖର୍ଚ୍ଚ ହୋଇଥିଲା। ଅତଏବ ଭାରତ ସରକାର ଯେଉଁ ସାହାଯ୍ୟ ଦେଇଥିଲେ ସେଥିରୁ ଓଡ଼ିଶା ତାହାର ଅଂଶ ପାଇବ ବୋଲି ଆଶା କରିବା ସଙ୍ଗେ ସଙ୍ଗେ ଓଡ଼ିଶା ପ୍ରଦେଶ ପୃଥକ ହେଲାବେଳେ ତାହାର ସ୍ୱାସ୍ଥ୍ୟ ଉପକରଣ ପାଇଁ ସେପରି ଧନ ସାହାଯ୍ୟ ଭାରତ ସରକାରଙ୍କ ଠାରୁ ପାଇବା ପାଇଁ ଓଡ଼ିଶା ଦାବି କରୁଛି।

(ଙ) ଇନକମ ଟିକସରୁ ବୃହତ୍ତର ଅଂଶ ପ୍ରଦେଶକୁ ଦିଆଯିବା ଦ୍ୱାରା, ଲବଣ କରରୁ ହେଉଥିବା ଆୟରୁ ଲୋକସଂଖ୍ୟା ଅନୁପାତ ଅନୁସାରେ ଭାଗକରି ଦେବା ଦ୍ୱାରା ଏବଂ ନୂତନ ପ୍ରଦେଶର ଦରକାରକୁ ଦେଖି ଅନ୍ୟ ସେପରି ଉପଯୁକ୍ତ ଅଦଳ ବଦଳ କରିବା ଦ୍ୱାରା ଓଡ଼ିଶାର ଅଭାବ ପୂରଣ କରା ଯାଇପାରେ।

(ଚ) ବର୍ତ୍ତମାନ ଓ ଭବିଷ୍ୟତରେ ବ୍ୟୟ ସଙ୍କୋଚ ଦ୍ୱାରା ଯାହା ବଳକା ତାହା ତହବିଲକୁ ଆସିବ।

୪। ଋଷିକୁଲ୍ୟା ନଦୀର ଦକ୍ଷିଣାଂଶ ମାନ୍ଦ୍ରାଜରେ ରହିବା ପାଇଁ ମାନ୍ଦ୍ରାଜ ବ୍ୟବସ୍ଥା ସଭା ଯେଉଁ ସୁପାରିସ କରି ପ୍ରସ୍ତାବ ଗ୍ରହଣ କରିଅଛନ୍ତି, ସେ ସମ୍ବନ୍ଧରେ ଏ ସମ୍ମିଳନୀ କ୍ଷୋଭପୂର୍ଣ୍ଣ ପ୍ରତିବାଦ କରୁଅଛନ୍ତି। ମାନ୍ଦ୍ରାଜ କାଉନସିଲର ଅଧିକାଂଶ ଭ୍ରାନ୍ତ ବୋଲି [illegible] ସଂଖ୍ୟା ବହୁଳ ଲୋକଙ୍କ [illegible] ପ୍ରପଞ୍ଚନାର ଫଳ ବୋଲି ଏ ସମ୍ମିଳନୀ ମନେ କରୁଅଛନ୍ତି।

ଗଞ୍ଜାମର ସଦସ୍ୟ ମୁଣ୍ଡ ଗଣତି ପାଇଁ ଦାବି କରୁଥିବା ବିଷୟ ଘେନି ବ୍ୟବସ୍ଥା ସଭାର ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିବା ହେତୁ ଏବଂ ଯେଉଁ ବ୍ୟକ୍ତି ସଂଶୋଧନ ପ୍ରସ୍ତାବ ଆଣି ଥିଲେ, ତାଙ୍କ ପକ୍ଷରେ ସମର୍ଥକ ଜଣ କିପରି ଅଛି ଜାଣିବା ପାଇଁ ସଭାପତି ମୁଣ୍ଡ ଗଣତି କରିବା ଉଚିତ ଥିଲା ବୋଲି ଏହି ସମ୍ମିଳନୀ ମନେ କରନ୍ତି।

ଓଡ଼ିଆ ସମସ୍ୟାକୁ ମାନ୍ଦ୍ରାଜ ବ୍ୟବସ୍ଥା ସଭାର ଯେଉଁ ସଦସ୍ୟମାନେ ସମର୍ଥନ କରିଥିଲେ ଏ ସମ୍ମିଳନୀ ସେମାନଙ୍କୁ ଧନ୍ୟବାଦ ଦେଉଅଛନ୍ତି।

୫। ଗଞ୍ଜାମର ୪ ଜଣ ଅନ୍ଧ୍ର, ଓଡ଼ିଶାର ଅଲଗା ବ୍ୟବସ୍ଥାପକରେ ଓଡ଼ିଆ ମାନଙ୍କର ଧନରେ ଚଳିବ ସିଦ୍ଧାନ୍ତ ସୁବିଧା ପାଇଁ ସେଠାରେ ଭାରତ ସଚିବଙ୍କ ସମକ୍ଷରେ ଓଡ଼ିଆ ସମସ୍ୟା ସମ୍ବନ୍ଧେ ଅପଲାପ ପୂର୍ଣ୍ଣ ଯେଉଁ ତାର ପଠାଇଛନ୍ତି, ଏ ସମ୍ମିଳନୀ କ୍ଷୋଭ ପ୍ରକାଶ କରୁଅଛି ଏବଂ ଆଶା କରୁଅଛି ଯେ ଭାରତ ସଚିବ ଏପରି ଅପଲାପ ଦ୍ୱାରା ବିପଥ ହେବେ ନାହିଁ।

୬। ଅନୁଗୁଳ ଜିଲ୍ଲା ଅନୁନ୍ନତ ଅଞ୍ଚଳ ତାଲିକାରୁ ବାଦ ଦିଆଯାଉ ଏବଂ ସେଠାରେ ପୂର୍ଣ୍ଣ ସଂସ୍କାର ପ୍ରବର୍ତ୍ତିତ ହେଉ।

୭। ନିମ୍ନଲିଖିତ ଭଦ୍ର ବ୍ୟକ୍ତିଙ୍କୁ ନେଇ ଲଣ୍ଡନ ଅଫିସକୁ ଗୋଟିଏ ଡେପୁଟେସନ ଶୀଘ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ସଂପର୍କରେ ଦାବି କରିବାପାଇଁ ପଠାଯାଉ।

ପାରଲା ଖେମଣ୍ଡିର ରାଜା ସାହେବ, ଧର୍ମକୋଟର ରାଜା ସାହେବ, ମିଷ୍ଟର ବି. ଦାସ ଏମ. ଏଲ. ଏ., ବି. ଏନ୍. ମିଶ୍ର ଏମ. ଏଲ. ଏ., ଶ୍ରୀଯୁକ୍ତ ଲିଙ୍ଗରାଜ ପାଣିଗ୍ରାହୀ, ଶ୍ରୀଯୁକ୍ତ ମଧୁସୂଦନ ପାଣିଗ୍ରାହୀ, ଶ୍ରୀଯୁକ୍ତ ଦଣ୍ଡକନ୍ଦ ଦାସ, ସିଂହଭୂମର ଶ୍ରୀଯୁକ୍ତ ଗୋପେନ୍ଦ୍ରନାଥ ସାହୁ, ଶ୍ରୀଯୁକ୍ତ ଭଗବତ୍ କିଶୋର ଦାସ, ଏମ, ଏଲ, ସି, ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି, ନାଇଟ କେନ୍ଦ୍ରାର ଶ୍ରୀ ହରିହର ଦାସ ପ୍ରଜାପକ୍ଷ ମହାପାତ୍ର, ଜୟପୁରର ଶ୍ରୀ ଗୌରିଚନ୍ଦ୍ର ପାତ୍ରସ୍ୱାମୀ, ଦେୱାନ ବାହାଦୁର ଶ୍ରୀକୃଷ୍ଣ ମହାପାତ୍ର, ମିଷ୍ଟର ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏମ, ଏ, ବି, ଏଲ, ଭାରତ ସେବକ ସଂଘର ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଏମ, ଏ, ଶ୍ରୀଯୁକ୍ତ ରଘୁନାଥ ଦାସ, ମଞ୍ଜୁଷା ଏକେଲେ ଓ ଦେୱାନ ଶ୍ରୀ ରାମକୃଷ୍ଣ ଦେଓ, ରାୟ ବାହାଦୁର ଲୋକନାଥ ମିଶ୍ର—ପୁରୀ, ଶଶିଭୂଷଣ ରଥ ଓ ନିରଞ୍ଜନ ପଟ୍ଟନାୟକ।

—o—

## ସାମ୍ପ୍ରଦାୟିକ ନିଷ୍ପତ୍ତି
## ପ୍ରଧାନ ମନ୍ତ୍ରୀଙ୍କ ଇସ୍ତାହାର

ପ୍ରଧାନ ମନ୍ତ୍ରୀ ସାମ୍ପ୍ରଦାୟିକ ନିଷ୍ପତ୍ତି ଦେଇଛନ୍ତି। ଏହା ଏକ ସମୟରେ ଲଣ୍ଡନ ଓ ଭାରତରେ ପ୍ରକାଶ ପାଇଛି। ନିଷ୍ପତ୍ତି ସଙ୍ଗେ ପ୍ରଧାନ ମନ୍ତ୍ରୀ ଗୋଟିଏ ଇସ୍ତାହାର ମଧ୍ୟ ପ୍ରକାଶ କରିଛନ୍ତି। ଇସ୍ତାହାର ଓ ନିଷ୍ପତ୍ତିର ସାର ମର୍ମ ତଳେ ପ୍ରକାଶ କରାଗଲା।

### ମନ୍ତ୍ରୀଙ୍କ ଇସ୍ତାହାର

(୧) ପ୍ରଧାନ ମନ୍ତ୍ରୀ ୧୯୩୧ ଡିସେମ୍ବର ପହିଲା ତାରିଖରେ ଯେ ଘୋଷଣା ଦେଇଥିଲେ, ସେ ଘୋଷଣା ସମ୍ବଳିତ ବିଷୟ ପାର୍ଲିଆମେଣ୍ଟ ସମର୍ଥନ କରିଥିଲେ। ଭାରତବାସୀ ନିଜ ନିଜ ମଧ୍ୟରେ ସାମ୍ପ୍ରଦାୟିକ ନିଷ୍ପତ୍ତି କରିପାରି ନଥିବାରୁ ସେହି ଭାରତର ଶାସନ ସଂସ୍କାର ଗଠନ ସ୍ଥଗିତ ହୋଇପାରେ ନାହିଁ। ସେଥିପାଇଁ ଇଂରେଜ ସରକାର ଏହି ଅସ୍ଥାୟୀ ନିଷ୍ପତ୍ତି ଯୋଜନା ପ୍ରକାଶ କରିଛନ୍ତି।

(୨) ମାର୍ଚ୍ଚ ୧୯ ତାରିଖରେ ମଧ୍ୟ ସରକାର ଜଣାଇଥିଲେ ଯେ ଶାସନ ସଂସ୍କାର ଗଠନ ନିମନ୍ତେ ସାମ୍ପ୍ରଦାୟିକ ସମସ୍ୟା ବାଧାରୂପେ ଠିଆ ହୋଇଛି। ସରକାର ମଧ୍ୟ ବୁଝିଛନ୍ତି ଯେ, ସଂଖ୍ୟାଲଘୁ ଜାତିର ସମସ୍ୟା ସମାଧାନ ନହେଲେ ପର୍ଯ୍ୟନ୍ତ ନୂଆ ଶାସନ ତନ୍ତ୍ର କାର୍ଯ୍ୟ ଗୃହୀତ ହୋଇପାରିବ ନାହିଁ।

(୩) ସେହି କାରଣରୁ ଭାରତର ଶାସନ ସଂସ୍କାର ସଙ୍ଗେ ନିମ୍ନଲିଖିତ ସାମ୍ପ୍ରଦାୟିକ ନିଷ୍ପତ୍ତି ମଧ୍ୟ ପାର୍ଲିଆମେଣ୍ଟ ଆଗରେ ଉପସ୍ଥାପିତ କରି ସେହି ଯୋଜନା ପାର୍ଲିଆମେଣ୍ଟରେ ଗୃହୀତ କରାଯିବ। ପ୍ରାଦେଶିକ ବ୍ୟବସ୍ଥା ପରିଷଦରେ ବିଭିନ୍ନ ସମ୍ପ୍ରଦାୟର ସଦସ୍ୟମାନେ କେତେ ପରିମାଣରେ ସ୍ଥାନ ପାଇବେ, ସେ ବିଷୟ ସ୍ଥିର କରିବା ଏହି ସାମ୍ପ୍ରଦାୟିକ ନିଷ୍ପତ୍ତିର ଉଦ୍ଦେଶ୍ୟ। କୋଉଠି ବଢ଼ାଯାଇଥିବା କାରଣ ଯୋଗୁଁ କେନ୍ଦ୍ର ବ୍ୟବସ୍ଥା ପରିଷଦରେ କି ଧରଣର ସ୍ଥାନ ଦିଆଯିବ, ତାହା ଏବେ ଘୋଷଣା କରାଗଲା ନାହିଁ। ତାହା ପରେ କରାଯିବ। ଏହି ନିଷ୍ପତ୍ତି ଫଳରେ ଯେତେ ପ୍ରାଦେଶିକ ବ୍ୟବସ୍ଥା ପରିଷଦ ସଦସ୍ୟ ସଂଖ୍ୟା ନିରୂପିତ ହୋଇଛି। ଯଦି କୌଣସି ବିଷୟ ବାଦ୍ ରହିଯାଇଛି, ତେବେ ଏ ସୂତ୍ରରେ ତାହାର ନିଷ୍ପତ୍ତି ହୋଇପାରିବ।

(୪) ଏହି ନିଷ୍ପତ୍ତିର ପରିବର୍ତ୍ତନ ପାଇଁ ଯଦି ଉଭୟ ଦଳ ଉଦ୍ୟମ କରନ୍ତି, ସରକାର ସେଥିରେ ହାତ ଦେବେ ନାହିଁ। ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ କୌଣସି ମୀମାଂସା ନହେବା ପର୍ଯ୍ୟନ୍ତ ସରକାର ପୂର୍ବୋକ୍ତ ଭାଗ ଦୁଇଟିର ପରିବର୍ତ୍ତନ ପାଇଁ ପ୍ରସ୍ତୁତ ନୁହନ୍ତି।

Digitized by srujanika@gmail.com

Split by PDF Splitter

51

REGISTERED NO. D 6

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା
The Utkal Dipika

ଭାରତୀୟ ଅଗ୍ରୀମ ମୂଲ୍ୟ ଟ ୩୧
ପ୍ରତିଖଣ୍ଡ ଟ ୦୧୧

ସମ୍ପାଦକ—ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି

| ଭା ୬୭ ମ | Cuttack, Saturday the 20th August 1932<br>ଭାଦ୍ର ଦ ୫ ନ ସନ ୧୩୩୯ ସାଲ ଶନିବାର | ୩୪ ଶ ସଂଖ୍ୟା |
|---|---|---|

## ପୁଣି ଗୋଲଟେବଲ

ଏଲାହାବାଦର "ପାୟୋନିୟର" ପତ୍ରିକାର ଲଣ୍ଡନ ସମ୍ବାଦ ଦାତା ଲେଖିଛନ୍ତି—ଭାରତୀୟ ଗୋଲଟେବଲ କମିଟି ବସିବ ଏବଂ ତାହା ଅକ୍ଟୋବର ମାସରେ ବସିବ ।

ଏହି କ୍ଷୁଦ୍ର ଗୋଲଟେବଲରେ ପ୍ରାୟ ୩୦ ଜଣ ସଭ୍ୟ ରହିବେ । ତିନିଭାଗରୁ ୨ଭାଗ ସଭ୍ୟ ମୋଗଲ ଜାତିରୁ ଏବଂ ଅଳ୍ପଭାଗେ ଗଭର୍ଣ୍ଣମେଣ୍ଟ ମାନଙ୍କରୁ ରହିବେ ।

ଅକ୍ଟୋବର ମାସର ମଧ୍ୟଭାଗରେ ଏହି କ୍ଷୁଦ୍ର ଗୋଲଟେବଲ ବୈଠକ ବସିବା ଏପରି ସ୍ଥିର ହୋଇଥିଲା । ଏଥିଯୋଗୁ ପରାମର୍ଶ କମିଟିକୁ ଭାଙ୍ଗି ଦିଆ ହେଉଅଛି । ରାଜା ମହାରାଜାଙ୍କ ପ୍ରତିନିଧିଙ୍କୁ ନେଇ ସେହି ପରାମର୍ଶ ସଭା ବୈଠକ ବସାଇ ଥାନ୍ତେ ତାହା ମଧ୍ୟ ରଦ୍ଦ କରାଯିବ ।

"ପାୟୋନିୟର" ପତ୍ରିକା ସମ୍ପାଦକୀୟ ମତ ପ୍ରକାଶ କରି ଅଛନ୍ତି କି—ସାମ୍ପ୍ରଦାୟିକ କମିଟି ଓ ଶାସନ ସଂସ୍କାର ଲକ୍ଷ୍ୟରେ କାର୍ଯ୍ୟପନ୍ଥା ଏହି ଉଭୟ ବିଷୟରେ ଏକାଥରକେ ମତ ପ୍ରକାଶ ପାଇଥିବା ବଡ ଅନୁଚିତ ହେଉଅଛି । ଗୋଟିଏ ବିଷୟପରେ ଅନ୍ୟ ବିଷୟଟି ଘୋଷଣା କରିବା ଉଚିତ ଥିଲା । ତାହା ହୋଇଥିଲେ ଲୋକେ ଆଲୋଚନା ପାଇଁ ସମୟ ପାଇଥାନ୍ତେ ।

—*—

## ଲକ୍ଷ୍ନୌରେ ୧୮୩୧ ଦଣ୍ଡିତ

ବିଗତ ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଲକ୍ଷ୍ନୌ ସହରରୁ ୧୮୩୧ ଜଣ ଦଣ୍ଡ ପାଇଛନ୍ତି । ଏଥି ମଧ୍ୟରୁ ୬୩ ଜଣ ମହିଳା, ୮୭ ଜଣ କ୍ଷମା ପ୍ରାର୍ଥନା ମାଗି ଖଲାସ ହୋଇ ଅଛନ୍ତି ।

—*—

## ବିଲାତର ଆମଦାନୀ ବାଣିଜ୍ୟ

ବିଲାତର ଆମଦାନୀ ବାଣିଜ୍ୟ ଉପରେ ଅଧିକା ହ୍ରାସ ପଡ଼ି ସବାରୁ ବାଣିଜ୍ୟ ଅନେକ କମି ଯାଇଛି । ଜୁଲାଇ ମାସରେ ୫କୋଟି ୧୯ଲକ୍ଷ ୬୧ହଜାର ପାଉଣ୍ଡ ଆମଦାନୀ ହୋଇଅଛି । ଜୁନ ମାସରେ ୫କୋଟି ୬୫ଲକ୍ଷ ୧୭ହଜାର ପାଉଣ୍ଡ ଆମଦାନୀ ହୋଇଥିଲା । ଗତବର୍ଷ ଜୁଲାଇ ମାସରେ ୭କୋଟି ୧ଲକ୍ଷ ୪୭ହଜାର ପାଉଣ୍ଡର ଜିନିଷ ଆମଦାନୀ ହୋଇଥିଲା ।

ରପ୍ତାନୀ

ଜୁଲାଇ ମାସରେ ୨କୋଟି ୯୬ଲକ୍ଷ ୯୪ହଜାର
ଜୁନ ମାସରେ ୨କୋଟି ୯୭ଲକ୍ଷ ୬୩ହଜାର

ଗତବର୍ଷ ଜୁଲାଇ ମାସରେ ବିଲାତରୁ ବିଦେଶକୁ ୩କୋଟି ୪୬ଲକ୍ଷ ୫୬ହଜାର ପାଉଣ୍ଡର ଜିନିଷ ପଠା ହୋଇଥିଲା ।

—*—

## ଡାକ୍ତର ମୁଞ୍ଜେ

ଡାକ୍ତର ମୁଞ୍ଜେ ଗତ ତା ୯ ରଖ ଦିନ ବିଲାତ ଛାଡ଼ି ସ୍ୱଦେଶ ଅଭିମୁଖରେ ଯାତ୍ରା କରିଅଛନ୍ତି । ସେ ସେହି କାର୍ଯ୍ୟ ପାଇଁ ବିଲାତ ଯାଇଥିଲେ ତାହା କେତେକ ଅଂଶରେ ସଫଳ ହୋଇଅଛି ବୋଲି ସେ କହି ଅଛନ୍ତି । ଗୋଲଟେବଲ ପରାମର୍ଶ କମିଟି ପୂର୍ବପରି ବସିବା ଉଚିତ ବୋଲି ସେ କହି ଅଛନ୍ତି ।

—*—

## ସାର୍ ପ୍ରଭାଶଙ୍କର ପଟ୍ଟନୀ

ଡାକ୍ତର ଅନ୍‌ସାରୀଙ୍କ ସହିତ ସାର୍ ପ୍ରଭାଶଙ୍କର ପଟ୍ଟନୀ ବିଲାତ ଯାଉଅଛନ୍ତି । ସନ୍ଧିସମାଧାନ ସମ୍ପର୍କରେ ସେ ବିଲାତ ଯାଉଅଛନ୍ତି ବୋଲି କେହି କେହି କହୁଥିବାର ପ୍ରକାଶ ।

—*—

## ମିଃ. ଅଭ୍ୟଙ୍କର

ନାଗପୁରର ହାଇକୋର୍ଟ ବାର୍ ଆସୋସିଏସନ୍‌ରେ ମିଃ. ଅଭ୍ୟଙ୍କରଙ୍କ, ତାଙ୍କ ସ୍ୱାସ୍ଥ୍ୟ ନିମନ୍ତେ ମୁକ୍ତି ଦେବାପାଇଁ ନିବେଦନ କରି ଗୋଟିଏ ପ୍ରସ୍ତାବ ଗୃହୀତ କରିଅଛନ୍ତି । ପରବର୍ତ୍ତୀ ସମ୍ବାଦରୁ ପ୍ରକାଶ ମିଃ ଅଭ୍ୟଙ୍କରଙ୍କୁ ମୁକ୍ତି ଦିଆଯାଇଅଛି ।

—*—

## ଖବରକାଗଜକୁ ତାଗିଦ

ବଙ୍ଗ ବ୍ୟବସ୍ଥାପକ ସଭାର ଗୋଟିଏ ପ୍ରଶ୍ନର ଉତ୍ତରରେ ବଙ୍ଗର ନିମ୍ନଲିଖିତ ସମ୍ବାଦପତ୍ରମାନଙ୍କୁ ତାଗିଦ ଦିଆଯାଇଥିବାର ସରକାରଙ୍କ ପକ୍ଷରୁ ମିଃ. ରେଡ୍ କହିଅଛନ୍ତି :—

| | | | |
|---|---|---|---|
| ବସୁମତୀ | — | — | ୨ ଥର |
| ଅଡ୍‌ଭାନ୍ସ | — | — | ୨ ଥର |
| ନାୟକ | — | — | ୨ ଥର |
| ଅମୃତବଜାରପତ୍ରିକା | | — | ୫ ଥର |
| ଆନନ୍ଦବଜାରପତ୍ରିକା | | — | ୫ ଥର |
| ବଙ୍ଗବାଣୀ | — | — | ୪ ଥର |
| ଲେଟ୍‌ବଙ୍ଗ | — | — | ୪ ଥର |
| ଲିବର୍ଟି | — | — | ୨ ଥର |
| ଇଣ୍ଡିଆ ଟ୍ରୁଗେ | — | — | ୨ ଥର |
| ପ୍ରବାସୀ | — | — | ୧ ଥର |

୧୨ ଟା ସମ୍ବାଦପତ୍ରକୁ ତାଗିଦ ଦିଆଯାଇଥିଲା । ୨ ଟା ଖବରକାଗଜର ଜାମିନ ବାଜ୍ୟାପ୍ତ କରାଯାଇଅଛି ।

—*—

## ଦଳ ପରିବର୍ତ୍ତନ

ଶ୍ରମିକ ଦଳରେ ଏଥିପୂର୍ବେ ଯୋଗଦେଇ ବିଖ୍ୟାତ ସାମ୍ବାଦିକ ବୋଲି ଖ୍ୟାତି ଲଭିଥିବା ମିଃ. ବ୍ରେଲସ୍‌ଫୋର୍ଡ ଏଥର ଶ୍ରମିକ ଦଳରୁ ଅଲଗା ହୋଇଗଲେ ବୋଲି ଜଣାଇ ଦେଇଅଛନ୍ତି । ଶ୍ରମିକ ଦଳ ଏପରି ବ୍ୟବହାର କରିବେ ବୋଲି ସେ ଜାଣି ନ ଥିଲେ । ଏଣିକି ସେ ସ୍ୱାଧୀନ ଶ୍ରମିକ ଦଳ ସହିତ ରହି ଏହି ଦଳ ସଙ୍ଗି ପ୍ରଚୁର କାର୍ଯ୍ୟ କରାଇବେ ବୋଲି ପ୍ରକାଶ ।

—*—

## ରେଲ୍ ବିଭାଗର ଆୟ

ଜୁଲାଇ ମାସ ତା ୨୩ ରଖରେ ଶେଷ ହେବା ସପ୍ତାହ ମଧ୍ୟରେ ଭାରତ ସରକାରଙ୍କ ଅଧୀନରେ ଥିବା ରେଲ୍ ବିଭାଗରେ ୧୩୭ ଲକ୍ଷ ଟଙ୍କା ଆୟ ହୋଇଅଛି । ଗତ ସପ୍ତାହ ଅପେକ୍ଷା ଏହି ଆୟ ୧୦ ଲକ୍ଷ କମିଛି ଏବଂ ଗତ ବର୍ଷର ଏହି ଆୟ ଅପେକ୍ଷା ୧୩ ଲକ୍ଷ କମିଛି ।

ଅପ୍ରେଲ ପହିଲାଠାରୁ ଜୁଲାଇ ତା ୨୩ ରଖ ପର୍ଯ୍ୟନ୍ତ ୧୭ ସପ୍ତାହ ମଧ୍ୟରେ ୨୫ କୋଟି ୯୧ ଲକ୍ଷ ଟଙ୍କା ଆୟ ହୋଇଅଛି । ୧୯୩୧ର ଏହି ସମୟର ଆୟ ଅପେକ୍ଷା ଏ ବର୍ଷ ୧୪୬ ଲକ୍ଷ କମି ଯାଇଛି । ୧୯୩୦ ସାଲର ଆୟ ଅପେକ୍ଷା ୪୫୬ ଲକ୍ଷ ଟଙ୍କା କମି ଯାଇଛି ।

—*—

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ଅଗଷ୍ଟ ତା ୨୦ ରିଖ ଶନିବାର

## ଦେଶମିଶ୍ରଣ

ଅସ୍ମାନଙ୍କର ସହଯୋଗିଣୀ ଆଶାରେ ପ୍ରକାଶିତ ହୋଇଅଛି ଯେ ଦେଶମିଶ୍ରଣ ଯୋଗ ତା ୨୧ ରିଖରେ ବ୍ରହ୍ମପୁରଠାରେ ଉତ୍କଳ ସମ୍ମିଳନୀର ବୈଠକ ହେବ । ଏଥିମଧ୍ୟରେ କେତେ ଏକ ଜଣ ବହୁଦର୍ଶୀ ଲୋକ ଅସିଥିଲେ ବୋଲି ଶୁଣିଥିଲୁ ମାତ୍ର ସେ କ'ଣ କଥାରେ ଏବଂ ତାହାକୁ କ'ଣ ବନ୍ଦକରେ ଅମ୍ଭେମାନେ କିଛି ଜାଣିପାରୁ ନାହୁଁ । ଯଦି ତା ୨୧ ରିଖ ଦିନ ପ୍ରକୃତ ସମ୍ମିଳନୀର ବୈଠକ ହୁଏ ତାହାହେଲେ ତାହାକୁ ଅବଶ୍ୟ ଅନେକ ଲୋକ ଯିବାକୁ ପ୍ରସ୍ତୁତ ହେବେ ଭଲ ଏ ପର୍ଯ୍ୟନ୍ତ କୌଣସି ସଠିକ ସମ୍ବାଦ ପାଇପାରୁ ନାହାନ୍ତି । ପ୍ରସ୍ତୁତ ହୋଇ ଯିବାକୁ ଭଲ ସମୟ ହାତରେ ନ ପାଇଲେ ଅନେକଙ୍କ ପକ୍ଷରେ ଯାଇବା କଠିନ ହୋଇପଡ଼ିବ । କଟକର ଶିକ୍ଷିତ ବ୍ୟକ୍ତିମାନେ କଟକରେ ଗୋଟିଏ ବିଶେଷ ସାଧାରଣ ସଭା ଡାକିବାର ସ୍ଥିର କରିଥିଲେ । ବୋଧହୁଏ ବ୍ରହ୍ମପୁରରେ ସମ୍ମିଳନୀ ଶୀଘ୍ର ହେଉଥିବାର ଶୁଣି ସେମାନେ ଉକ୍ତ ସଭା ଡାକି ନାହାନ୍ତି । ଦେଶ ମିଶ୍ରଣ ସମ୍ବନ୍ଧେ ଏ ପର୍ଯ୍ୟନ୍ତ ଖବରକାଗଜମାନଙ୍କରେ କେତେ ପ୍ରକାର କଥା ବାହାରୁଅଛି । ସେ ସବୁ ଶୁଣି ଓଡ଼ିଆମାନଙ୍କ ମନରେ ନାନାପ୍ରକାର ଭାବ ଜାତ ହେଉଅଛି । ସରକାର ଏବେ ଉଦନ୍ତପରେ ଅନୁଭବ ମଧ୍ୟ ଉଦନ୍ତରେ ବ୍ୟସ୍ତ । ପୂର୍ବର ଯେତେ ପ୍ରକାର ଉଦନ୍ତ ହୋଇ ଯାଇଅଛି ଓ ପୂର୍ବର ଗଭର୍ଣ୍ଣରମାନଙ୍କଠାରୁ କମିଟିମାନେ ଯେତେପ୍ରକାର ମତ ବା ରିପୋର୍ଟ ପ୍ରକାଶ କରିଯାଇଅଛନ୍ତି ସେ ସବୁ ତୁଚ୍ଛ ଅଛି ଉଦନ୍ତର କି ବିଶେଷ ପ୍ରୟୋଜନ ତାହା ଓଡ଼ିଆମାନେ ବୁଝି ପାରୁନାହାନ୍ତି । ଭିନ୍ନ ଭିନ୍ନ ଦେଶର ଲୋକେ ଯେ ଆପତ୍ତି କରୁଛନ୍ତି ଏଥିରେ ବଳବତ୍ କ'ଣ ? ଯେତେଦିନ ପର୍ଯ୍ୟନ୍ତ ଉଦନ୍ତ ଚାଲିଥିବ ସେତେଦିନ ପର୍ଯ୍ୟନ୍ତ ଆପତ୍ତି ମଧ୍ୟ ଚାଲିଥିବ ଓ ନୂତନ ନୂତନ ଆପତ୍ତି ସୃଷ୍ଟି ହେଉଥିବ । ଆଉ ଅଧିକକାଳ ବିଳମ୍ବ କରିବାର ଆବଶ୍ୟକ ନାହିଁ ।

—*—

## ପରବର୍ତ୍ତୀ ସମ୍ବାଦ

ତା ୨୧ ରିଖରେ ବ୍ରହ୍ମପୁରଠାରେ ସମ୍ମିଳନୀ ହେବାର ସମ୍ବାଦ ମିଳିଅଛି । ବାବୁ ବାଞ୍ଛାନିଧି ଲକ୍ଷ୍ମୀଧର ମହାନ୍ତିଙ୍କୁ ସଭାପତି ହେବା କାରଣ ତାର ଆସିଅଛି । କଟକ, ପୁରୀ, ବାଲେଶ୍ୱର ପ୍ରଭୃତିରୁ ବହୁ ଅଂଶରେ ଯାଇ ଯୋଗଦେବା ଉଚିତ । ଆଜ ରାତ୍ର ଗାଡ଼ିରେ ଯିବାର ସୁବିଧା ।

—*—

## ସାମ୍ପ୍ରଦାୟିକ ନିଷ୍ପତ୍ତି

ଗତ ତା ୧୬ ରିଖ ଦିନ ପ୍ରଧାନ ମନ୍ତ୍ରୀ ସାମ୍ପ୍ରଦାୟିକ ନିଷ୍ପତ୍ତି ସମ୍ବନ୍ଧେ ଘୋଷଣା କରିଅଛନ୍ତି । ଓଡ଼ିଶା ଦେଶମିଶ୍ରଣ ସମ୍ବନ୍ଧେ ସେ କହିଅଛନ୍ତି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ସମ୍ବନ୍ଧରେ ଏପର୍ଯ୍ୟନ୍ତ ମଧ୍ୟ ଅନୁସନ୍ଧାନ ଚାଲିଛି ।

—*—

# କଟକ ମ୍ୟୁନିସିପାଲିଟି

କଟକ ମ୍ୟୁନିସିପାଲିଟି ସମ୍ବନ୍ଧେ ଗତ ୨୫ ବର୍ଷ ମଧ୍ୟରେ ଅମ୍ଭେମାନେ ଅନେକ ଥର ଅନେକ କଥା ଲେଖିଅଛୁ । କମିଶନରମାନଙ୍କ ମଧ୍ୟରେ ଦଳା ଦଳି, ମନାନ୍ତର, ମତାନ୍ତର କରିବାର ଲାଗି ରହିଅଛି । ଚେୟାରମ୍ୟାନଙ୍କର ଓ ମଧ୍ୟ ଭିନ୍ନ ଭିନ୍ନ କେତେ କେତେ କମିଶନରଙ୍କର କାର୍ଯ୍ୟ ସମ୍ବନ୍ଧେ କେତେ ସମୟରେ କେତେ ପ୍ରକାର କଦର୍ଯ୍ୟ କଥା ଶୁଣାଯାଏ । ସେ ସବୁ ଆଲୋଚନା ଅନାବଶ୍ୟକ ମନେ କରି ଗତ ୧୩।୧୪ ତାରିଖରେ ମ୍ୟୁନିସିପାଲିଟିର ସମସ୍ତ ମେହେନ୍ତର ଓ ମେହେନ୍ତରାଣୀମାନେ ଧର୍ମଘଟ କରି କାର୍ଯ୍ୟ କରନ୍ତୁ ଦେବାରୁ ସହର ବାସୀଙ୍କର ଯେଉଁ ଦୁରବସ୍ଥା ଘଟିଥିଲା ତାହା ସହରରୁ ବଡ଼ ସମସ୍ତେ ଉତ୍ତମରୂପେ ଅନୁଭବ କରିଅଛନ୍ତି । ସେହି ୨।୩ ଦିନରେ ଲୋକେ ଯେତେ ବ୍ୟସ୍ତ ହୋଇପଡ଼ିଥିଲେ ତାହା ବର୍ଣ୍ଣନା କରିବା କଠିନ ।

—*—

## ଧର୍ମଘଟ

ଶୁକ୍ରବାରଠାରୁ ମେହେନ୍ତର ଓ ମେହେନ୍ତରାଣୀମାନେ ଧର୍ମଘଟ ଆରମ୍ଭ କଲେ । ଶନିବାର ଦିନ ଚେୟାରମ୍ୟାନ୍ ସେମାନଙ୍କ ମଧ୍ୟରୁ କେତେଜଣଙ୍କ ବିରୁଦ୍ଧରେ ଫୌଜଦାରୀ ମୋକଦ୍ଦମା ଦାଏର କରି ସେମାନଙ୍କୁ ଗ୍ରେପ୍ତାର କରାଇଲେ ଏବଂ ସେମାନେ ହାଜତକୁ ପ୍ରେରିତ ହେଲେ । ଫଳରେ ସମସ୍ତ ମେହେନ୍ତର ଓ ମେହେନ୍ତରାଣୀମାନେ ଅତ୍ୟନ୍ତ ଅଧିକ ଉତ୍ତେଜିତ ହୋଇପଡ଼ିଲେ । ରବିବାର ଦିନ ମଧ୍ୟ ଚେୟାରମ୍ୟାନଙ୍କ ସହିତରେ ଆଉ କେତେକ ଜଣ ଗ୍ରେପ୍ତାର ହେଲେ । ଏଣେ ସହରବାସୀଙ୍କର ସଙ୍କଟର ସୀମା ରହିଲା ନାହିଁ । ରବିବାର ଅପରାହ୍ନକୁ କେତେକ ଜଣ ଭଦ୍ରଲୋକ ଡାକରା ପାଇ ଦିନ ସକାଳ ୮॥ଟା ସମୟରେ ଟାଉନହଲ ପଡ଼ିଆରେ ଗୋଟିଏ ସାଧାରଣ ସଭା ଡାକିବାର ବ୍ୟବସ୍ଥା କଲେ । ସୋମବାର ସକାଳେ ସାଧାରଣ ସଭା ସକାଶେ ସହରରେ ଢେଣ୍ଡୁରା ଦିଆଗଲା । ଅଳ୍ପ ସମୟ ମଧ୍ୟରେ ଶହଶହ ଲୋକେ ଟାଉନହଲ ପଡ଼ିଆରେ ଜମିବାକୁ ଲାଗିଲେ—ଏଣେ ଚେୟାରମ୍ୟାନ୍ ଆଗେ ଗତ ଶୁକ୍ରବାର ମଧ୍ୟରେ କୌଣସି ସଭା ଅଛି ନ ଡାକିବାର ଦେଖି ୩ଜଣ କମିଶନର ଗୋଟିଏ ଜରୁରୀ ସଭା ଡାକିବା ନିମନ୍ତେ ଚେୟାରମ୍ୟାନଙ୍କୁ ପତ୍ର ପଠାଇବାରୁ ଚେୟାରମ୍ୟାନ୍ ମଙ୍ଗଳବାର ମଧ୍ୟ ସୋମବାର ୮॥ଟା ସମୟରୁ ମ୍ୟୁନିସିପାଲ କମିଶନରମାନଙ୍କର ଗୋଟିଏ ସଭା ଡାକିଥିଲେ । ସାଧାରଣ ସଭା ଏବଂ କମିଶନରମାନଙ୍କର ସଭା ଏରୂପ ଦୁଇ ସଭା ଏକ ସମୟରେ ହେବାପାଇଁ ନିର୍ଦ୍ଦିଷ୍ଟ ଥିଲା । ସଭା ପୂର୍ବରୁ ଚେୟାରମ୍ୟାନ୍ ଏବଂ ସାଧାରଣଙ୍କ ତରଫରୁ ବାବୁ ସାହେବ ଲୋକାସିଭରଣ ପଟ୍ଟନାୟକଙ୍କ ମଧ୍ୟରେ ଚିଠିପତ୍ର ଓ ମଧ୍ୟ ମୌଖିକ ଭାବରେ ଉପସ୍ଥିତ ସମସ୍ୟାର ପ୍ରତିକାର ସମ୍ବନ୍ଧେ ଆଲୋଚନା ହୋଇଥିଲା ଏବଂ ସାଧାରଣ ସଭା ନିମନ୍ତେ ଲୋକାସିବାବୁଙ୍କ ଅନୁରୋଧ ମତେ ଟାଉନହଲ ମଧ୍ୟ ଖୋଲିଦେବା କାରଣ ଚେୟାରମ୍ୟାନ୍ ଆଦେଶ ଦେଇଥିଲେ । ୮॥ଟା ସମୟରେ ଏଣେ ମ୍ୟୁନିସିପାଲ ଅଫିସରେ ମ୍ୟୁନିସିପାଲ କମିଶନରମାନଙ୍କର ସଭା ବସିଲା ତେଣେ ଟାଉନହଲରେ ସାଧାରଣ ସଭା ବସିଲା ।

—*—

## କମିଶନରମାନଙ୍କ ସଭା

ତା ୧୫ ରିଖ ସକାଳ ୮॥ଟା ସମୟର ସଭାରେ ୨୧ଜଣ କମିଶନର ଏବଂ ସର୍ବସାଧାରଣଙ୍କ ତରଫରୁ ବାବୁ ସାହେବ ଲୋକାସିଭରଣ ପଟ୍ଟନାୟକ ଉପସ୍ଥିତ ଥିଲେ । ସ୍ପେସିଆଲ ସଭା ଡାକିବା ନିମନ୍ତେ ୩ଜଣ କମିଶନରଙ୍କ ପ୍ରେରିତ ଚିଠି ଏବଂ ଚେୟାରମ୍ୟାନଙ୍କର ନୋଟିସ୍ ପଢ଼ି ଶୁଣାଇ ଦେଲେ । ତତ୍ପରେ ମେହେନ୍ତରମାନେ ସେମାନଙ୍କ ଅଭାବମାନ ଲେଖି ଗୋଟିଏ ଦରଖାସ୍ତ ଏହି ସଭାରେ ଦାଖଲ କଲେ । ସଭାରେ ଖାଁ ବାହାଦୁର ପ୍ରଶ୍ନ କଲେ—ଚେୟାରମ୍ୟାନ୍ ମେହେନ୍ତରମାନଙ୍କ ଧର୍ମଘଟ ବିଷୟ କେଉଁ ସମୟରେ ଜାଣିପାରିଲେ ଏବଂ ତହିଁର କି ପ୍ରତିକାର ବ୍ୟବସ୍ଥା କଲେ ? ଉତ୍ତରରେ ଚେୟାରମ୍ୟାନ୍ କହିଲେ ତା ୧୩ ରିଖ ସକାଳେ ଖବର ପାଇ ସେମାନଙ୍କୁ ଜଣାଇ ଦେଇଥିଲେ ଯେ ସେମାନେ ନିଜ ନିଜର କାର୍ଯ୍ୟ କରନ୍ତୁ—ସେମାନଙ୍କର ଅଭାବମାନଙ୍କର ପ୍ରତିକାର କରାଯିବ, କିନ୍ତୁ ସେମାନେ ତାଙ୍କ କଥା ନ ଶୁଣିବାରୁ ସେମାନଙ୍କ ବିରୁଦ୍ଧରେ ଫୌଜଦାରୀ ମୋକଦ୍ଦମା ଦାଏର କରି ହାଜତ ପଠାଇବାର ବ୍ୟବସ୍ଥା କରିଥିଲେ । ଫୌଜଦାରୀ ମୋକଦ୍ଦମା ସକାଶେ ଅନ୍ୟ କୌଣସି କମିଶନରଙ୍କ ସହିତ ଚେୟାରମ୍ୟାନ୍ ପରାମର୍ଶ କରିଥିଲେ କି ନା ଏହି ପ୍ରଶ୍ନର ଉତ୍ତରରେ ଚେୟାରମ୍ୟାନ୍ କହିଥିଲେ—ସେ କାହାରି ସହିତ ପରାମର୍ଶ କରି ନାହାନ୍ତି ।

ତତ୍ପରେ ବାବୁ ପାର୍ବତୀଶ୍ୱର ମହାନ୍ତିଙ୍କର ପ୍ରସ୍ତାବ ଓ ବାବୁ ଲକ୍ଷ୍ମଣ ସ୍ୱାଇଁ ଓ ଅନ୍ୟମାନଙ୍କ ସମର୍ଥନ ଅନୁମୋଦନ ଓ ସର୍ବସମ୍ମତିକ୍ରମେ ସ୍ଥିରହେଲା ଯେ ବର୍ତ୍ତମାନ ମେହେନ୍ତରମାନଙ୍କର ପ୍ରତ୍ୟେକ ଟ ୧ ।, ମେହେନ୍ତରାଣୀମାନଙ୍କର ପ୍ରତ୍ୟେକ ଟ ୦ ।୵ ଅର୍ଥାତ୍ ପ୍ରତ୍ୟେକ ମେହେନ୍ତର ମାସିକ ଟ ୭ । ଓ ମେହେନ୍ତରାଣୀ ଟ ୫।୵ ହିସାବରେ ଅଗଷ୍ଟ ମାସ ପହିଲାରୁ ପାଇବେ ଏବଂ ଚେୟାରମ୍ୟାନ୍ ଦାଏର କରିଥିବା ଫୌଜଦାରୀ ମୋକଦ୍ଦମା ସୁଦ୍ଧା ସମସ୍ତ ଉଠାଇ ଆଣିବେ । ଅନ୍ୟ ସମସ୍ତ ଆପତ୍ତି ବିଚାର କରିବା ନିମନ୍ତେ କେତେକ ଜଣ କମିଶନର ଏବଂ ଦୁଇଜଣ ବାହାରର ଭଦ୍ରଲୋକଙ୍କୁ ନେଇ ଗୋଟିଏ ସବ୍‌କମିଟି ଗଠିତ ହେଲା ସେ ସେହି ସବ୍‌କମିଟି ୭ ଦିନ ମଧ୍ୟରେ ସମସ୍ତ ବିଷୟ ଉଦନ୍ତ କରି ସେମାନଙ୍କ ରିପୋର୍ଟ ଦେବେ । ସେହି କମିଟିରେ ନିମ୍ନଲିଖିତ କମିଶନରମାନେ ଓ ବାହାରର ଭଦ୍ରଲୋକମାନେ ମେମ୍ବର ହେଲେ ।

କମିଶନର

୧ । ବାବୁ ଚନ୍ଦ୍ରାମଣି ଆଚାର୍ଯ୍ୟ
୨ । „ ଶ୍ୟାମଚରଣ ରାଉତ
୩ । ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି
୪ । ମିଃ ସି. ଜେ. ଦାସ, ଆସିଷ୍ଟାଣ୍ଟ ଅଫିସର
୫ । ବାବୁ ବୈଦ୍ୟନାଥ କର
୬ । „ ପାର୍ବତୀଶ୍ୱର ମହାନ୍ତି

Digitized by srujanika@gmail.com

୭। ମୌଲବୀ ଅବ୍ଦୁଲମହମ୍ମଦ
୮। ବାବୁ ଶରତଚନ୍ଦ୍ର ଚକ୍ରବର୍ତ୍ତୀ
୯। „ ଲକ୍ଷ୍ମଣ ସ୍ୱାଇଁ
ବାହାରର ଭଦ୍ରଲୋକ
୧। ରାୟସାହେବ ଭଗବାନ ଚରଣ ପଟ୍ଟନାୟକ
୨। ବାବୁ ଲାଲ ନଗେନ୍ଦ୍ର କୁମାର ରାୟ

—:o:—

## ସାଧାରଣ ସଭା

ଟାଉନ୍‌ହଲ୍‌ରେ ସାଧାରଣ ସଭା ବସିଲ। କଲେକ୍ଟର ମିଃ ବି. ଏନ୍. ମିଶ୍ର ସଭାପତି ଆସନ ଗ୍ରହଣ କଲେ। ମେହେନ୍ତରମାନଙ୍କ ତରଫରୁ ସେମାନଙ୍କର ଆପତ୍ତିମାନ ମେହେନ୍ତରମାନେ ସଭାରେ ଜଣାଇବାକୁ ଆରମ୍ଭ କରିଥିଲେ। ଏହି ସମୟରେ ମ୍ୟୁନିସିପାଲ୍ କମିସନରମାନଙ୍କ ସଭାରୁ ଫେରି ଆସି ଭଗବାନବାବୁ ସେହି ସଭାରେ ଯାହା ସିଦ୍ଧାନ୍ତ ହୋଇଥିଲା ତାହା ଜଣାଇ ଦେଇ ମେହେନ୍ତର ଓ ମେହେନ୍ତରାଣୀମାନଙ୍କୁ ଅବିଲମ୍ବେ କାର୍ଯ୍ୟରେ ଯୋଗ ଦେବା କାରଣ [illegible] ଅନୁରୋଧ କରିଥିଲେ। ସଭାସ୍ଥ ଭଦ୍ରଲୋକମାନଙ୍କ ମଧ୍ୟରୁ ଅନେକେ ଅନେକ ପ୍ରକାର ପ୍ରଶ୍ନ ପଚାରିଥିଲେ। ଭଗବାନ ବାବୁ ତହିଁର ଉତ୍ତର ଦେଇଥିଲେ। ସମସ୍ତେ ଏକମତ ହୋଇ ଅବିଲମ୍ବେ ମେହେନ୍ତର ଓ ମେହେନ୍ତରାଣୀମାନଙ୍କୁ ଯାଇ କାର୍ଯ୍ୟରେ ଯୋଗ ଦେବା କାରଣ କହିଥିଲେ। ସାଧାରଣ ସଭାର ନିର୍ଦ୍ଧାରଣମାନ ପାଇଁ ପାଉନାହାନ୍ତି। ଆଶା ଯେ ଗୋଟିଏ କମିଟି ଗଠିତ ହୋଇ ତଦନ୍ତ କରୁଅଛନ୍ତି।

—:o:—

## ମ୍ୟୁନିସିପାଲ ତଦନ୍ତ କମିଟି

ତା ୧୫ ରଖ ସନ୍ଧ୍ୟାସମୟରେ ଏହି ତଦନ୍ତ କମିଟି ବସିଲ। ମେହେନ୍ତରମାନେ ପୂର୍ବେ ଦେଇଥିବା ଦରଖାସ୍ତମାନ ଓ ମ୍ୟୁନିସିପାଲିଟିର କେତେକ ରେଜିଷ୍ଟରଆଦି ଦେଖିଲେ ଏବଂ କେତେକ ଜଣ ମେହେନ୍ତରଙ୍କର ସାକ୍ଷ୍ୟ ନେଲେ। ସାକ୍ଷ୍ୟରେ ମୋଟ ଆପତ୍ତି ସେମାନଙ୍କର ବେତନ କଟାଯାଉଅଛି। ପୁନଶ୍ଚ ପୂର୍ବବେତନ ସେମାନଙ୍କୁ ଦିଆଯାଉ ଏବଂ ମ୍ୟୁନିସିପାଲିଟିର ସାନିଟାରି ଇନ୍‌ସପେକ୍ଟର ଓ ଜମାଦାର ସେମାନଙ୍କଠାରୁ ଅନ୍ୟାୟ ପୂର୍ବକ ସମୟ ସମୟରେ କିଛି କିଛି ଟଙ୍କା ଆଦାୟ କରୁଥିବା ବିଷୟ ସେମାନେ କହିଥିଲେ। ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି ଏହି ସବ ବୈଠକ ସମୟରେ ମ୍ୟୁନିସିପାଲ ଆଇନ ଦେଖି ବୁଝିପାରିଥିଲେ ଯେ କମିଟିରେ ୭ଜଣରୁ ଅଧିକ ସଂଖ୍ୟକ କମିଶନର ରହି ପାରନ୍ତିନାହିଁ ମାତ୍ର ଏଥିରେ କି ୯ ଜଣ କମିଶନର ରହିଥିବାରୁ ଏହାର ଗଠନ ଆଇନ ବିରୁଦ୍ଧ ହୋଇଅଛି। ପରଦିନ ବୈଠକ ପୂର୍ବରୁ ଏହି କଥା ପ୍ରକାଶ ହେବାରୁ ଖାଁ ବାହାଦୁର ଅହମଦ ବକସ୍, ବାବୁ ଅଖିଳଚନ୍ଦ୍ର ଗୁପ୍ତ ଏବଂ ବାବୁ ଲକ୍ଷ୍ମଣସ୍ୱାଇଁ ୩ ଜଣ କମିଶନର ମେମ୍ବର ଲିଖିତ ଇସ୍ତଫା ଦାଖଲ କରିଦେଲେ। ମାତ୍ର କମିଟି ବସିବା ଶୁଣି ବାବୁ ଲକ୍ଷ୍ମଣସ୍ୱାଇଁ ତାହାଁକୁ ଦେଖାଇଁ କହିଲେ ମୁଁ ଇସ୍ତଫା ଦେଇଥିଲି ସତ୍ୟ ମାତ୍ର ମୋର ଇସ୍ତଫା ମୁଁ ଉଠାଇ ନେବାକୁ ଚାହେଁ ଏବଂ ମୁଁ କାର୍ଯ୍ୟ କରିବାକୁ ପ୍ରସ୍ତୁତ। କମିଟି ଏବେ ଆଉ କୌଣସି କାର୍ଯ୍ୟ ନ କରି କାର୍ଯ୍ୟ ସ୍ଥଗିତ କଲେ ଏବଂ ସଙ୍ଗେ ସଙ୍ଗେ ୩ ଜଣ କମିଶନର ମେମ୍ବର ଦସ୍ତଖତ କରି ପରଦିନ ସନ୍ଧ୍ୟା ସମୟରୁ କମିଶନର ମାନଙ୍କ ଜରୁରୀ ସଭା ଡାକି ଇସ୍ତଫା ଗ୍ରହଣ ଆଦି ବିଷୟ ବିଚାର କରିବା କାରଣ ଚେୟାରମ୍ୟାନ୍‌ଙ୍କୁ ପତ୍ର ଦେଲେ। ପରଦିନ ସଭା ଅନୁଷ୍ଠିତ ହେଲା।

—o—

## ତା ୧୭ ରଖର କମିଶନରମାନଙ୍କର ସଭା

ପୂର୍ବଦିନ ଆଶା କରାଯାଇଥିଲା ଏହି ବିଷୟ ୫ ମିନିଟ୍‌ରେ ପରଦିନ ସଭାରେ ଛିଡ଼ି ହୋଇଯିବ ମାତ୍ର ସଭାର କାର୍ଯ୍ୟ ବହୁକ୍ଷଣ ଲାଗିଥିଲା। ଏଦିନ ସଭାରେ ୨୭ ଜଣ କମିସନର ଉପସ୍ଥିତ ହୋଇଥିଲେ। ସଭାରେ ଯଥେଷ୍ଟ ବାକ୍‌ବିତଣ୍ଡା ହୋଇଥିଲା।

ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି ପ୍ରସ୍ତାବ କଲେ— ବାବୁ ଲକ୍ଷ୍ମଣ ସ୍ୱାଇଁ ଇସ୍ତଫା ଦେଇଥିବା ସ୍ଥଳେ ଆଇନ୍‌ରେ ଇସ୍ତଫା ଉଠାଇ ନେବାର କୌଣସି ବ୍ୟବସ୍ଥା ନାହିଁ— ଏଣୁ ତାଙ୍କର ଏବଂ ଅନ୍ୟ ଦୁଇଜଣଙ୍କର ଇସ୍ତଫା ଗୃହୀତ ହେଉ। ବାବୁ ସତୀଶଚନ୍ଦ୍ର ଚକ୍ରବର୍ତ୍ତୀ କହିଲେ-ସେହି କମିଟି ଗଠନ ମୂଳରୁ ବେଆଇନ-ତେଣୁ ଇସ୍ତଫା ବିଷୟ ଆଲୋଚନା ଅନାବଶ୍ୟକ। ଶ୍ରୀଯୁକ୍ତ ଲେଲୁବାବୁ ପ୍ରସ୍ତାବ କଲେ ଯେ କମିଟି ରଦ ହୋଇ ଆଉ ଗୋଟିଏ ନୂତନ କମିଟି ଗଠିତ ହେଉ। ଚେୟାରମ୍ୟାନ୍ କହିଥିଲେ ୧୫ ତାରିଖରେ ଗଠିତ କମିଟି ବେଆଇନ୍ କମିଟି ନୁହେଁ। ସେହି କମିଟି କାର୍ଯ୍ୟକରୁ। ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି କହିଥିଲେ ଚେୟାରମ୍ୟାନଙ୍କ ମତ ଯେବେ ଠିକ୍ ଧରାଯାଏ ତେବେ ମଧ୍ୟ କେତେକ ମେମ୍ବର ଇସ୍ତଫା ଦେଇଥିବାରୁ ତାହା ଗୃହୀତ ହେବା ଉଚିତ। ତହିଁ ପ୍ରସ୍ତାବ ହେଲା ଯେ ଖାଁ ବାହାଦୁର ଏବଂ ଅଖିଳ ବାବୁଙ୍କୁ କମିଟିରେ ରହିବା ନିମନ୍ତେ ଅନୁରୋଧ କରାଯାଉ। ସେମାନେ ଅରାଜି ହେଲେ ଇସ୍ତଫା ଗୃହୀତ ହେଉ। ଚେୟାରମ୍ୟାନଙ୍କର ଏହି ପ୍ରସ୍ତାବ ଭୋଟରେ ଦିଆଗଲା। ୧୪ ଜଣ ସପକ୍ଷରେ ଭୋଟଦେଲେ, ପ୍ରସ୍ତାବ ଗୃହୀତ ହୋଇଗଲା। ତତ୍ପରେ ବାବୁ ସତୀଶଚନ୍ଦ୍ର ଚକ୍ରବର୍ତ୍ତୀ ଏବଂ ଅନ୍ୟ କମିସନରମାନେ ଏ ସମ୍ବନ୍ଧେ ପ୍ରେସିଡେଣ୍ଟଙ୍କୁ ତାଙ୍କର ମତବ୍ୟକ୍ତ କରିବାକୁ କହିବାରୁ ପ୍ରେସିଡେଣ୍ଟ ତାଙ୍କର ମତବ୍ୟକ୍ତ କଲେ ଯେ ଆଇନ୍ ଅନୁସାରେ ଯେଉଁ କମିଟି ଗଠିତ ହୋଇଅଛି ତାହା ସଂପୂର୍ଣ୍ଣ ଆଇନ୍ ବିରୁଦ୍ଧ ଅଟେ। ଏହି ସମୟରେ ବାବୁ ବିଶ୍ୱନାଥ କର ସେହି କମିଟିରୁ ଇସ୍ତଫା ଦାଖଲ କଲେ। ରେଭରେଣ୍ଡ ବି, ପ୍ରଧାନ କହିଲେ ଯଦିବା କମିଟି ମୂଳରୁ ବେଆଇନ୍ ହୋଇଥାଏ ତେବେ କାହାରି ଇସ୍ତଫା ଦେଇ ତାହା ଆଇନ ସଙ୍ଗତ କରାଯାଇ ନପାରେ। ମେମ୍ବରମାନଙ୍କର ଇସ୍ତଫା ଗ୍ରହଣ ପରେ ନୂତନ କମିଟି ଗଠିତ ହେବା ଉଚିତ। ତହୁଁ ବାବୁ ସତୀଶ ଚନ୍ଦ୍ର ଚକ୍ରବର୍ତ୍ତୀ ପ୍ରସ୍ତାବ କଲେ ନିମ୍ନ ଲିଖିତ ମେମ୍ବର ମାନଙ୍କୁ ନେଇ ଗୋଟିଏ ନୂତନ କମିଟି ଗଠିତ ହେଉ।

୧। ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି
୨। ମିଃ ପି. କେ. ଦାସ—ଖାସମହାଲ ଅଫିସର
୩। ବାବୁ ଏସ୍. ଏନ୍. ଦାସଗୁପ୍ତ
୪। ବାବୁ ଲକ୍ଷ୍ମଣ ସ୍ୱାଇଁ
୫। ଚେୟାରମ୍ୟାନ
୬। ବାବୁ ବିଶ୍ୱନାଥ କର—କମିଶନରଗଣ

ଏବଂ

୧। ରାୟ ସାହେବ ଭଗବାନଚରଣ ପଟ୍ଟନାୟକ
୨। ଲାଲ ନଗେନ୍ଦ୍ରକୁମାର ରାୟ—ବାହାରର ଭଦ୍ରବ୍ୟକ୍ତି

ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି, ବାବୁ ବିଶ୍ୱନାଥ କର ଏବଂ ମିଃ ପି. କେ. ଦାସ ମାନେ ଏପ୍ରକାର ଗଠିତ କମିଟିରେ ମେମ୍ବର ହେବାକୁ ଅନିଚ୍ଛା ପ୍ରକାଶକଲେ। ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି ତାଙ୍କର ଅନିଚ୍ଛାର କାରଣ ଲିପିବଦ୍ଧ କରିବା କାରଣ ପ୍ରେସିଡେଣ୍ଟଙ୍କୁ ଅନୁରୋଧ କଲେ। ରାୟ ବାହାଦୁର କହିଥିଲେ ୧୫ ତାରିଖରେ ସର୍ବସମ୍ମତି କ୍ରମେ ଗୋଟିଏ କମିଟି ଗଠିତ ହେଲା। ସେଦିନ ସେହି ସମସ୍ତ ମେମ୍ବରମାନଙ୍କ ଉପରେ ବୋର୍ଡ଼ର ଯଥେଷ୍ଟ ବିଶ୍ୱାସ ଥିଲା। ତହିଁମଧ୍ୟରୁ କେବଳ ୩ଜଣ ଇସ୍ତଫା ଦେଇଅଛନ୍ତି। ତାହାଛଡ଼ା ଅନ୍ୟ କୌଣସି କାରଣ ନାହିଁ ଯେଉଁହେତୁ ଅନ୍ୟମାନଙ୍କ ଉପରେ ବୋର୍ଡ଼ର ଅବିଶ୍ୱାସ ହୋଇପାରେ। ଏପରି କାର୍ଯ୍ୟ ଦ୍ୱାରା ସେମାନଙ୍କ ପ୍ରତି ଅପମାନ ପ୍ରଦର୍ଶିତ ହେଉଅଛି। ତେଣୁ ମୁଁ ଏପ୍ରକାର କାର୍ଯ୍ୟର ଭାଗି ହେବାକୁ ଇଚ୍ଛୁକ ନୁହେ। ସତୀଶ ବାବୁ କହିଥିଲେ ସେମାନଙ୍କ ମଧ୍ୟରୁ କେହି ୧୮ ଓ ୧୭ ତାରିଖ ବୈଠକରେ ମ୍ୟୁନିସିପାଲିଟିର କେତେକ ରେଜିଷ୍ଟର ଦେଖିବାକୁ ଚାହିଁଥିଲେ ଯେଉଁଥିରେ ସେମାନଙ୍କର କିଛି ଆବଶ୍ୟକ ନଥିଲା। ତେଣୁ ମୁଁ ସେମାନଙ୍କର ନାମ ପ୍ରସ୍ତାବ କରିନାହିଁ। ରାୟ ବାହାଦୁର ଅଧିକ ମଧ୍ୟ କହିଥିଲେ ସତୀଶ ବାବୁ ରାୟ ସାହେବ ଭଗବାନଚରଣ ପଟ୍ଟନାୟକଙ୍କ ନାମ ପ୍ରସ୍ତାବ କରିଅଛନ୍ତି। ସେ ମଧ୍ୟ ଏପ୍ରକାର କମିଟି କାର୍ଯ୍ୟ କରିବାକୁ ଇଚ୍ଛୁକ କି ନା ଜାଣିବା ଆବଶ୍ୟକ। ଚେୟାରମ୍ୟାନ୍ କହିଲେ ପ୍ରଧାନ କଥା ମେହେନ୍ତରମାନଙ୍କ ବିଷୟ ବିବେଚନା କରି ସେମାନଙ୍କୁ ବୋଧ କରିବା, କମିଟି ଗଠନ ସମ୍ବନ୍ଧେ ଯେବେ ଏତେ ପ୍ରକାର ଆପତ୍ତି ଉଠୁଅଛି ସତୀଶ ବାବୁଙ୍କ ପ୍ରସ୍ତାବରେ ମୁଁ ଏହି ସଂଶୋଧକ ପ୍ରସ୍ତାବ ଆଗତ କରୁଅଛି ଯେ ଅଦୌ କମିଟି ଗଠନ କରିବାର ଆବଶ୍ୟକ ନାହିଁ। ତା ୨୨ ରଖରେ ବୋର୍ଡ଼ର ଗୋଟିଏ ସ୍ୱତନ୍ତ୍ର ବୈଠକ ହୋଇ ସେହି ବିଷୟ ସିଦ୍ଧାନ୍ତ କରାଯାଉ। ପ୍ରେସିଡେଣ୍ଟ ଏହା ପ୍ରକୃତ ସଂଶୋଧକ ପ୍ରସ୍ତାବ ନଥିବା ଦୋଷରେ ଅଗ୍ରାହ୍ୟ କରିଥିଲେ। ଅଖିଳ ବାବୁ ମଧ୍ୟ ସଂଶୋଧକ ପ୍ରସ୍ତାବ ଆଣିଥିଲେ। ତହିଁରେ ସେ ପ୍ରଥମ ଗଠିତ କମିଟିର ଇସ୍ତଫା ଦେଇଥିବା ମେମ୍ବର ମାନଙ୍କ ନାମ ବାଦ ଅବଶିଷ୍ଟ ସମସ୍ତଙ୍କୁ ନେଇ ନୂତନ କମିଟି ଗଠିତ ହେଉ ବୋଲି ଚାହିଁଥିଲେ। ପରେ ଏହି ସଂଶୋଧକ ପ୍ରସ୍ତାବଟି ଖାଁ ବାହାଦୁର ଅନୁମୋଦନ କଲାପରେ ସତୀଶ ବାବୁ ତାଙ୍କର ପ୍ରସ୍ତାବ ଉଠାଇ ନେଲେ। ତେଣୁ ଆଉ ଅଖିଳ ବାବୁଙ୍କ ସଂଶୋଧକ ପ୍ରସ୍ତାବ ମଧ୍ୟ ରହି ପାରିଲାନାହିଁ। ତେଣୁ ଅଖିଳ ବାବୁ ପୁନଶ୍ଚ ନୂତନ ପ୍ରସ୍ତାବ ଆଗତ କଲେ। ତାଙ୍କର ପୂର୍ବ ସଂଶୋଧକ ପ୍ରସ୍ତାବରେ ଯେଉଁ ନାମ ପୃଥକ ଉଲ୍ଲେଖ କରିଥିଲେ ସେହି ମାନଙ୍କ ନାମ ସେ ଉଲ୍ଲେଖ କଲେ। ବାବୁ କୁମର ସାହୁ ତାହା ଅନୁମୋଦନ କଲାପରେ ଭୋଟ

Digitized by srujanika@gmail.com

Split by PDF Splitter



ନିଆଗଲା । ଏଥିରେ ୧୨ ଜଣ ସପକ୍ଷରେ ଏବଂ ୯ ଜଣ ବିପକ୍ଷରେ ମତ ଦେଲେ । ଅନ୍ୟମାନେ କୌଣସି ମତ ଦେଇନାହାନ୍ତି । ପ୍ରସ୍ତାବ ଗୃହୀତ ହୋଇଗଲା ।

## ନୂତନ କମିଟିର କାର୍ଯ୍ୟ

ତା ୧୮ ଋଖରେ ଏହି ନୂତନ ଗଠିତ କମିଟି ପ୍ରକାଶ୍ୟ ତଦନ୍ତକାର୍ଯ୍ୟ ଆରମ୍ଭ କରିଅଛନ୍ତି । ସେମାନେ ସାକ୍ଷ୍ୟ ନେଉ ଅଛନ୍ତି । କରଦାତା ବା ଅନ୍ୟ କେହି ବହୁ ଲୋକଙ୍କର ଯେବେ ଏ ବିଷୟରେ ତାହାଙ୍କୁ କିଛି ଜଣାଥାଏ ସେମାନେ ଯେବେ କିଛି କହିବାକୁ ଚାହାନ୍ତି ତେବେ କମିଟି ଆନନ୍ଦର ସହିତ ସେମାନଙ୍କଠାରୁ ଶୁଣିବେ । ଆଶା କରାଯାଏ ଏ କମିଟି ନିରପେକ୍ଷ ଭାବେ ସମସ୍ତ ବିଷୟ ଭଲ ଭାବରେ ତଦନ୍ତ କରି ସେମାନଙ୍କର ରିପୋର୍ଟ ଦେବେ । ସହରବାସୀ ସମସ୍ତେ କମିଟିଙ୍କ ରିପୋର୍ଟକୁ ଆଗ୍ରହର ସହିତ ଅପେକ୍ଷା କରିଅଛନ୍ତି ।

## ସାଧାରଣ ସଭାର କମିଟି

ସାଧାରଣ ସଭାରେ ଗଠିତ କମିଟି ବୈଠକ କରି ତଦନ୍ତ ଆରମ୍ଭ କରିଅଛନ୍ତି । ସେମାନେ ଅନ୍ୟାନ୍ୟ ବିଷୟ ସହିତ ସମସ୍ତ କରଦାତା ମାନଙ୍କୁ ମଧ୍ୟ ଆହ୍ୱାନ କରିଅଛନ୍ତି ଯେ ଏ ସମ୍ବନ୍ଧେ ଯାହାଙ୍କୁ ଯାହା ଜଣାଅଛି ଓ କହିବାକୁ ଚାହାନ୍ତି ସେମାନେ ଲିଖିତ ବା ମୌଖିକ ଜଣାନ୍ତୁ । ଆଶା କରାଯାଏ ଏଥିରେ ନାନା ବିଷୟ ସମ୍ବନ୍ଧରେ ପ୍ରକାଶ ପଡ଼ିବ ।

—※—

ଆମ୍ଭେମାନେ ଧର୍ମଘଟ ବିଷୟରେ ଯେଉଁ ପ୍ରକାର ଘଟଣା ଘଟି ଯାଇଅଛି ତାହା ଉପରେ ବର୍ଣ୍ଣନା କଲୁ । ସେହି ବର୍ଣ୍ଣନାରୁ ଓ ଉକ୍ତ ସଂକ୍ରାନ୍ତ ଘଟଣା ଓ କାର୍ଯ୍ୟ ମାନଙ୍କରୁ ପାଠକମାନେ ଅନେକ ବିଷୟ ସହଜରେ ବୁଝିପାରିବେ । ମୋଟରେ ବୁଝିବାକୁ ଗଲେ ମେହେନ୍ତର ମେହେନ୍ତରାଣୀମାନଙ୍କର ବେତନ କମାଇବା ପୂର୍ବରୁ ନାନା ବିଷୟ ବିବେଚନା କରିବା ଉଚିତ ଥିଲା । ମେହେନ୍ତର ମେହେନ୍ତରାଣୀମାନେ ଧର୍ମଘଟ କଲାପରେ ଅନେକଙ୍କ ମତ ଯେ ଚେୟାରମ୍ୟାନ୍ ସେମାନଙ୍କ କଥାରେ ଯେଉଁ ପ୍ରକାରରେ ଏବଂ ଯେଉଁ ଧାରା ଅନୁସାରେ ଫୌଜଦାରୀ ମୋକଦ୍ଦମା ଦାଏର କରି ସେମାନଙ୍କର ବିରୁଦ୍ଧ ଶିକାର ବ୍ୟବସ୍ଥା କଲେ ସେ କାର୍ଯ୍ୟ ମଧ୍ୟ ତାହାଙ୍କର ପ୍ରଶଂସାର ଯୋଗ୍ୟ ନୁହେଁ । ଆମ୍ଭେମାନେ ମଧ୍ୟ ଚେୟାରମ୍ୟାନଙ୍କର ଏପ୍ରକାର ବ୍ୟବସ୍ଥାକୁ ନିନ୍ଦା କରୁଅଛୁ । ଚେୟାରମ୍ୟାନ୍ କହନ୍ତି ଏଥି ମଧ୍ୟରେ ଅନ୍ୟ କେହି କେହି ଲୋକ ମେହେନ୍ତରମାନଙ୍କୁ କୁପରାମର୍ଶ ଓ ଶିକ୍ଷା ଦେଇ ଏପ୍ରକାର ଘଟଣା ଘଟାଇଅଛନ୍ତି । ଏହା ଯେବେ ସତ୍ୟ ହୋଇଥାଏ ଏପ୍ରକାର ବ୍ୟକ୍ତିଙ୍କର କାର୍ଯ୍ୟକୁ ମଧ୍ୟ ଆମ୍ଭେମାନେ ବିଶେଷ ନିନ୍ଦା କରୁଅଛୁ । ଯେଉଁମାନେ ମେହେନ୍ତର ଓ ମେହେନ୍ତରାଣୀମାନଙ୍କୁ ଏପ୍ରକାର ପରାମର୍ଶ ଦେଇ ଚେୟାରମ୍ୟାନ୍ ଓ ଅଥବା ମ୍ୟୁନିସିପାଲ ବୋର୍ଡ ବିରୁଦ୍ଧରେ ସେମାନଙ୍କର ଅଭିଯୋଗମାନ ପେଶ କରି ତହିଁର ପ୍ରତିକାର ବ୍ୟବସ୍ଥାର ଚେଷ୍ଟା କରିଥାନ୍ତେ ତାହାହେଲେ ତାହାଙ୍କର କାର୍ଯ୍ୟକୁ ଆମ୍ଭେମାନେ ପ୍ରଶଂସା କରିଥାନ୍ତୁ । ଏପ୍ରକାର ଚେଷ୍ଟା ତାଙ୍କର ଯେବେ ବ୍ୟର୍ଥ ହୋଇ ଥାନ୍ତା ତାହାପରେ ସହରବାସୀମାନଙ୍କୁ ଧର୍ମଘଟ ବିଷୟରେ କହିକରି ସମସ୍ତ ପୂର୍ବରୁ ଜଣାଇ ଦେଇ ଧର୍ମଘଟ କରାଇଥିଲେ କେହି ଦୋଷ ଦେଇପାରନ୍ତେ ନାହିଁ ।

—※—

## ବାଲେଶ୍ୱରରେ ଦେଶମିଶ୍ରଣ ସଭା

ଗତ ତା ୯ ଋଖ ଦିନ ବାଲେଶ୍ୱର ବାସୀ ସର୍ବସାଧାରଣଙ୍କ ପକ୍ଷରୁ ଗୋଟିଏ ସଭା ହୋଇଥିଲା । ଏଥିରେ ବାବୁ ଜଗନ୍ନାଥ ପ୍ରସାଦ ଦାସ ଏମ୍, ଏ, ଏମ୍, ଏଲ୍, ସି, ସଭାପତି ହୋଇଥିଲେ । ଏଥିରେ ନିମ୍ନଲିଖିତ ପ୍ରସ୍ତାବମାନ ଗୃହୀତ ହୋଇଯାଇ ଅଛି ।

୧ । ଓଡ଼ିଶା କମିଟି ରିପୋର୍ଟ ପାଖ ପାଖ ପ୍ରଦେଶ ମାନଙ୍କର ଓଡ଼ିଆ ଅଞ୍ଚଳମାନ ଏବଂ ବିଶେଷତଃ ପାରଲା ଖେମୁଣ୍ଡିକୁ ଓଡ଼ିଶା ସହିତ ମିଶିବାରୁ ବାଦ୍ ଦେଇଥିବାରୁ ବାଲେଶ୍ୱର ବାସୀଙ୍କର ଏହି ସଭା ଘୋର ଆପତ୍ତି ଜଣାଉ ଅଛନ୍ତି ।

ବ୍ରିଟିଶ୍ ସରକାର ଓଡ଼ିଆମାନଙ୍କ ପ୍ରତି ବରାବର ଉପେକ୍ଷା କରି ଆସୁଅଛନ୍ତି । ସରକାର ବର୍ତ୍ତମାନ ହେଲେ ଓଡ଼ିଆମାନଙ୍କ ପ୍ରତି ନ୍ୟାଯ୍ୟ ବ୍ୟବହାର କରନ୍ତୁ ଏବଂ ଯେଉଁ ପ୍ରାନ୍ତମାନ ପ୍ରକୃତରେ ଜାତି ଏବଂ ସଂସ୍କୃତି ଅନୁସାରେ ଓଡ଼ିଆ ସେହି ପ୍ରାନ୍ତମାନ ମିଶାଇ ଗୋଟିଏ ପୃଥକ ପ୍ରଦେଶ ଗଠନ କରନ୍ତୁ ବୋଲି ଏ ସଭା ସରକାରଙ୍କୁ ନିବେଦନ କରୁଅଛନ୍ତି ।

୨ । ପୃଥକ ପ୍ରଦେଶ ହେବା ଦିନରୁ ହାଇକୋର୍ଟ ଓ ବିଶ୍ୱବିଦ୍ୟାଳୟ ରହିବ କି ନାହିଁ ସେ ସବୁ କଥା ଲୋକେ ନିଜେ ନିଜେ ନିଷ୍ପତ୍ତି କରିବାପାଇଁ ଛାଡ଼ି ଦିଆହେଉ । ନିଜର ବିଶ୍ୱବିଦ୍ୟାଳୟ ଏବଂ ହାଇକୋର୍ଟ ହେବା ପର୍ଯ୍ୟନ୍ତ ଆର୍ଥିକ ଦୃଷ୍ଟିରେ ଓ ସୁବିଧା ମତରେ ବାଲେଶ୍ୱର ଅଧିବାସୀମାନେ କଲିକତା ହାଇକୋର୍ଟ ଏବଂ ୟୁନିଭର୍ସିଟି ଅଧୀନରେ ରହିବା ଇଚ୍ଛା ପ୍ରକାଶ କରୁଅଛନ୍ତି ।

୩ । ସମସ୍ତ ଭାରତରେ ଓଡ଼ିଆ ସମସ୍ୟା ଅଦ୍ୱିତୀୟ ଏବଂ ଅନ୍ୟମାନଙ୍କ ପୃଥକ ପ୍ରଦେଶ ଦାବୀ ସଙ୍ଗେ ସମାନ ବୋଲି ଧରିନେବା ଉଚିତ ନୁହେଁ ।

ଉପରୋକ୍ତ ନିର୍ଦ୍ଧାରଣମାନ ବାବୁ ମୁକୁନ୍ଦ ପ୍ରସାଦ ଦାସ ଉପସ୍ଥାପିତ କରିଥିଲେ ଏବଂ ବାବୁ ନୃପେନ୍ଦ୍ରନାଥ ସରକାର ଏମ୍, ଏ, ବି, ଏଲ୍, ଅନୁମୋଦନ କରିଥିଲେ ।

—※—

## ପାଟଣା ଓଡ଼ିଆ ଛାତ୍ରଙ୍କ ଦାବୀ

ପାଟଣାରେ ଅଧ୍ୟୟନ କରୁଥିବା ଓଡ଼ିଆ ଛାତ୍ରମାନଙ୍କର ଗୋଟିଏ ସଭା ହୋଇ ସେଥିରେ ଦେଶମିଶ୍ରଣ ସମ୍ବନ୍ଧରେ ନିମ୍ନଲିଖିତ ପ୍ରସ୍ତାବ ମାନ ଗୃହୀତ ହୋଇଅଛି :—

୧ । ଓଡ଼ିଶା ସୀମା ନିର୍ଦ୍ଧାରଣ କମିଟିର ରିପୋର୍ଟକୁ ସମର୍ଥନ କରିବା ସଙ୍ଗେ ସଙ୍ଗେ, ସଂସ୍କୃତି ଗତ, ଭାଷାଗତ, ଭୂଭାଗଗତ, ଓ ଅନ୍ୟାନ୍ୟ ଦିଗରୁ ବିଚାରକଲେ ଆଦର୍ଶ ଓଡ଼ିଆ ଅଞ୍ଚଳ ପାରଲା ଖେମୁଣ୍ଡିକୁ ଓଡ଼ିଶାରେ ଅନ୍ତର୍ଭୁକ୍ତ ନ କରିବାପାଇଁ କମିଟିର ଚେୟାରମ୍ୟାନ୍ ଯେଉଁ ମତ ଦେଇଅଛନ୍ତି ସେଥିରେ ଛାତ୍ରମାନଙ୍କର ଏ ସଭା ଗଭୀର ଦୁଃଖ ପ୍ରକାଶ କରୁଅଛନ୍ତି ।

୨ । ନୂତନ ଓଡ଼ିଶା ପ୍ରଦେଶ ଗଠିତ ହେଲେ ଅର୍ଥ ଅନଟନ ଘଟିବ ବୋଲି କମିଟି ଯେଉଁ ସନ୍ଦେହ ଦେଖାଇଅଛନ୍ତି ତାହା ଅମୂଳକ ବୋଲି ଏ ସଭା ମନେକରନ୍ତି । ସିନ୍ଧୁପ୍ରଦେଶ ସମ୍ବନ୍ଧେ ଯେଉଁ ହିସାବପତ୍ର କରାଯାଇଅଛି, ଓଡ଼ିଶା ସମ୍ବନ୍ଧେ ସେପରି ହୋଇ ନ ପାରିବା ଦୁଃଖର ବିଷୟ ।

୩ । ଅବିଳମ୍ବେ ନୂତନ ଓଡ଼ିଶା ପ୍ରଦେଶ ଗଠନ କରିବାପାଇଁ ଏ ସଭା ସରକାରଙ୍କ [illegible]ରେ ଅପତ୍ତି କରୁଅଛନ୍ତି ।

୪ । ଋଷିକୁଲ୍ୟା ନଦୀର ଦକ୍ଷିଣକୁ ଥିବା ଗଞ୍ଜାମ ଓ ଭିଜାଗାପାଟଣାର କୌଣସି ଅଂଶ ଓଡ଼ିଶା ସହିତ ନ ମିଶାଇବା ପାଇଁ ବୋବିଲିର ରାଜାସାହେବ ମାନ୍ଦ୍ରାଜ ବ୍ୟବସ୍ଥାପକ ସଭାରେ ଯେଉଁ ପ୍ରସ୍ତାବ କରିଥିଲେ ତାହାକୁ ଏ ସଭା ନାପସନ୍ଦ କରୁଅଛନ୍ତି । ମାନ୍ଦ୍ରାଜ ବ୍ୟବସ୍ଥାପକ ସଭାର ନିର୍ଦ୍ଧାରଣକୁ ଉପେକ୍ଷା କରିବାପାଇଁ ଏ ସଭା ଭାରତ ସରକାରଙ୍କୁ ନିବେଦନ କରୁଅଛନ୍ତି କାରଣ ଉକ୍ତ ସଭାରେ ଓଡ଼ିଆ ମେମ୍ବରଙ୍କ ସଂଖ୍ୟା ଶୂନ୍ୟ କମ୍ ।

—※—

## ପଣ୍ଡିତ ନୀଳକଣ୍ଠ ଅସୁସ୍ଥ

ଗୋଟିଏ ସମ୍ବାଦରୁ ପ୍ରକାଶ ପଣ୍ଡିତ ନୀଳକଣ୍ଠ ଦାସ ହଜାରିବାଗ ଜେଲ୍‌ରେ ଅସୁସ୍ଥ ଅଛନ୍ତି । ତାଙ୍କର ମୂତ୍ର ଦୋଷରେ ରୋଗ ଜାତ ହୋଇଅଛି ଏବଂ ଏଣୁ ସେ ମୂତ୍ର ତ୍ୟାଗ କଲାବେଳେ କଷ୍ଟ ପାଉଅଛନ୍ତି । ଏଥି ପ୍ରକାଶେ ସମସ୍ତେ ସମସ୍ତେ ସେ ମୁକ୍ତିହୋଇ ଯାଇଥିବାର ପ୍ରକାଶ ।

—※—

## ବଙ୍ଗପ୍ରଦେଶରେ ବନ୍ଦୀ ହିସାବ

ବଙ୍ଗ ବ୍ୟବସ୍ଥାପକ ସଭା ବୈଠକରେ ମଣୀନ୍ଦ୍ରଦେବ ପ୍ରଶ୍ନର ଉତ୍ତରରେ ସରକାରଙ୍କ ପକ୍ଷରୁ ବଙ୍ଗପ୍ରଦେଶର ରାଜବନ୍ଦୀଙ୍କ ସଂଖ୍ୟା ପ୍ରକାଶ ପାଇଛି । ଜୁଲାଇ ୨୩ ତାରିଖ ପର୍ଯ୍ୟନ୍ତ ଏ ହିସାବ ଦିଆ ଯାଇଛି—

| | | |
|---|---|---|
| ପ୍ରଥମ ଶ୍ରେଣୀ | — | ୨୪ ଜଣ |
| ଦ୍ୱିତୀୟ " | — | ୫୬୮ ଜଣ |
| ତୃତୀୟ " | — | ୧୬୯୪୮ ଜଣ |
| ମହିଳା ବନ୍ଦୀଙ୍କ ହିସାବ | | |
| ପ୍ରଥମ ଶ୍ରେଣୀ | — | ୧ ଜଣ |
| ଦ୍ୱିତୀୟ " | — | ୬୫ ଜଣ |
| ତୃତୀୟ " | — | ୩୬୯ ଜଣ |
| ମୋଟ | | ୧୬୯୩୫ ଜଣ |

—※—

ଜେଲ ବାହାରେ ୩୬୮ ଜଣଙ୍କୁ ଅନ୍ତରୀଣ କରି ରଖାଯାଇଅଛି । ଏମାନେ ସମସ୍ତେ ଉପାର୍ଜନ କରି ପରିବାର ପ୍ରତିପୋଷଣ କରୁଥିଲେ । ଅନ୍ତରୀଣ କରି ରଖା ଯାଇଥିବାରୁ ଏମାନଙ୍କୁ ସରକାର ଖୋରାକ ପୋଷାକ ଦେଉ ଅଛନ୍ତି ।

—※—

## ମଣିବେନ୍‌ଙ୍କୁ ବର୍ଷେ

ବମ୍ବେ କରପୋରେସନର ମହିଳା ସଦସ୍ୟ କୁମାରୀ ମଣିବେନଙ୍କ ବର୍ଷେ ଜେଲ ଏବଂ ୩୦୦ଟଙ୍କା ଜୋରିମାନା ହୋଇଅଛି । ଜୋରିମାନା ନ ଦେଲେ ଆଉ ୩ ମାସ ଜେଲ ଭୋଗିବାକୁ ପଡ଼ିବ ।

## ଜେଲ୍‌ରେ ମାଡ଼ପିଟ

ଏଥିମଧ୍ୟରେ ପାଟଣା କ୍ୟାମ୍ପ ଜେଲ୍‌ରେ ଥିବା ସତ୍ୟାଗ୍ରହୀ ଓ ଓ୍ୱାର୍ଡରମାନଙ୍କ ମଧ୍ୟରେ କୌଣସି କାରଣରୁ ମନାନ୍ତର ହୋଇ ମାରପିଟ ହୋଇଥିଲା । ଏହି ମାଡ଼ପିଟ ଫଳରେ ଉଭୟ ପକ୍ଷରୁ ୧୦ଜଣ ଆହତ ହୋଇଅଛନ୍ତି । ତିନିଜଣ ମୁସଲମାନ ପୁଲିସ ମରି ଯାଇଅଛି । ପୋଲିସ ଏ ଘଟଣାର ବିଶେଷ ଅନୁସନ୍ଧାନ କରୁଅଛନ୍ତି ।

—※—

Digitized by srujanika@gmail.com

Split by PDF Splitter



ନଂ ୧୪୮ ଷ୍ଟ

# ଲକ୍ଷ୍ମୀନାରାୟଣ ପୁସ୍ତକାଳୟ କାଜିବଜାର, କଟକ

ଏହି ସୁବୃହତ୍ ପୁସ୍ତକ ଭଣ୍ଡାରରେ ଓଡ଼ିଆ ଭାଷାରେ ପ୍ରକାଶିତ ଯେ କୌଣସି ପୁସ୍ତକ ଏବଂ ପ୍ରାଇମେରୀଠାରୁ ହାଇସ୍କୁଲ ଯାଏ ସମସ୍ତ ପାଠ୍ୟ ପୁସ୍ତକ ମିଳେ । ସୁବିଧାରେ ବିଶ୍ୱସ୍ତଭାବରେ ମୋଫସଲକୁ ପାର୍ଶଲ ପଠାଯାଇ ଥାଏ । ପରୀକ୍ଷା ପ୍ରାର୍ଥନୀୟ ।

ଚଳିତବର୍ଷ ପାଇଁ ଶିକ୍ଷା ବିଭାଗରୁ ମଞ୍ଜୁର ହୋଇଥିବା ନୂଆ ପ୍ରାଥମିକ ଉତ୍କଳ ଇତିହାସ — ପଣ୍ଡିତ ଗୋପୀନାଥ ଦାସ ଓ ଶେଖ ନଜର ମୋହମ୍ମଦଙ୍କ କୃତ— ମୂଲ୍ୟ ଟ ୦ ।/ ପାଞ୍ଚଅଣା ମାତ୍ର

---

ଘରେ ଘରେ ପ୍ରଚଳିତ ହେବାପାଇଁ ସୁଲୋଚିତ ଭାଷାରେ ଲେଖା, ରାମଚରିତ-ହିନ୍ଦୀ ଅନୁରୂପ ।

## ସାନଙ୍କ ରାମାୟଣ

### ଲେଖକ ଶ୍ରୀମାନ୍ ଚକ୍ରଧର ମହାପାତ୍ର

ସରଳ କୋମଳ ଭାଷାରେ ଲେଖା, ପିଲାଏ ପଢ଼ାପଢ଼ି ପିଉ ବୁଝିପିବେ ।

ମୂଲ୍ୟ ଟ ୦ ୩

ସରୋଜନଳିନୀ ( ଗାଡ଼ର ଉପର ସୁନ୍ଦର ଚଙ୍ଗରେ ପରିପୂର୍ଣ୍ଣ ) ଟ ୦ ୲୵

### ନୂତନ ପ୍ରକାଶିତ ସୁନ୍ଦର ପ୍ରୟୋଜନୀୟ ବହି

୧ ମା—( ଜନନୀ ଜନ୍ମଭୂମିର ବନ୍ଦନାତ୍ମକ କବିତା ) ଟ ୦ ୶

୨—ଗୀତାମୃତ ( ଲେଖକ ବାହାର ପରୁ ଉଦ୍ଧୃତ । ଗୀତାର ସରଳ ଅନୁବାଦ ମୂଲ୍ୟ ଟ ୦ ୲

୩—ପଦ୍ମମାଳୀ ( ଖାଣ୍ଟି ଓଡ଼ିଆ ଉପନ୍ୟାସ ୩ୟ ସଂସ୍କରଣ ) ଟ ୧୲

୪—ସଙ୍ଗୀତ କୁସୁମୋଦ୍ୟାନ ( ଉର୍ଦ୍ଦୁ, ଓଡ଼ିଆ ଓ ବଙ୍ଗଳାଗୀତ ) ମୂଲ୍ୟ ଟ ୦ ୲୶

୫—ପାଚିକା ( ବହୁ ପ୍ରକାର ରନ୍ଧନ ପ୍ରଣାଳୀର ଉପାୟ ) ଟ ୦ ୲୶

୬—ଗାଁ ମାଇପଙ୍କ ଗୀତ ( ଗାଉଁଲି ଭାଷାର ଲେଖା ) ଟ ୦ ୲୵

୭—ମିଶନ କାଳିକା ( ବାଳକବାଳିକାଙ୍କ ପାଇଁ ) ଟ ୦ ୲୵

## ୧-ଲଗ୍ନ ଓ ରାଶି ଫଳ ଟ ୦ ୩

## ୨-ଜନ୍ମମାସ ଫଳ ଟ ୦ ।

### ଲେଖକ ଶ୍ରୀ ଶ୍ୟାମସୁନ୍ଦର ରାଠିଆ ବେଦାନ୍ତଭୂଷଣ

ଜ୍ୟୋତିଷଙ୍କ ଜଟିଳ ସମାଧାନ ଶୁଣିବା ଆଗରୁ ନିଜ ଭାଗ୍ୟ ଓ କର୍ମଫଳ ଜାଣିବାପାଇଁ ଉତ୍ତମ ସାଧନାରେ ଲେଖା ଯାଇଅଛି । ପାଞ୍ଜି ପରି ଘରେ ଘରେ ସ୍ଥାନ ପାଇବା ପାଇଁ ଖୁବ୍ ସସ୍ତା ଦାମ ।

### ଲେଖକ ଶେଖ୍ ସୁଲତାନ ମୋହମ୍ମଦ

ସହଜ ଇଂରାଜୀ ବର୍ଣ୍ଣବୋଧ ମୂଲ୍ୟ ଟ ୦ ୶

### କେତେକ ଦେଶ—ପରିଚିତ ପୁସ୍ତକ

ସୁଭଦ୍ରାର୍ଜ୍ଜୁନ [ ଯୁଗାନ୍ତକାରୀ ନାଟକ ] ଟ ୧ ୧

ଜନାବତନ [ ଭବିଷ୍ୟ-କଥକ ଜନାର ଉପାଦେୟ ବାଣୀ ] ଟ ୦ ।/

ସୁଚିତ୍ର ରାମାୟଣ [ ନାନା ଛନ୍ଦରେ ସରଳ ପଦ୍ୟ ] ଟ ୦ ।

ନିତ୍ୟକର୍ମ ପୂଜା ପଦ୍ଧତି [ ଉତ୍କଳ ସଂସ୍କରଣ ] ଟ ୦ ୩

ଦ୍ରୌପଦୀ ରସକଲ୍ଲୋଳ ( ନାନାବିଧ ଚୌପଦୀ ) ଟ ୦ ।

ବିରହ କଲ୍ଲୋଳ—( ପ୍ରେମକୁନ୍ତଳା ) ଟ ୦ ୶

ଠିକଣା :—ଲକ୍ଷ୍ମୀନାରାୟଣ ପୁସ୍ତକାଳୟ, କାଜିବଜାର—କଟକ

---

No 167 — 20-8-32

**W**anted at once a Trained Matric or a passed I. A. or I. Sc. having experience in teaching for the post of Second Master of the Bonai garh M. E. School, Bonai State on a salary of Rs. 30/- with a hostel allowance of Rs. 5/- P. M. and free quarters. Preference will be given to those who are efficient in School games and Scouting. Apply with copies of testimonials to the undersigned on or before 31st. August 1932.

Sd. A. J. Ollenbach,
Diwan,
Bonai State.
P. O. Bonai garh
Via-Panposh, B. N. Ry.

---

No. 166 — 3-8-32

**W**anted some energetic youngmen and ladies wishing to earn more than Rs. 100/- per month, by working in leisure hours without investing any capital. Get free particulars from, The National Trading Co. Ludiana.

---

ନଂ ୧୬୩ — ବିଜ୍ଞାପନ — ୨୦-୮-୩୨

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି କି ଯେ ସହର କଟକ ଟାଉନ ଖାସମହାଲ ଇଲାକାରେ ଥିବା ନିମ୍ନଲିଖିତ ସମ୍ପତ୍ତି ସନ ୧୯୩୨ ମସିହା ଅଗଷ୍ଟ ମାସ ତା ୨୬-ରିଖ ସକାଳ ୧୧ ଘଣ୍ଟା ସମୟରେ ଉକ୍ତ ସରଜମିନ୍ ସ୍ଥାନରେ ପ୍ରକାଶ୍ୟ ନିଲାମ ହେବ । ବିଶେଷ ଖବର କଟକ ଖାସମହାଲ ଅଫିସରୁ ଜାଣିହେବ ।

୨ । ସର୍ବୋଚ୍ଚ ଡାକକୁ ଶ୍ରୀଯୁକ୍ତ କଲେକ୍ଟର ସାହେବ ଅନ୍ୟ କୌଣସି କାରଣ ଦର୍ଶାଇ ଉହା ମନେ ନକଲେ ଗ୍ରହଣ କରି ନ ପାରନ୍ତି ।

ସମ୍ପତ୍ତିର ତପସିଲ

ସହର କଟକ ଟାଉନ ଖାସମହାଲ ଇଲାକା ନଂ ୨୬୧୭ ନଂ ଲକ୍ଷ୍ମୀ ମୌଜା ଯାଜପୁର ଅର୍ମାଇ ବାଲୁବଜାର ନମ୍ବରରେ ଥିବା ନଂ ୧୩୫୪ ନଂ ଖାତା ଜାଃ ୫୦—୧୦୭ ଫୁଟ ମୂ ୫୦—୦୩୨ ଏକ ଜମି ନିଲାମହେବ ।

ଖସଡ଼ା ବିବରଣ ରକବା ପଟ୍ଟା
୨୫୦୪ ଘରବାଡ଼ି ୫୦—୦୩୨ ଖାସମହାଲ ଅନାବାଦ

M. Das.
Khasmahal Officer,
Cuttack
10-8-32

---

ନଂ ୧୬୧ ନଂର — ତା ୨୦।୮।୩୨

### ଶ୍ରୀ ମଦନଗୋପାଳ ଟ୍ରେଡ଼ିଂ କୋମ୍ପାନୀ

### ଚଉଧୁରୀ ବଜାର କଟକ

ଅମ୍ଭେ ନିମ୍ନ ସ୍ୱାକ୍ଷରକାରୀ ଅଂଶୀଦାରମାନେ ସନ ୧୯୩୨ ମସିହା ଅପ୍ରେଲ ମାସ ତା ୨୮ ରିଖରୁ ଉକ୍ତ ଚଉଧୁରୀ ବଜାର ଷ୍ଟ୍ରିଟ ରେ ମଦନଗୋପାଳ ଟ୍ରେଡ଼ିଂ କୋମ୍ପାନୀ ନାମରେ ଏକ କୋମ୍ପାନୀ ଖୋଲି ସ୍ୱଦେଶୀ ଜିନିଷମାନ ଉତ୍ତମ ମତେ ଆମଦାନି କରି ସୁଲଭ ମୂଲ୍ୟରେ ବିକ୍ରୟ କରୁଅଛୁଁ । ଅମ୍ଭେମାନେ ମଧ୍ୟ ଭାରତବର୍ଷ ବଡ଼ ବଡ଼ କୋମ୍ପାନୀ ମାନଙ୍କରୁ ମାଲ ଆମଦାନୀ କରି ଗ୍ରାହକ ମାନଙ୍କ ଅଡ଼ର ମୁତାବକ ପଠାଇଥାଉ । ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଅମ୍ଭେମାନେ ଉକ୍ତ ମଦନଗୋପାଳ ଟ୍ରେଡ଼ିଂ କୋମ୍ପାନୀର ଅଂଶୀଦାର ମାନେ ଅନ୍ୟ କୋଣସି ଠି କେବଳ ପର୍ଯ୍ୟନ୍ତ ଚଉଧୁରୀ ବଜାର ଷ୍ଟ୍ରିଟ ରେ ଉକ୍ତ କୋମ୍ପାନୀ କାର୍ଯ୍ୟ କରୁଥିବ । ସେଥିରେ ଯାହାର ଯାହା ଆବଶ୍ୟକ ହେବ ଉକ୍ତ ଚଉଧୁରୀ ବଜାର ଷ୍ଟ୍ରିଟ କୋମ୍ପାନୀ ଅଫିସକୁ ଅର୍ଡର ଦେଲେ ତାହା ପାଇବେ ।

କଟକ — ଶ୍ରୀ ମଦନ ଗୋପାଳ
ଶ୍ରୀ ଭିକାରୀଚରଣ ଦାସ
ତା ୧୮।୮।୧୯୩୨ — ଶ୍ରୀ ପୁରୁଷୋତ୍ତମ ଜାଜାଲଣ

Digitized by srujanika@gmail.com

Split by PDF Splitter



## ପାଟଣା ବିଶ୍ୱ ବିଦ୍ୟାଳୟ

ବେହାର ଓଡ଼ିଶା ସରକାରଙ୍କ ଆଦେଶାନୁସାରେ ପାଟଣା ବିଶ୍ୱ ବିଦ୍ୟାଳୟ ଆଡ୍‌ମିନିଷ୍ଟ୍ରେସନ୍ ୧୯୩୨-୩୩ ର ୧୦ ଶୁଣ ଠାରୁ ଚଳାଇବ ହେଲା ।

—✽—

## ମୌଲାନା ଶୌକତ ଅଲି

ଗତ ତା ୮ ଶୁଣ ଦିନ ମୌଲାନା ଶୌକତ ଅଲି ଲଣ୍ଡନରୁ ବାହାରିକି କାବୁଲ ଯାତ୍ରା କରି ଅଛନ୍ତି ।

—✽—

## କାନ୍ଥି ପ୍ରେଜଟେବଲ୍ ସର୍ଭେ ସ୍କୁଲ ମେଦିନୀପୁର

ତ୍ରାଇ ବୋଷ୍ଟଲ ଓ ଦ୍ୱାଇଁଗ୍ଣ ଗଡ଼ କଟେଜ
ସନ ୧୯୩୨ ମସିହା ମଇ ମାସ
ଶେଷ ପରୀକ୍ଷାର ଫଳ
ଗୁଣାନୁସାରେ

—୧ମ ବିଭାଗ—

୧ । ଶ୍ରୀ ଭଗବାନ ତ୍ରିପାଠୀ, ସେଖ ଆବ୍ଦୁଲ ଲତିଫ ହୁସେନ ୨ । ଶ୍ରୀ କେଶବଧର ବେହେରା, ଶ୍ରୀ ଉଦୟ ଗ୍ରାମ ଦାସ ୩ । ଶ୍ରୀ ବ୍ରଜବନ୍ଧୁ ଜେନା, ଶ୍ରୀ ମହେଶ୍ୱର ମହାନ୍ତି, ସେଖ ଅବ୍ଦୁଲ ସତ୍ତାର ହୁସେନ ୪ । ଶ୍ରୀ କାଙ୍ଗାଳି ଚରଣ ସାହୁ, ଶ୍ରୀ ଆନନ୍ଦ ଚରଣ ବୋଷ ୫ । ଶ୍ରୀ ହରିହର ବେହେରା, ଶ୍ରୀ ଦାମୋଦର ବେହେରା ୬ । ସେଖ୍ ଅବ୍ଦୁଲ ରଜାକ୍ ଅଲି, ଶ୍ରୀ ଅର୍ଜୁନ ଚରଣ ନାୟକ ୭ । ଶ୍ରୀ ଗିରିଧାରୀ ଲେଙ୍କା, ଶ୍ରୀ ଭୀମସେନ ଦାସ ୮ । ଶ୍ରୀ ରଘୁନାଥ ମିଶ୍ର, ସେଖ ଦୋସେଲ ମହମଦ ୯ । ଶ୍ରୀ ସାନନ୍ଦ ଚରଣ ବିଶ୍ୱାଳ, ଶ୍ରୀ କମଳ ଲୋଚନ ମହାନ୍ତି ୧୦ । ଶ୍ରୀ ନାରାୟଣ ଚନ୍ଦ୍ର ମହାନ୍ତି, ଶ୍ରୀ ଧରଣୀ ଧର ଦାସ ୧୧ । ଶ୍ରୀ ଜଗନ୍ନାଥ ପାଢ଼ୀ, ଶ୍ରୀ ଗୋବର୍ଦ୍ଧନ ଦାସ ସାମନ୍ତ, ଶ୍ରୀ ଦାମୋଦର ପଟ୍ଟନାୟକ, ଶ୍ରୀ ଚତୁର୍ଭୁଜ ଜେନା ୧୨ । ଶ୍ରୀ କଲ୍ୟାଣ ଚରଣ ସ୍ୱାଇଁ, ଶ୍ରୀ ବଂଶୀଧର ଦାସ, ଶ୍ରୀ ସାରଙ୍ଗ ପଣ୍ଡା, ଶ୍ରୀ ଗୋପାଳ ଚନ୍ଦ୍ର ମହାନ୍ତି, ଶ୍ରୀ ଚକ୍ରପାଣି ମିଶ୍ର ୧୩ । ଶ୍ରୀ ଗଉରୀନ ଚନ୍ଦ୍ରାସ ପଟ୍ଟନାୟକ, ଶ୍ରୀ ଇନ୍ଦ୍ରମଣି ମହାନ୍ତି, ଶ୍ରୀ ସୁଦର୍ଶନ ସାହୁ, ଭାଗୁ ଖାଁ ।

—୨ୟ ବିଭାଗ—

୧ । ଶ୍ରୀ ଦାମୋଦର ବିଶ୍ୱାଳ, ଶ୍ରୀ ଘନଶ୍ୟାମ ସିଂହ ୨ । ଶ୍ରୀ ଗୌରାଙ୍ଗ ଚନ୍ଦ୍ରାସ ନାୟକ, ଶ୍ରୀ ମଣିନାଥ ସ୍ୱାଇଁ ୩ । ଶ୍ରୀ ପ୍ରହ୍ଲାଦ ବେହେରା, ଶ୍ରୀ ଲକ୍ଷ୍ମୀ ଚନ୍ଦ୍ରାସ ଜେନା, ଶ୍ରୀ ଜଗନ୍ନାଥ ବେହେରା ୪ । ଶ୍ରୀ ଅଦ୍ୱୈତ ବିଶ୍ୱାଳ, ଶ୍ରୀ ଭକ୍ତଚରଣ ସ୍ୱାଇଁ ୫ । ଶ୍ରୀ ବଂଶୀଧର ପାଢ଼ୀ, ଶ୍ରୀ ବଂଶୀଧର ବେହେରା ୬ । ଶ୍ରୀ ଭୂପିନାଥ ଧଳ, ଶ୍ରୀ ଲମ୍ବୋଦର ଚନ୍ଦ୍ର ପ୍ରଧାନ ୭ । ଶ୍ରୀ ଭଗବାନ ମଲ୍ଲିକ, ଶ୍ରୀ ବଳଭଦ୍ର ସାହୁ, ଶ୍ରୀ ବାବର ବେହେରା ।

—୩ୟ ବିଭାଗ—

୧ । ଶ୍ରୀ ଘନଶ୍ୟାମ ମହାପାତ୍ର, ଶ୍ରୀ ଗିରିଧାରୀ ସ୍ୱାଇଁ ।

ସୁପରିଣ୍ଟେଣ୍ଡେଣ୍ଟ୍,
ଶ୍ରୀ ହରେକୃଷ୍ଣ ଦାସ ଅଧିକାରୀ, ଉତ୍କଳ,
କାନ୍ଥି ପ୍ରେଜଟେବଲ ସର୍ଭେ ସ୍କୁଲ,

No. 169 27-8-32

# Notice

Tenders are invited for the lease of the monopoly of collection of Kendu-leaves from the whole of the reserve, protected and khesra forests of the Rairakhol State for 5 years commencing from 1934 and for the monopoly of collection from the forests under Charmal thana for the year 1933 only.

Both the above-mentioned leases will be given to the same lessee.

Tenders which should reach the undersigned by 12. 9. 32, should state the amounts offered for—

(i) Charmal thana only for 1933 and (ii) the whole state for each of the years 1934 to 1938.

The annual monopoly fee will have to be paid in 3 equal instalments by the 30th. June, 30th. September, and 31st. December each year.

The undersigned does not undertake to accept the highest or any tender.

The sale of the monopolies is subject to the approval of the Political Agent & Commissioner, Orissa Feudatory States.

| | |
|---|---|
| Forest Officer, Rairakhol. | Sd/- B. M. Kanango Dewan, Rairakhol State. |

170 27-8-32

# Wanted

A Head Pandit for the Baripada H. E. School on a monthly salary of Rs. 30/- | 50/-. Post pensionable. None need apply who has not passed a title or Acharya Examination in Sanskrit. Candidates having Training and English qualifications will be given preference. Applications should reach the undersigned on or before the 30th of August 1932.

S. N. Das.
Superintendent of Education,
Mayurbhanj State.
16. 8. 32.


ନଂ ୧୭୩ ୨୦-୮-୩୨

## ମହିଳାମାନଙ୍କପାଇଁ ରୋଲ୍ଡ ଗୋଲ୍ଡ ବାଲି

ଏହାର ଉପର ଗିଲ୍ଟ ସୁନାପରି ବ୍ୟବହାରରେ



କେବେ ରଙ୍ଗ ଯିବ ନାହିଁ । ଉତ୍ତମ ପାଲିସ କରାହୋଇଛି । ବଡ଼, ମଧ୍ୟମ, ଓ ଛୋଟ ଥାଇଲ ଏକଯୋଡ଼ା ମୂଲ୍ୟ ଟ ୫ ମାତ୍ର

ମହିଳାମାନଙ୍କପାଇଁ କେମିକାଲ ସୁନାର ଇଅରରିଙ୍ଗ—ଏହା କେମିକାଲ ସ୍ୱର୍ଣ୍ଣ ପ୍ରସ୍ତୁତ



ରଙ୍ଗ ପାଲିସ ଠିକ ସୁନାପରି ବ୍ୟବହାର କରିବା ଏହା ଉପଯୁକ୍ତ । ପ୍ରତି ଯୋଡ଼ା ଟ ୪ ମାତ୍ର ପାର୍ଶ୍ୱ ଓ ଡାକମାଶୁଲ ଟ୦।୵ ସ୍ୱତନ୍ତ୍ର

ଉପହାର—ଉପରୋକ୍ତ ୨ ଯୋଡ଼ା ବାଲି କିମ୍ବା ୨ ଯୋଡ଼ା ଇୟରିଙ୍ଗ ଖରଦ କଲେ ଗୋଟିଏ ହଟେଲ ରୁପାର ଲକେଟ ସଙ୍ଗେ ଉପହାର ଦିଆଯିବ

ORIENTAL AGENCY
62/ A. Braun feild Row,
(V) P. o Alipore
Calcutta


## ନୀଲାମ ଇସ୍ତାହାର

ନଂ ୧୪୪ ମୁଦ୍ରା ୧୯୩୨ । ସନ ୧୯୩୨ ମସିହା

କେନ୍ଦ୍ରାପଡ଼ା ମୁନ୍ସଫି ଅଦାଲତ

ବୃନ୍ଦାବନ ମହାନ୍ତି ବିଃ ଶ୍ରୀପତି ପ୍ରଭୃତି ଜଣ ଜାରି ଡିକ୍ରି
ଅନୁଯାୟୀ ଶ୍ରୀ ଜଗନ୍ନାଥ ପ୍ରଭୃତି ଜଣ ଦୁଇ ପ୍ରକାଶ କରାଯାଉଛି ନୋଟିସ

ଜାରିର ଡିକ୍ରି ଅନୁଯାୟୀ ପ୍ରଥମ ଇଃ ସମ୍ପତ୍ତି କେନ୍ଦ୍ରାପଡ଼ା ମାଲ୍ ଅଦାଲତରେ ନିଲାମ ହୋଇ ବାକି ଟ ୭୩୪୵୩ ବାବଦ ନାମରେ ଜମା ହେବାରୁ ତାହା ବାଦ ଯାଇବା କାରଣ ଏହି ଅଦାଲତରେ ଉପରୋକ୍ତ ନମ୍ବର ଡିକ୍ରୀ ବାବଦ ଆଦାୟ ଆସନ୍ତା ତା ୨୭।୮।୩୨ ସୁଦ୍ଧା ଧାର୍ଯ୍ୟ ଅଛି ତାହାର କୌଣସି ଆପତ୍ତି ଥିଲେ ଉକ୍ତ ତାରିଖେ ଦର୍ଶାଇବ ନଚେତ୍ ଉକ୍ତ ତାରିଖେ ମଞ୍ଜୁରୀ ଦିଆଯିବ ।

—

ନଂ ୮୩୫ ମୁଦ୍ରା ଜାରି ସନ ୧୯୩୨ ମସିହା

ଲକ୍ଷ୍ମୀ ବାଇକ

କେନ୍ଦ୍ରାପଡ଼ା ମୁନ୍ସଫି ଅଦାଲତ

| | |
|---|---|
| ଶ୍ରୀ ଦେବେନ୍ଦ୍ର ପ୍ରସାଦ ସିଂହ ପାଠ ଗଡ଼ଅର୍ଜ ପ୍ରଃ | ଡିଃ |
| ଜଣ | |
| ୧ ଦୁର୍ଗାଚରଣ ଦାସ ଓଗେର ପାଃ ସିଗିଡ଼ିଆ ପ୍ରଃ | |
| ଜଣ | ଦେଃ ମାନେ |

ବାକି ଟ ୩୨୭୵
ତପସିଲ

୧ । କଟକ ଜି଼ଃ ଅନ୍ତର୍ଗତ କେନ୍ଦ୍ରାପଡ଼ା ସବ ରେଃ ଓ ପୁଲିସ ଷ୍ଟେସନ ଇଲାକାର ପ୍ରଃ ଜଣ ନଂ ୧୪୭୯ ତୌଃ ତାଃ ବରଡୋଳା ମୌଃ ସିଗିଡ଼ିଆ ଇଲାକାରେଥିବା ନଂ ୨ ମୁଦ୍ରା ଦେଣଦାର ନାମର ଖଣ୍ଡ ଜମି ମଧ୍ୟରୁ ଜଜାରି ଅଦାଲତର ସନ ୧୯୨୮ ମସିହାର ନଂ ୧୩୯ ପଃ ମୋକଦ୍ଦମାର ଇସ୍ତାନାମା ସୂଚେ ଦେଣଦାରମାନେ ପାଇଥିବା ଜମିର ବନ୍ଦୋବସ୍ତର ନଂ ୧୨୯/୧୮ ମୁଦ୍ରା ଖାତା ଓ ହାଲ ବନ୍ଦୋବସ୍ତର ନଂ ୨୨୫ ଖାତା ଡାଃ ଜମି ମଧ୍ୟରୁ ଏ୦—୪୧—୭୨ ଜମିରୁ ଅଦାଏ ଜମା ମଟୋଟ ଅନୁସାରେ ଟ ୮।୵୯ ଅଟେ । ଉକ୍ତ ଜମି ଓ ଇଦ୍ୱିତୀ ଭୂମି ଦେଣଦାର ଗୋ ୧ ଙ୍କରୁ ଓ ୧ ଜଣ ଦେଣଦାର ମାନଙ୍କ ସତ୍ତ୍ୱ ଦଖଲରେ ଅଛି । ତାହା ନୀଲାମର ମାସ ତା ୧୬ ରଖରେ ନୀଲାମହେବ ଯଃ ମୂଃ ଟ ୧୫୧

ନଂ ୫୩୩ ମୁଦ୍ରା ସମ୍ବନ୍ଧୀ ଏ୦-୭୨ ସ୍ଥାନ ପୂର୍ବଭଗରୁ ଏ୦—୨୧ ଡିଃ
ନଂ ୨୭୧ ମୁଦ୍ରା „ ଏ୪-୩୯ ସ୍ଥାନ ପୂର୍ବଭରପରୁ ଏ୦—୧୯-୪
ନଂ ୪୭୩/୧୫୭୦ ମୁଦ୍ରା „ ଏ୦-୦୨ ସ୍ଥାନ ଉତ୍ତରଭରପରୁ ଏ୦—୦୧-୨୨

ଏ୦—୪୧-୭୨

୩ । ଉକ୍ତ ସ୍ଥାନ ଇଲାକାର ପ୍ରଃ ଏକନ ମୌଃ ଏକକ ରକମ ହୋଇଥିବା ହାଲ ବନ୍ଦୋବସ୍ତର ଅନ୍ୟ ସତ୍ତ୍ୱକଦାର ମାନଙ୍କ ନାମରେ ନଂ ୧ ମୁଦ୍ରା ଦେଣଦାର ନାମର ବନ୍ଦୋବସ୍ତି ନଂ ୫ ମୁଦ୍ରା ଖାତା ଡାଃ ସ୍ଥିତମ ଏକର ପନ୍ଥ ଏ୦—୪୫ ଡିଃରୁ ଜମା ଟ ୨/ ମଧ୍ୟରୁ ଅନ୍ୟ ସତ୍ତ୍ୱକଦାର ମାନଙ୍କ ଅଂଶ ବାଦ ଦାବଦାର ଦେଣଦାରମାନଙ୍କ ଅଂଶ ଦଖଲ ନୋଟ ଅନୁସାରେ ଏ୦—୨୫ ଡିଃ ଜମିରୁ ଜମା ଟ ୦୩୯ ଏ ମୋକଦ୍ଦମାରେ ସନ ୧୯୩୨ ମସିହା ନୀଲାମର ମାସ ତା ୧୬ ରଖରେ ନୀଲାମହେବ ଯଃ ମୂଃ ଟ ୩୧

| | | |
|---|---|---|
| ନଂ ୮୩୩ ସମ୍ବନ୍ଧୀ | | ଏ୦—୨୦ |
| ନଂ ୮୩୪ | „ | ଏ୦—୦୫ |
| | | ଏ୦—୨୫ |

—✽—

Digitized by srujanika@gmail.com

Split by PDF Splitter



ଲେଣି କାଠ ପ୍ରତ୍ୟେକ ଖଣ୍ଡ ଫୁ ୩ ଟ ଲମ୍ବା ଓ ଇ ୩" ଷ ମୋଟ ତନୁ ଇ ୬" ଷ ମୋଟରୁ ଅଧିକ ନୁହେ ଏପରି କାଠ ଆବଶ୍ୟକ ଅଛି, କଣ୍ଟ୍ରାକ୍ଟର ଦମ୍ଭା ଅନ୍ୟ କେହି ଲୋକ ଉପର ଉକ୍ତ ଜା ଲେଣି କାଠ ଦେବାକୁ ଇଚ୍ଛା କରନ୍ତି ସେମାନେ କଟକ ମୁକାମ ମହାନଦୀଡିଭିଜନର ଶ୍ରୀଯୁକ୍ତ ଶ୍ରୀଶ ଏକଜକ୍ୟୁଟିଭଇଞ୍ଜିନୀୟର ସାହେବଙ୍କ ନିକଟରେ ଏହି ଚଳିତ ଅଗଷ୍ଟ ମାସ ତା ୩୧ ରିଖ ପର୍ଯ୍ୟନ୍ତ (ଟେଣ୍ଡର) ଦାଖଲ କରିବେ ।

ଶ୍ରୀଯୁକ୍ତ ଶ୍ରୀଶ ଏକଜକ୍ୟୁଟିଭଇଞ୍ଜିନୀୟର
୧୭।୮।୮୪ ମହାନଦୀ ଇରିଗେସନ ଡିଭିଜନ ।

---

ଅମ୍ଭେ ପ୍ରାକୃତ ଇତିହାସ ସମ୍ବନ୍ଧୀୟ ବହିଲା-ଷଭରେ ଛାପା କରାଇବାରେ ବ୍ରତୀ ହୋଇଅଛୁଁ ଅତଏବ ଏହି ପୁସ୍ତକକୁ ଅନ୍ୟ କୌଣସି ବ୍ୟକ୍ତି ଛାପା କରିବାକୁ ଉଦ୍ୟୁକ୍ତ ନ ହେବାକୁ ଅନୁରୋଧ କଲୁଁ । ଇତି ।

ବିଜ୍ଞାପକ ।
ଶ୍ରୀ ରାଜା । କ । ବାମଣ୍ଡା

---

ଶ୍ରୀଯୁକ୍ତ ବାବୁ ଜଗନ୍ନାଥ ରାୟ ଚୌଧୁରୀ ନାବାଳକ ଜମିଦାର ମାତା ମାହାଜିନ ଶ୍ରୀମତ୍ୟା ତମହକାରମୋହନୀ ଦେବ୍ୟା ପତ୍ନୀ ମୃତ ରମନାଥ ରାୟ ଚୌଧୁରୀଙ୍କର କଟକ ଓ ବାଲେଶ୍ୱର ଓ ପୁରୀଜିଲାର ଅନ୍ତର୍ଗତ ଜମିଦାରୀ ମାନଙ୍କର ତହସିଲଦାରୀ କର୍ମମାନ ଖାଲି ହୋଇଥିବାରୁଁ ସେ କର୍ମମାନ ଏହି ଚଳିତ ଅଗଷ୍ଟ ମାସ ମଧ୍ୟରେ ବନ୍ଦୋବସ୍ତ କରାଯିବାର ନିତାନ୍ତ ଆବଶ୍ୟକ ଥିବାରୁଁ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେଉଁମାନେ ଉକ୍ତ କର୍ମ କରିବାକୁ ଆକାଂକ୍ଷିତ ହେବେ ସେମାନେ ଆପଣା ୨ ର କର୍ମଦକ୍ଷତାର ସାର୍ଟିଫିକେଟ ସହିତ ମୁକାମ କେନ୍ଦ୍ରାପଡ଼ା । ତା । ଶରହଟ ଜମିଦାରୀ କଚେରୀରେ ଅଗଷ୍ଟମାସ ଆଖର ତାରିଖ ପର୍ଯ୍ୟନ୍ତ ହାଜର ହୋଇ ଉକ୍ତ କର୍ମର ଚେଷ୍ଟା କରିବେ ହାଜର ହୋଇ ନ ପାରିବା ସ୍ଥଳେ ଉକ୍ତ ସାର୍ଟିଫିକେଟ ଆଦିର ନକଲସହିତ ଦରଖାସ୍ତ ଉକ୍ତ ମେନେଜରଙ୍କ ନିକଟକୁ ରେଜେଷ୍ଟ୍ରି ଠିକଣାରେ ପଠାଇ ପାରିବେ । ପ୍ରକାଶ ଥାଉ କି ଉକ୍ତ ତହସିଲଦାରମାନଙ୍କୁ ଯେ ପରିମାଣରେ ଜାମିନ ଦେବାକୁ ହେବ ହାଜର ହେଲେ ମେନେଜରଙ୍କଠାରୁ ସବିଶେଷ ଜ୍ଞାତହୋଇ ପାରିବେ ।

ଉପସିଲ

। ପ୍ରା । ଉକଣା । କ । ତା । ହରିହର ଓଗେରହ ଟ ୧୨୯
। ପ୍ର । ଖଣ୍ଡି । କ । କଟକ ମୁଖଲସଗଡ଼ ଓର୍ଫେ ଅଲ୍ପପଦାଓଗେରହ ଟ ୧୦୯
। କ । ଦାଗରୀ ଡାମରପୁର ଓଗେରହ ଟ ୮୯
। ପ୍ର । ହରିହରପୁର । କ । କଟକ ଅତଙ୍ଗ ଓଗେରହ ଟ ୮୯
। ପ୍ର । ତପନଖଣ୍ଡ । ତା । ବାଣୀପଦା ଓଗେରହ ଟ ୮୯
। କ । କଟକ ଛେଦରୀ ଓଗେରହ ଟ ୮୯
। ପ୍ର । ଯାଜପୁର । ତା । ସୁନ୍ଦରପୁର ଓଗେରହ ଟ ୮୯
। ଜ । ପୁରୀ । କ । କଟକ କୋକଲ ଟ ୧୦୯
। ଜ । ବାଲେଶ୍ୱର । ପ୍ର । ଲୁଣଖଣ୍ଡ । ତା । କୋଳଙ୍ଗା ଟ ୮୯

Kapil Chunder Mookherjee
for Mohesh Chunder Banerjee.

---

ନିମ୍ନଲିଖିତ ପରୀକ୍ଷିତ ଔଷଧମାନ ଅମ୍ଭ ଔଷଧାଳୟରେ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି । ଗ୍ରାହକମାନେ ଏଠାରେ ତତ୍ତ୍ୱ କଲେ ପାଇ ପାରିବେ । ବିଦେଶୀୟ ଗ୍ରାହକମାନେ ଡାକମାଶୁଲ ସହିତ ମୂଲ୍ୟ ପ୍ରେରଣ କଲେ ସେବନବିଧି ସହିତ ଔଷଧ ଶୀଘ୍ର ପଠାଇ ଦିଆ ଯିବ ।

କର୍ପୂର ରସ ।

ଏହାକୁ ସେବନ କଲେ ଅଜୀର୍ଣ୍ଣ, ଅତିସାର, ଆମାତିସାର, ରକ୍ତାତିସାର, ଗ୍ରହଣୀ, ବାଳକମାନଙ୍କର ସମସ୍ତ ପ୍ରକାର ଅତିସାର ଓ ଉଦରାମୟ ଭଲ ହୁଅଇ । ମା ୭ ଡି ଟ ୧।୮ ।

ବଙ୍ଗେଶ୍ୱର ରସ ।

ଏଥିରେ ବିଂଶତି ପ୍ରକାର ମେହ, ତେର ପ୍ରକାର ମୂତ୍ରାଘାତ, ଅଶ୍ମରି, ମୂତ୍ରକୃଚ୍ଛ୍ର, ସୋମରୋଗ ଓ ପ୍ରଦର ଭଲ ହୁଅଇ । ମୂଲ୍ୟ ମା ୭ ଡାକୁ ଟ ୨ଙ୍କା ।

ବୃହତ୍ ପୂର୍ଣ୍ଣଚନ୍ଦ୍ରୋଦୟ ।
ଭୋଗୀପ୍ରିୟ ରୋଗୀପ୍ରିୟ ମୋଦକଁ ।

ନିରୋଗୀ ଲୋକେ ଏ ମୋଦକ ସେବନ କଲେ ବଳ ବର୍ଣ୍ଣ ବୃଦ୍ଧି ଓ ଶରୀର ଅପୂର୍ବ ସ୍ଫୂର୍ତ୍ତି ଯୁକ୍ତ ହୁଅଇ, ବିଲକ୍ଷଣ କ୍ଷୁଧା ହୁଏ, ଗୁରୁପାକ ଦ୍ରବ୍ୟ ଆହାର କଲେ ଜୀର୍ଣ୍ଣ ହୋଇ ଯାଏ । ରୋଗୀ ପକ୍ଷେ—କ୍ଷୟକାଶ ( କାଶଦ୍ୱାରା ରକ୍ତପତନ ), ଶୁକ୍ରକ୍ଷୟ, ପ୍ରମେହ, ଅତିସାର, ନଷ୍ଟଶୁକ୍ର, ଧ୍ୱଜଭଙ୍ଗ ପ୍ରଭୃତି ନାନା ରୋଗ ଭଲ ହୁଅଇ । ମୂଲ୍ୟ ମା ୧୬ ଡି ଟ ୧ଙ୍କା ।

ଉତ୍କଳ ଆୟୁର୍ବେଦୀୟ ଔଷଧାଳୟ ଦରଘା ବଜାର କଟକ } କବିରାଜ, ଶ୍ରୀ ଫକୀରକର୍ପଠୀ

ଏକଶିରର ମଲମ ।

ଦେଶୀୟ ଉପକରଣଦ୍ୱାରା ପ୍ରସ୍ତୁତ ମଲମମାତ୍ର । ଏଥିରେ ପାରଦ କିମ୍ବା ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବା ଟ ୧/୦ ପ୍ୟାକିଂ ଖର୍ଚ୍ଚ ଟ ୦। ଅଣା ।

ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୭ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନଷ୍ଟ ହୋଇଯାଏ । ପାରାର ଘା, ଗରମୀ ଘା, ନାଲି ଘା, ବେକ ଓ କାନ୍ଧ ଉପରର ଘା, ଶୋଷ ଘା, କାନ ଘା, କାନର ପୂଜ, କୋଷ୍ଠ କାଠିନ୍ୟ, ଅଜୀର୍ଣ୍ଣତା, ପେଟଫମ୍ପା ଶିରବ୍ୟଥା, କାଶ, କ୍ଷୟକାଶ, ପ୍ରସ୍ରାବପୀଡ଼ା, କୁଣ୍ଡିଆ, ଧାତୁଦୌର୍ବଲ୍ୟ ଏବଂ ଶିକ୍ଷନର ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୯ ଙ୍କା, ପ୍ୟାକିଂ ଟ ୦। ଅଣା । ଡାକଲ ଟ ୧୦୵ ଅଣା ।

ନିମ୍ବର ତୈଳ ।

ଡାକ୍ତରୀ ଉପାୟରେ ନିମ୍ବରୁ ପ୍ରସ୍ତୁତ ତୈଳ । ଧବଳ ଓ କୁଷ୍ଠ ରୋଗର ଯେବେ କିଛି ଔଷଧ ଥାଏ ତେବେ ତାହା ନିମ୍ବ । ନିମ୍ବର ତୈଳ ଆମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରିଅଛୁଁ । ଦାଦ୍ରୁ, ଖାଦୁ, କୁଣ୍ଡିଆ, ଫୁଲ, ପଦ୍ମଖାଦୁ, ଧବଳ, କୁଷ୍ଠ, ଗଳିତକୁଷ୍ଠ, ଇତ୍ୟାଦି ରୋଗର ମହୌଷଧ । ଏହା ବ୍ୟତୀତ ଯେତେ ପ୍ରକାର ଘା ଅଛି, ତହିଁର ଏହା ଷଣ୍ଡପ୍ରଭାବରେ ଉପକାରୀ ଅଟେ । ପ୍ରତି ବଡ଼ ବୋତଲ ଟ ୪୯ ଙ୍କା ଓ ଛୋଟ ବୋତଲ ଟ ୨୯ ଙ୍କା ।

ପୀଡ଼ା ଆରାମ ନ ହେଲେ ମୂଲ୍ୟ ଫେରନ୍ତ ଦିଆଯିବ । କଲିକତା ଦେଓ ଷ୍ଟ୍ରୀଟ ୫୭ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

# ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।
ମୂଲ୍ୟ ଏକ ସିସିକୁ ଟ ୧ ।

Digitized by srujanika@gmail.com

Split by PDF Splitter



# ହୃଦୟର ହୃଦୟ

# ତାଡିତ ରକ୍ଷା କବଚ।

ତାଡିତପ୍ରାଣ-ସ୍ୱରୂପ ରକ୍ତର

ଜୀବନୀଶକ୍ତି ।

ଏବେ ଦଳେ ଅଦ୍ଭୁତ !

ତାଡିତର ଶକ୍ତି !

ମନୁଷ୍ୟେଯେତେ ପ୍ରକାର ରୋଗରେ ଆକ୍ରାନ୍ତ ହୁଅନ୍ତି ସେ ସମସ୍ତ ଏହି କବଚ ଧାରଣ କଲେ ନିଶ୍ଚିତରୂପେ ନିବାରିତ ଓ ଉପଶମିତ ହୁଏ ।

ଏ କବଚ ନାନା ପ୍ରକାର ଧାତୁଦ୍ୱାରା କୌଶଳକ୍ରମେ ନିର୍ମିତ । ଦେହରେ ଲାଗିଥିଲେ ଶରୀରର ଲବଣାକ୍ତ ଓ ଅମ୍ଳରସ ସଂଯୁକ୍ତ ହୋଇ ମୃଦୁତାଡିତଶକ୍ତି ଉତ୍ପାଦନ କରଇ। ପିଲ୍ଲମାନଙ୍କ ପକ୍ଷେ ବିଶେଷ ଉପକାରୀ ଓ ନିତାନ୍ତ ଆବଶ୍ୟକ ।

ଏହାକୁ ପିନ୍ଧିଲେ ନିମ୍ନଲିଖିତ ରୋଗ ସମୂହ ନିବାରଣ ହୁଏ । ଯଥା—ଉଦରାମୟ, ରକ୍ତାମାଶୟ, ଯକୃତ ରୋଗ, ମୂତ୍ରାଘାତ, ହୃଦ୍‌କମ୍ପ, ବାତ, ସନ୍ଧିବାତ, ବସ୍ତିଶୂଳ, ସ୍ନାୟୁଶୂଳ, କଣ୍ଠରୋଗ, ଧାତୁଦୌର୍ବଲ୍ୟ, ସାଧାରଣ ଦୁର୍ବଳତା, ହୃଦ୍‌ଦାହ, ପକ୍ଷାଘାତ, ସର୍ବପ୍ରକାର ବେଦନା, ବାତାଧିକ୍ୟ, ଅଜୀର୍ଣ୍ଣ, ସ୍ନାୟୁଭ୍ରଂଶ, ବକ୍ଷଃଶୂଳ, ଶିରୋନ୍ମାଦ, ନିଦ୍ରାନାଶ, ଶିରରୋଗ, ମସ୍ତକ ଘୂର୍ଣ୍ଣନ, ନେତ୍ରଶକର ସ୍ୱପ୍ନ, ବାକ୍‌ରୋଧ, ସ୍ତ୍ରୀଲୋକମାନଙ୍କର ଦର୍ଶ ମୂର୍ଚ୍ଛା, ମୂତ୍ରରୋଗ ସମୂହ କଷ୍ଟପ୍ରଦର ଦୃଷ୍ଟିବକ୍ଷନବୋଧ ଶରୀର କ୍ଷୀଣତା, ସ୍ନାୟୁ ଏବଂ ଶୋଣିତ ସମ୍ବନ୍ଧୀୟ ସମସ୍ତ ରୋଗ।

ଶରୀର ମଧ୍ୟସ୍ଥିତ ତାଡିତର ହ୍ରାସ ହେଲେ ରକ୍ତର ଦୋଷ ଜନ୍ମିଯାଏ, ଏହି ହେତୁ ପରିମିତରୂପ ତାଡିତ ରହିବାର ଆବଶ୍ୟକ ଏବଂ ତାହା କେବଳ ତାଡିତକବଚ ପିନ୍ଧିଲେ ସାଧିତ ହୁଏ ।

ପ୍ରତ୍ୟେକ ଡାକ୍ତରଙ୍କୁ ଗୋଟିଏ ରେଶମ ସୂତାଦ୍ୱାରା ଗଳଦେଶରେ ପିନ୍ଧିବାକୁ ହୁଏ, କିମ୍ବା ଶରୀରର ଯେ କୌଣସି ସ୍ଥାନରେ ପିନ୍ଧା ଯାଇ ପାରେ ।

ପ୍ରତ୍ୟେକ କବଚ ଓ ରେଶମର ମୂଲ୍ୟ ଟ ୧୵ ଲେଖାଏ ଅଛି । ଡାକରେ ପଠାଇବା ପାଇଁ ଡାକମାଶୁଲ ଲାଗିବ !

କଟକ ନଗରରେ ଅମ୍ଭେ ଏଥିର ଏକ ମାତ୍ର ସର୍ବ୍ବଏଜେଣ୍ଟ ଅଟୁଁ ।—

ଅମ୍ଭ ନିକଟରେ ଏବଂ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନରେ ଏହା ବିକ୍ରୟ ହେଉଅଛି। ଏହି କବଚଦ୍ୱାରା କିପ୍ରକାର ଫଳ ହେଉଅଛି ତାହା ଜଣାଇବା କାରଣ କେତେଗୁଡିଏ ପ୍ରଶଂସାପତ୍ର ନିମ୍ନେ ପ୍ରକାଶ କଲୁଁ ।

ଶ୍ରୀ ବଜସୁକୁମାର ଚକ୍ରବର୍ତ୍ତୀ।
ଢେଙ୍କାନାଳ ଅଟିଷ୍ଟାଣ୍ଟ ସର୍ଜନ

### ପ୍ରଶଂସା ପତ୍ର ।

ଶ୍ରୀରାମ ରେଳ ଷ୍ଟେସନ ଜଣେ ଷ୍ଟେସନ ମାଷ୍ଟର ଲେଖିଅଛନ୍ତି ଯେ ଆପଣମାନଙ୍କର ପ୍ରେରିତ କବଚର ପ୍ରାପ୍ତି ସ୍ୱୀକାର ଓ ତାହା ବ୍ୟବହାର କରି ଯେ ମହା ଉପକାର ପାଇ ଅଛନ୍ତି ସେଥି ପାଇଁ କୃତଜ୍ଞତା ସୂଚକ ଧନ୍ୟବାଦ ।୧ ହେତୁ ଅନେକ ଆପଣମାନଙ୍କ ନିକଟରେ ଋଣୀ ଅଟୁଁ ବର୍ତ୍ତମାନ କୃତଜ୍ଞତା ସହିତ ଜଣାଉ ଅଛୁଁ ଯେ ଅନେକ ଦିନ କାଳର ବେଦନା ଓ ଶାରୀରିକ ଦୁର୍ବଳତାରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛୁଁ ଏ ଅବସ୍ଥା ଯେ ଉପରୋକ୍ତ ପୀଡା ସକଳ କେତେଦୂର ଫଳଦାୟକ ତାହା ଅନେ ବ୍ୟବହାର କଲେ ସାଧାରଣ ଜାଣି ପାରିବେ ।

ବ ୨୦ ବର୍ଷର ଅଭ୍ୟାସ୍ୟା ।

ବାର୍ତ୍ତନସାହିର ବୀରଙ୍ଗି ତ ସଦାଶିବର ପ୍ରାପ୍ତ ବ ୨୦ ବର୍ଷର ଅଭ୍ୟାସ୍ୟା କବଚ ପିନ୍ଧିବାରେ ନିବାରଣ ହୋଇଯାଇଅଛି । ଅନେକ ମଧ୍ୟ ବାତ୍‌ରୋଗ ହୋଇଥିଲା ତାହା ଭଲ ହୋଇ ଯାଇଅଛି !

ଶ୍ରୀ ଚୈତନ୍ୟ ପ୍ରସାଦ ମାହାନ୍ତି
ଠାଃ ପଣ୍ଡିତ ବାର୍ତ୍ତନସାହି ଓ ପାଟପୋର
୧୦ ଜଣର ଅଭ୍ୟାସ୍ୟା ମୁକ୍ତି ପାଇ ।
ଯଶୋର ତା ୪ ଠାଣ ସନ ୧୮୮୦

ପତ୍ରମଧ୍ୟଦ୍ୱାରରେ ପ୍ରକାଶ କରୁଅଛୁଁ ଯେ ଆପଣମାନଙ୍କର କବଚ ନ୍ୟୂନାଧିକ ଦେଢଶ ଜଣ ଲୋକର ଆମାଶୟ ଯକୃତ ଅଜୀର୍ଣ୍ଣ ବାତ ଧାତୁଦୌର୍ବଲ୍ୟ ଜନିତ ପକ୍ଷାଘାତ ଓ ମୂର୍ଚ୍ଛା ତନ୍ଦ୍ରାଳୁତା ସମୂହ ପୀଡାର ଅବ୍ୟର୍ଥ ପ୍ରତିଷେଧକ କରିଅଛି ବାସ୍ତବରେ ଏହା ସ୍ନାୟବିକ ପୀଡା ସମୂହର ଅବ୍ୟର୍ଥ ମହୌଷଧ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ବାବୁ ବନମାଳୀ ସିଂହ ଢେଙ୍କାନାଳ ମେନେଜର ମହୋଦୟଙ୍କର ପତ୍ର ପାଠେ ଜାଣିବ ବାସିମାନଙ୍କର ବିଶ୍ୱାସ ହୋଇ ପାରେ ଯଥା—

ମୁଁ ପ୍ରିୟ ବନ୍ଧୁ ବାବୁ ଅମର ନାଥ ସିଂହ ଯେଉଁ ବହୁଦିବସାବଧି ର ବାତ ଓ ଶାରୀରିକ ଦୁର୍ବଳତା ରୋଗରେ ଆକ୍ରାନ୍ତ ଥିଲେ ତାହାଙ୍କ ଆପଣ ଗୋଟିଏ ତାଡିତ କବଚର ଉପଯୁକ୍ତ ଭଳି ଉପକାର ପାଇଥିଲେ ଏବଂ ସେ ସେପରି ଅଳ୍ପ ସମୟରେ ସନ୍ତୋଷ ସହିତ ଲେଖୁଅଛୁଁ ଯେ ତାହାଙ୍କ ପିନ୍ଧିବାରେ ଉତ୍ତମ ସୁସ୍ଥାବସ୍ଥାରେ ଅଛି ।

ଶ୍ରୀଯୁକ୍ତ ବାବୁ ବନସୁକୁମାର ଚକ୍ରବର୍ତ୍ତୀ ମହାଶୟ
ସମୀପେଷୁ

ମହାଶୟ !

କୃତଜ୍ଞତା ସହିତ ସ୍ୱୀକାର କରୁ ଅଛୁଁ ଯେ ଏକେ ପ୍ରାୟ ମାସକରୁ ଊର୍ଦ୍ଧ ହେବ ଜର ରୋଗେ ଆକ୍ରାନ୍ତ ହୋଇ ନିତାନ୍ତ ରୌଦ୍ରାବସ୍ଥାକୁ ପାଇଥିଲୁଁ ମାତ୍ର ସେହି ଦିନରୁ ଆପଣଙ୍କର ବହୁମୂଲ୍ୟ ତାଡିତ କବଚ ହୃଦୟରେ ଧାରଣ କରୁଁ ସେହି ଦିନଠାରୁ ଦୂର ଏକାବେଳକେ ଦୂରୀଭୂତ ହୋଇଅଛି ଶରୀର ଅତି ସୁସ୍ଥ ଓ ସବଳ ହୋଇଅଛି । ଏହା ବାସ୍ତବିକ ଗୋଟି ଚମତ୍କାର ବହୁମୂଲ୍ୟ ଉପକାରୀ ଜିନିଷ ଅଟେ ଓ ଏହାର ଅଧିକ ଶକ୍ତିକୁ ଉଲ୍ଲେଖିତ କରୁଏ ।

ତା ୧୨ ରିଖ ଅକ୍ଟୋବର ସନ ୧୮୮୩ ମସିହା

ଶ୍ରୀ ବଜମୋହନ ସିଂହ
କଟକ ପୁରୁଷୋତ୍ତମ

ମହାଶୟ !

କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ଅଷ୍ଟମ ପ୍ରାୟ ଏକମାସ ହେଲା ଜ୍ୱରରୋଗରେ ଆକ୍ରାନ୍ତ ଥିଲି ମାତ୍ର ଯେଉଁ ଦିନଠାରୁ ଆପଣଙ୍କ ବହୁମୂଲ୍ୟ ତାଡିତ କବଚ ହୃଦୟରେ ଧାରଣ କରି ସେହି ଦିନଠାରୁ ଜ୍ୱର ଏକାବେଳକେ ଦୂରୀଭୂତ ହୋଇଅଛି ଏହା ବାସ୍ତବିକ ଗୋଟିଏ ଚମତ୍କାର ବହୁମୂଲ୍ୟ ଉପକାରୀ ଜିନିଷ ଅଟେ ଇତି ।

ତା ୨୨ ତାରିଖ ଅକ୍ଟୋବର ସନ ୧୮୮୩ ମସିହା } ଶ୍ରୀ ରାମଚନ୍ଦ୍ର ବର୍ଷପଣ୍ଡା । ଜ । ଢେଙ୍କାନାଳ

ମହାଶୟ !

ଅଷ୍ଟ ପୁତ୍ର ଅଜୀର୍ଣ୍ଣ ସହ ମା ୫ ସ୍ୱ ହେବ ଜ୍ୱରରୋଗରେ ଆକ୍ରାନ୍ତ ହୋଇଥିଲ ତାହାକୁ ଆପଣ ଗୋଟିଏ ତାଡିତ କବଚ ହୃଦୟ ଉପରେ ଦଶ ଦିନ ଦେଇଥିଲେ ଯେଉଁ ଦିନରୁ ଆପଣଙ୍କର ବହୁମୂଲ୍ୟ ତାଡିତ କବଚ ହୃଦୟରେ ଧାରଣ କରା ସେହି ଦିନଠାରୁ ଜ୍ୱର ଏକାବେଳକେ ଦୂରୀଭୂତ ହୋଇଅଛି ଏହା ଗୋଟିଏ ବହୁମୂଲ୍ୟ ଉପକାରୀ ଜିନିଷ ଅଟେ । ଇତି

ତା ୨୨ ତାରିଖ ଅକ୍ଟୋବର ସନ ୧୮୮୩ ମସିହା } ଦଶରଥ ମାନସିଂହ ଜମାଦାର ଚେନ୍ଦ୍ରକୋଟଗଡ । ଜା ଢେଙ୍କାନାଳ

---

### ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ବୁଦ୍ଧଗ୍ରହରେ ଜ୍ୱରକାଳରେ ସେବନ କଲେ ଜ୍ୱର ଔଷଧ ହୋଇ ବ୍ୟବହାର । ଗବର୍ଣ୍ଣମେଣ୍ଟ ଦ୍ୱାରା ପ୍ରସ୍ତୁତ ଓ ଡେପୁଟି ମାଜିଷ୍ଟ୍ରେଟମାନଙ୍କଠାରେ ମିଳେ । ଗବର୍ଣ୍ଣମେଣ୍ଟ ଔଷଧାଳୟରେ ବିକ୍ରୟ ହୁଏ କଟକରେ ଦୋକାନମାନଙ୍କ ପାର୍ଶ୍ୱରେ ସବଡିଭିଜନ ଅଫିସରେ ତଳଲିଖିତ ଦରରେ ମିଳିପାରେ ଯଥା—

ଭାକିମାସୁଲି ସହିତ ୧ ଆଉନ୍ସର ୫୲୦ ଲା । ୮ ଆଉନ୍ସର ୫ ୧୧ ଲା । ୧୬ ଆଉନ୍ସର ୫ ୨୦ ମୂଲ୍ୟ ଲାଗିବ ।

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ମତେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ପାଇଁ

| | |
|---|---|
| ଧାଡି ପ୍ରତି | ୫ ୦୬ |
| ଅଧ ପୃଷ୍ଠାକୁ | ୫ ୨୧ |
| ପୂର୍ଣ୍ଣ ଏକ ପୃଷ୍ଠାକୁ | ୫ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଦର ୫ ୦୩ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପାଇଁ ଦର ପ୍ରଥମ ଥରର ଅର୍ଦ୍ଧେ ଓ ଚତୁର୍ଥ ଥରାନ୍ତରେ ହେବ ।

ଅଧିକ ଦିନର ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ।

---

ଏହି ଉତ୍କଳଦୀପିକା ସଦର କଟକ ଉଡ଼ିଆବଜାର ଦାରେ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେବା

Digitized by srujanika@gmail.com

ସେଥିପାଇଁ ସରକାର ସ୍ୱୀକାର କରି ରଖିଛନ୍ତି । ଯଦି ସର୍ବଦା ସମ୍ମତ କୌଣସି ବନ୍ଦୋବସ୍ତି ହୋଇ-ପାରେ, ତେବେ ସରକାର ତାହା ଗ୍ରହଣ କରି-ପାରନ୍ତି । ଉଭୟ ପକ୍ଷ ଏ ଧରଣର ବନ୍ଦୋବସ୍ତି ହୋଇପାରେ, ତେବେ ତାକୁ ସରକାର ଗ୍ରହଣ କରି ନୂଆ ଶାସନ ସଂସ୍କାରରେ ତାହା ମିଶାଇ ପାର୍ଲିଆମେଣ୍ଟରେ ଉପସ୍ଥାପିତ କରିବେ ।

(୫) ଯଦି କୌଣସି ପ୍ରାଦେଶିକ ବ୍ୟବସ୍ଥାପକ ସଭାରେ ଦ୍ୱିତୀୟ ପରିଷଦ ରହିବାର ସ୍ଥିର, ତେବେ ୨୪ ପାରାରେ ନିର୍ଦ୍ଦେଶ ହେବା ମତ ଯୋଗାଡ଼ ହେବ ।

### ପୃଥକ ନିର୍ବାଚନ କ୍ଷେତ୍ର

(୬) ମୁସଲମାନ, ଶିଖ, ୟୁରୋପୀୟାନ ସମ୍ପ୍ରଦାୟ ପାଇଁ ପୃଥକ ନିର୍ବାଚନ ମଣ୍ଡଳୀରୁ ଭୋଟ ଦିଆ-ହେବ । ଉକ୍ତ ସମ୍ପ୍ରଦାୟର ମତାମତ ନେଇ ପରେ ଏ ପ୍ରଥାର ପରିବର୍ତ୍ତନ କରାଯାଇପାରେ । ମତାମତ ଜାଣିବାପାଇଁ ବିହିତ ବନ୍ଦୋବସ୍ତ କରାଯିବ ।

(୭) ମୁସଲମାନ, ଶିଖ, ଭାରତୀୟ ଖ୍ରୀଷ୍ଟାନ ଓ ୟୁରୋପିୟାନଙ୍କ ଛଡ଼ା ଅନ୍ୟମାନେ ସାଧାରଣ ନିର୍ବାଚନ ମଣ୍ଡଳରେ ଭୋଟ ଦେଇ ପାରିବେ ।

(୮) ବମ୍ବେ ପ୍ରାଦେଶିକ କାଉନସିଲରେ ମରହଟ୍ଟା ଜାତିର ଲୋକଙ୍କ ପାଇଁ ୭ଟା ସ୍ଥାନ ପୃଥକ ଭାବରେ ରହିବ ।

### ଅନୁନ୍ନତ ଜାତିର ନିର୍ବାଚନ

(୯) ଅନୁନ୍ନତ ଜାତିର ଭୋଟ ଅଧିକାର ଥିବା ଲୋକେ ମିଶ୍ର ନିର୍ବାଚନ ମଣ୍ଡଳୀରେ ଭୋଟ ଦେବେ । ଏହି ପ୍ରଥା ଦ୍ୱାରା ଅନୁନ୍ନତ ଜାତିର ଲୋକ କାଉନସିଲମାନଙ୍କରେ ସ୍ଥାନ ପାଇପାରିବେ ନାହିଁ ବୋଲି ଅନୁମାନ ହେବାରୁ ସେମାନଙ୍କ ପାଇଁ କାଉନସିଲମାନଙ୍କରେ ସ୍ଥାନ ନିର୍ଦ୍ଦିଷ୍ଟ ରହିବ ।

ପୃଥକ ନିର୍ବାଚନ କ୍ଷେତ୍ରରୁ ଅନୁନ୍ନତମାନେ ନିର୍ବାଚିତ ହୋଇ ଏହି ନିର୍ଦ୍ଦିଷ୍ଟ ସ୍ଥାନ ପୂରଣ କରିବେ । ଏହି ପୃଥକ ନିର୍ବାଚନ ମଣ୍ଡଳରେ ଭୋଟ ଦେଉଥିବା ଅନୁନ୍ନତ ଲୋକମାନେ ସାଧାରଣ ନିର୍ବାଚନ କ୍ଷେତ୍ରରେ ମଧ୍ୟ ଥରେ ଭୋଟ ଦେଇ ପାରିବେ । ଯେଉଁ ଅଞ୍ଚଳରେ ଅନୁନ୍ନତମାନେ ଅଧିକ ସଂଖ୍ୟାରେ ଅଛନ୍ତି, କେବଳ ସେହି ସ୍ଥାନରୁ ପୃଥକ ନିର୍ବାଚନ କ୍ଷେତ୍ର ଦିଆ-ଯିବ ।

ଏହି ପୃଥକ ଅନୁନ୍ନତ ନିର୍ବାଚନ କ୍ଷେତ୍ର ଅନେକ ଦିନ ପର୍ଯ୍ୟନ୍ତ ଦରକାର ହୋଇପାରେ । କୋଡ଼ିଏ ବର୍ଷ ପାଇଁ ସରକାର ଏହି ଧରଣର ପୃଥକ ନିର୍ବାଚନ କ୍ଷେତ୍ର ରଖିବାକୁ ସ୍ଥିର କରନ୍ତି ।

(୧୦) ଭାରତୀୟ ଖ୍ରୀଷ୍ଟାନଙ୍କ ପାଇଁ ପୃଥକ ଭାବରେ ନିର୍ବାଚନ ହେବ । ମାନ୍ଦ୍ରାଜ ଛଡ଼ା ଅନ୍ୟ କୌଣସି ପ୍ରଦେଶରେ ପୃଥକ ନିର୍ବାଚନ ମଣ୍ଡଳ ଗଠନ କରିବା ଅସୁବିଧା ହେଉଛି । ତେଣୁ କେତେକ ନିର୍ଦ୍ଦିଷ୍ଟ ସ୍ଥାନକୁ ଖ୍ରୀଷ୍ଟାନ ନିର୍ବାଚନ ମଣ୍ଡଳ ରୂପେ ଧାର୍ଯ୍ୟ କରାଯିବ । ବିହାର ଓଡ଼ିଶାରେ ଏ ସମ୍ବନ୍ଧେ ବ୍ୟବସ୍ଥା କରିବାକୁ ହେବ । କାରଣ, ଏ ପ୍ରଦେଶରେ ଅନେକ ଜାତିର ଲୋକ ଖ୍ରୀଷ୍ଟାନ ହୋଇଛନ୍ତି ।

(୧୧) ଆଂଗ୍ଲୋ ଇଣ୍ଡିୟନଙ୍କ ପାଇଁ ପୃଥକ ନିର୍ବାଚନ କ୍ଷେତ୍ର ରହିବ । ସମୁଦାୟ ପ୍ରଦେଶକୁ ଆଂଗ୍ଲୋ ଇଣ୍ଡିୟନ ନିର୍ବାଚନ ମଣ୍ଡଳରେ ପରିଣତ କରି ଡାକ ଯୋଗଦ୍ୱାରା ଭୋଟ ଦେବା ପ୍ରଥା ପ୍ରଚଳିତ ହୋଇପାରେ । ଏ ସମ୍ବନ୍ଧେ ଶେଷ ସିଦ୍ଧାନ୍ତ କରା ହେବ ।

(୧୨) ଅନୁନ୍ନତ ସ୍ଥାନରୁ ପ୍ରତିନିଧି ବାଛିବା କଥା ଏ ପର୍ଯ୍ୟନ୍ତ ସ୍ଥିର କରା ହୋଇନାହିଁ । ଏହି ସ୍ଥାନ ସମ୍ବନ୍ଧେ ଯେଉଁ ବ୍ୟବସ୍ଥା କରାଯାଇଛି, ତାହା ଅସ୍ଥାୟୀ ବୋଲି ଜାଣିବାକୁ ହେବ ।

### ମହିଳାଙ୍କ ନିର୍ବାଚନ

(୧୩) ନୂଆ ବ୍ୟବସ୍ଥା ସଭାମାନଙ୍କରେ କେତେ ପରିମାଣରେ ମହିଳା ସଭ୍ୟ ରହିବେ, ଏହା ଠିକ କରିବା ହେଉଛି ସରକାରଙ୍କ ଉଦ୍ଦେଶ୍ୟ । ମହିଳାଙ୍କ ପାଇଁ ପୃଥକରେ ନିର୍ବାଚନ କ୍ଷେତ୍ର ନ ଗଢ଼ିଲେ, ଏ ଉଦ୍ଦେଶ୍ୟ ସଫଳ ହୋଇ ନପାରେ । କୌଣସି ଗୋଟିଏ ସମ୍ପ୍ରଦାୟର ମହିଳାମାନଙ୍କୁ ଅଧିକ ପ୍ରାଧାନ୍ୟ ଦେବା ମଧ୍ୟ ସରକାରଙ୍କ ଇଚ୍ଛା ନୁହେଁ । ସେଥିପାଇଁ ଯେଉଁ ସମ୍ପ୍ରଦାୟରୁ ଯେତେ ସଂଖ୍ୟାରେ ସ୍ତ୍ରୀ ନିର୍ବାଚିତ ହୋଇପାରିବେ, ତାହା ଅସ୍ଥାୟୀ ଭାବରେ ନିର୍ଦ୍ଧାରିତ ହୋଇଛି । ୨୪ ପାରାରେ ଏ ସମ୍ବନ୍ଧେ ବିଶଦ ବିବରଣୀ ଦିଆଯାଇଛି । ଯେଉଁ ଧରଣର ନିର୍ବାଚନ ମହିଳାଙ୍କ ପାଇଁ ଲୋଡ଼ା ହେବ ତାହା ସରକାର ଆଲୋଚନା କରୁଛନ୍ତି ।

### ଶ୍ରମିକଙ୍କ ପାଇଁ ସ୍ଥାନ

(୧୪) ସାମ୍ପ୍ରଦାୟିକ ନିର୍ବାଚନ ସଙ୍ଗେ କୌଣସି ସମ୍ପର୍କ ନ ରଖି ଶ୍ରମିକମାନଙ୍କ ପାଇଁ ସ୍ଥାନ ନିର୍ଦ୍ଦେଶ ହେବ । କେତେକ ପ୍ରଦେଶରେ ଶ୍ରମିକମାନଙ୍କର ନିର୍ବାଚନକାରୀ ଟ୍ରେଡ ୟୁନିୟନ ସଙ୍ଘର ସଭ୍ୟମାନେ ହୋଇ ପାରନ୍ତି, ଅନ୍ୟ ଏମାନଙ୍କ ନୂଆ ନିର୍ବାଚନ କ୍ଷେତ୍ର ଗଢ଼ା ହୋଇପାରେ ।

(୧୫) ଶିଳ୍ପ, ବାଣିଜ୍ୟ, ଖଣିଜ ଇତ୍ୟାଦି ବିଭାଗରୁ ଯେଉଁ ସଭ୍ୟ ବଛା ହୋଇଯିବେ, ସେମାନେ ବାଣିଜ୍ୟ ଶିଳ୍ପ ସଙ୍ଘ ପକ୍ଷରୁ ବଛା ହେବେ । ଏହି ବିଭାଗ ପାଇଁ ଭୋଟ ପ୍ରଥା କି ପ୍ରକାର ଧାରଣ କରିବ ତାହା ସରକାର ଆଲୋଚନା କରୁଛନ୍ତି ।

### ଜମିଦାରଙ୍କ ନିର୍ବାଚନ

(୧୬) କାଉନସିଲରେ ଜମିଦାରଙ୍କ ତରଫରୁ ଯେଉଁ ସଭ୍ୟମାନେ ରହିବେ ସେମାନଙ୍କ ପାଇଁ ଜମିଦାର ମଣ୍ଡଳକୁ ନେଇ ପୃଥକ ନିର୍ବାଚନ କ୍ଷେତ୍ର ରହିବ ।

(୧୭) ବିଶ୍ୱବିଦ୍ୟାଳୟରୁ କେଉଁ ଭାବରେ ସଭ୍ୟ ନିର୍ବାଚିତ ହେବେ, ତାହା ସରକାର ଆଲୋଚନା କରୁଛନ୍ତି ।

(୧୮) ଅନ୍ୟାନ୍ୟ ମୁଖ୍ୟ ବିଷୟମାନ ସ୍ଥିର କରିବା ପାଇଁ ସରକାର ଇଚ୍ଛା କରନ୍ତି ନାହିଁ । ଭାରତରେ ଯେ ସବୁ ବିଷୟର ନିଷ୍ପତ୍ତି ହୋଇ ପାରିବ । ବଙ୍ଗ ଓ ପଞ୍ଜାବ ପ୍ରଦେଶ ଛଡ଼ା ଅନ୍ୟ ପ୍ରଦେଶମାନଙ୍କରେ ସାମାନ୍ୟ ପରିବର୍ତ୍ତନ କରାଯାଇ-ପାରେ ।

### କେନ୍ଦ୍ର ଓ ପ୍ରଦେଶ

(୧୯) ପ୍ରାଦେଶିକ କାଉନସିଲମାନଙ୍କରେ ଆଉ ଗୋଟିଏ ଲେଖାରେ ଦ୍ୱିତୀୟ ପରିଷଦ ରଖିବା ବିଷୟରେ ବିଶେଷ ଆଲୋଚନା ହୋଇନାହିଁ । ଯେଉଁ ଯେଉଁ ପ୍ରଦେଶରେ ଦ୍ୱିତୀୟ ପରିଷଦ ଗଠିତ ହେଲେ ସୁଦ୍ଧା ବ୍ୟବସ୍ଥା ପରିଷଦର ସାମ୍ପ୍ର-ଦାୟିକ ସଭ୍ୟ ସଂଖ୍ୟାରେ ଊଣା ଅଧିକ ନ ହେଲା ପରି ଦେଖିବାକୁ ହେବ ।

(୨୦) ଏଖଣି କେନ୍ଦ୍ର ସରକାରର ଗଠନ-ରୂପ ସରକାର ସ୍ଥିର କରିବାକୁ ଚାହାନ୍ତି । ଏ କଥାର ବିଚାର ସଙ୍ଗେ ଗଡ଼ଜାତର ରାଜା ମହା-ରାଜାଙ୍କ କେତେ ସ୍ଥାନ ଦିଆଯିବ ତାହା ମଧ୍ୟ ସ୍ଥିର କରିବାକୁ ହେବ । ତେଣୁ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ଗଡ଼ଜାତର କେତେ ପ୍ରତିନିଧି ରହିବେ ତାହା ସ୍ଥିର ହେବା ପୂର୍ବରୁ ବ୍ରିଟିଶ ଭାରତର କେତେ ସଭ୍ୟ କେଉଁ ସମ୍ପ୍ରଦାୟରୁ ହେବେ ତାହା ସ୍ଥିର ହୋଇ ପାରିବ ନାହିଁ । ଯେତେବେଳେ ସ୍ଥିର ହେବ ସାମ୍ପ୍ରଦାୟିକ ନ୍ୟାଯ୍ୟ ଦାବି ପୂରଣ କରିବାପାଇଁ ଯୋଗାଡ଼ ହେବ ।

### ସିନ୍ଧ ପୃଥକ ହେବ

(୨୧) ସିନ୍ଧକୁ ସ୍ୱତନ୍ତ୍ର ପ୍ରଦେଶରୂପେ ଗଠନ କରାଯିବ । ଏହି ମତ ସରକାର ଗ୍ରହଣ କରିଛନ୍ତି । ଅବଶ୍ୟ ଆର୍ଥିକ ଦିଗରୁ ତୃପ୍ତିକର ହେବା ଦରକାର । ଏ ପ୍ରସ୍ତାବ ସମ୍ବନ୍ଧେ ଉଠିଥିବା ଆର୍ଥିକ ବିଷୟରେ ଆଲୋଚନା କରାଯିବ । ତେଣୁ ବର୍ତ୍ତମାନ ସିନ୍ଧୁପାଇଁ କପରି ବ୍ୟବସ୍ଥାପକ ସଭା ଗଠିତ ହେବ ସେ ବିଷୟ ସରକାର ସ୍ଥିର କରି ରଖିଛନ୍ତି ।

### ଓଡ଼ିଶା କଥା ବିଚାର ହେଉଛି

(୨୨) ବିହାର ଓଡ଼ିଶା ସମ୍ବନ୍ଧେ ଯେଉଁ ପ୍ରସ୍ତାବ ଦିଆ ଯାଇଛି, ତାହା ବର୍ତ୍ତମାନର ପ୍ରଦେଶ ସମ୍ବନ୍ଧେ ଉଲ୍ଲେଖ କରାଯାଇଛି । ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେବା ସମ୍ବନ୍ଧେ ଏ ପର୍ଯ୍ୟନ୍ତ ଅନୁସନ୍ଧାନ ହେଉଛି ।

(୨୩) ମଧ୍ୟପ୍ରଦେଶର ସଭ୍ୟ ନିର୍ଣ୍ଣୟରେ ବେରାର ସମ୍ବନ୍ଧେ କୌଣସି ପୃଥକ ବ୍ୟବସ୍ଥା କରାଯାଇ ନାହିଁ ।

(୨୪) ନିମ୍ନରେ ପ୍ରାଦେଶିକ ବ୍ୟବସ୍ଥା ସଭା-ମାନଙ୍କର ସଭ୍ୟ ସଂଖ୍ୟା ଦିଆଗଲା ।

ମାନ୍ଦ୍ରାଜ—ସାଧାରଣ ସଭ୍ୟ ସଂଖ୍ୟା ୧୪୩ରୁ ମହିଳାଙ୍କ ପାଇଁ ୬ଟି ସ୍ଥାନ ରହିବ । ଅନୁନ୍ନତ ଜାତିର ସଭ୍ୟଙ୍କ ପାଇଁ ୧୮ଟା ସ୍ଥାନ ରହିବ ।

ଅନୁନ୍ନତ ସ୍ଥାନ ପାଇଁ ଜଣେ ବଛାଯିବେ । ୨୯ ଜଣ ମୁସଲମାନ ସଭ୍ୟ (ଜଣେ ମହିଳାଙ୍କୁ ମିଶାଇ) ସ୍ଥାନ ପାଇବେ । ୯ ଜଣ ଭାରତୀୟ ଖ୍ରୀଷ୍ଟାନ ଜଣେ ଆଂଗ୍ଲୋ ଇଣ୍ଡିୟନ, ତିନି ଜଣ ୟୁରୋପୀୟାନ, ଶିଳ୍ପ ବାଣିଜ୍ୟ ଇତ୍ୟାଦି ପକ୍ଷରୁ ୬ଣ, ଜମିଦାରଙ୍କ ପକ୍ଷରୁ ଜଣେ, ଶ୍ରମିକ ପକ୍ଷରୁ ୬ଜଣ, ଏପରି ମୋଟ ସଭ୍ୟ ହେବେ ୨୧୫ ।

### ବିହାର ଓଡ଼ିଶା

ସାଧାରଣ ନିର୍ବାଚନ ମଣ୍ଡଳରୁ ୯୮ ଜଣ ନିର୍ବାଚିତ ହେବେ । ( ଏଥିରେ ୩ ଜଣ ମହିଳାଙ୍କ ସଂଖ୍ୟା ମଧ୍ୟ ମିଶିଛି । ) ଅନୁନ୍ନତ ଜାତି ପକ୍ଷରୁ ୭ଜଣ ରହିବେ । ଅନୁନ୍ନତ ଜାତି ପକ୍ଷରୁ ୮ଜଣ, ମୁସଲମାନ ମହିଳାଙ୍କୁ ମିଶାଇ ୪୨ ଜଣ ପଠାଣ ରହିବେ । ଦୁଇ ଜଣ ଭାରତୀୟ ଖ୍ରୀଷ୍ଟାନ, ଜଣେ ଆଂଗ୍ଲୋ ଇଣ୍ଡିୟନ, ଦୁଇ ଜଣ ଗୋରା, ବାଣିଜ୍ୟ ଶିଳ୍ପ ପକ୍ଷରୁ ଚାରିଜଣ, ଜମିଦାରଙ୍କ ମଧ୍ୟରୁ ୪ ଜଣ, ବିଶ୍ୱବିଦ୍ୟାଳୟରୁ ଜଣେ, ଶ୍ରମିକ ପକ୍ଷରୁ ୪ ଜଣ ଏପରି ମୋଟ ୧୭୫ ସଭ୍ୟ ରହିବେ ।

ପଞ୍ଜାବ—ସାଧାରଣ ନିର୍ବାଚନ କ୍ଷେତ୍ରରୁ ୪୩ ଜଣ (ଜଣେ ମହିଳା) ସଭ୍ୟ ନିର୍ବାଚିତ ହେବେ । ୩୨ ଜଣ ଶିଖ ( ଜଣେ ମହିଳା ସହିତ ) ଦୁଇଜଣ ମହିଳାଙ୍କୁ ମିଶାଇ ୮୬ ଜଣ ମୁସଲମାନ ଦୁଇଜଣ ଭାରତୀୟ ଖ୍ରୀଷ୍ଟାନ, ଜଣେ ଆଂଗ୍ଲୋ ଇଣ୍ଡିଅନ, ଜଣେ ଗୋରା, ଶିଳ୍ପ ବାଣିଜ୍ୟ କ୍ଷେତ୍ରରୁ ଜଣେ, ଜମିଦାରଙ୍କ ପକ୍ଷରୁ ୫ ଜଣ ବିଶ୍ୱବିଦ୍ୟାଳୟରୁ ଜଣେ ଶ୍ରମିକପକ୍ଷରୁ ୩ ଜଣ, ଏପରି ମୋଟ ୧୭୫ ଜଣ ସଭ୍ୟ ରହିବେ ।

Digitized by srujanika@gmail.com

Split by PDF Splitter



ଜଣ—ସାଧାରଣ ନିର୍ବାଚନ କ୍ଷେତ୍ରରୁ ଦୁଇ-ଜଣ ମହିଳାଙ୍କୁ ମିଶାଇ ୮୦ ଜଣ ସଭ୍ୟ ହେବେ। ୧୧୯ ମୁସଲମାନ (ଦୁଇଜଣ ମହିଳା) ଭାରତୀୟ ଖ୍ରୀଷ୍ଟିୟାନ ୨, ଆଂଗ୍ଲୋଇଣ୍ଡିୟାନ ୪ (ଜଣେ ମହିଳା), ୟୁରୋପୀୟ ସଭ୍ୟ ୧୧ ଜଣ, ବାଣିଜ୍ୟ ଓ ଶିଳ୍ପ ପାଇଁ ୧୯, ଜମିଦାରଙ୍କ ତରଫରୁ ୫ ଜଣ, ବିଶ୍ୱବିଦ୍ୟାଳୟରୁ ୨ ଜଣ, ଶ୍ରମିକ ଆଠଜଣ, ଏପରି ୨୫୦ ଜଣ ସଭ୍ୟ ହେବେ।

ସିନ୍ଧୁ—ସାଧାରଣ ନିର୍ବାଚନ ମଣ୍ଡଳରୁ ଜଣେ ମହିଳାଙ୍କୁ ମିଶାଇ ୧୯ ଜଣ, ମୁସଲମାନ ୩୪, ୟୁରୋପୀୟ ଦୁଇଜଣ, ବାଣିଜ୍ୟ ଶିଳ୍ପପାଇଁ ୨, ଜମିଦାର ୨ ଜଣ, ଶ୍ରମିକ ଜଣେ ମୋଟ ୬୦ ଜଣ।

ସାମ୍ପ୍ରଦାୟିକ ବଣ୍ଟନ ଘୋଷଣା ସାଥେ ସାଥେ ପ୍ରଧାନ ମନ୍ତ୍ରୀଙ୍କ ଗୋଟିଏ ଇସ୍ତାହାର ପ୍ରକାଶ ପାଇଛି। ଏହି ଇସ୍ତାହାରରେ ମନ୍ତ୍ରୀ କହନ୍ତି—

"ମୁଁ କେବଳ ପ୍ରଧାନ ମନ୍ତ୍ରୀରୂପେ ଏ ସମସ୍ୟାର ସମାଧାନ କରିନାହିଁ। ଭାରତର ବନ୍ଧୁରୂପେ ମୁଁ ଏ ବିଷୟର ଜାତୀୟ ଆଲୋଚନା ଦୁଇବର୍ଷ ହେଲା କରି ଆସୁଛି।

ଏ ବିଷୟରେ ହସ୍ତକ୍ଷେପ କରିବା ଆମର ଅଭିପ୍ରାୟ ନଥିଲା। ଏ କଥା ମୁଁ ଗୋଲଟେବୁଲରେ ସ୍ପଷ୍ଟ ଭାବରେ ଜଣାଇଥିଲି। ଆମର ଇଚ୍ଛାଥିଲା ସମସ୍ତେ ମିଶି ଏହାର ସମାଲୋଚନା କରିପାରନ୍ତୁ। ସମ୍ପ୍ରଦାୟ ବାଗ୍ୱିତଣ୍ଡା ହୋଇନାହିଁ ବୋଲି ଆପତ୍ତି ଉଠାଇପାରନ୍ତି। କିନ୍ତୁ ମୋର ଆଶା, ଭାରତବାସୀ ନୂଆ ଶାସନତନ୍ତ୍ରକୁ ଯଶସ୍ୱୀ କରିବାପାଇଁ ମନ ଧ୍ୟାନ ଦେଇ ପରସ୍ପର ମଧ୍ୟରେ ସାମଞ୍ଜସ୍ୟ ଆଣିବେ।

ଏ ମଧ୍ୟରେ ଯଦି ଭାରତର ସମସ୍ତ ଜାତି-ମାନେ ନିଜ ନିଜ ମଧ୍ୟରେ କୌଣସି ମୀମାଂସା କରି ପାରୁନାହାନ୍ତି, ତେବେ ଏହି ବଣ୍ଟନ କାର୍ଯ୍ୟକାରୀ ହେବ। ନୂତନ ଶାସନ ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ଯଦି ସମସ୍ତ ଜାତି ଓ ଅନ୍ୟ ସମ୍ପ୍ରଦାୟମାନେ ଏକମତ ହୋଇପାରନ୍ତି, ତେବେ ତାହା ଗ୍ରହଣ କରାଯାଇ ପାର୍ଲିଆମେଣ୍ଟରେ ଉପସ୍ଥାପିତ ହେବ।

ପୃଥକ ନିର୍ବାଚନ ମଣ୍ଡଳକୁ ଅନେକ ବର୍ଷ ହେଲା ସଂଖ୍ୟାଲଘୁ ଜାତିମାନେ ବହୁ ଦରକାର ବୋଲି କହୁଛନ୍ତି। ଏହାଦ୍ୱାରା ସେମାନଙ୍କର ସ୍ୱାର୍ଥ-ରକ୍ଷାପାଇଁ ସୁବିଧା ହେବ ବୋଲି ଏହି ଜାତିମାନେ ମନେ କରୁଛନ୍ତି। ପୂର୍ବବର୍ଷମାନଙ୍କରେ ଯେଉଁ ଶାସନସଂସ୍କାର ହୋଇଥିଲା, ସେଥିରେ ମଧ୍ୟ ପୃଥକ ନିର୍ବାଚନ କ୍ଷେତ୍ର କାର୍ଯ୍ୟକାରୀ ହୋଇଅଛି। ମିଶ୍ର ନିର୍ବାଚନ କ୍ଷେତ୍ରରେ ନିର୍ବାଚନ କାର୍ଯ୍ୟ ଚଳାଇବାକୁ ସରକାରଙ୍କ ସେପରି କିଛି ଆପତ୍ତି ନଥିଲା, ଅନ୍ୟାନ୍ୟ ଜାତିର ଦାବି ଉପେକ୍ଷା କରିବା ସମ୍ଭବ ନୁହେଁ। ଅଗତ୍ୟାରେ ଯେଉଁ କାରଣରୁ ଏପରି ସାମ୍ପ୍ରଦାୟିକ ନିର୍ବାଚନ ମଣ୍ଡଳୀମାନ ଗଠିତ ହେଲା, ତାହାର କାରଣ ଏଥିରୁ ବସ୍ତୁର ଲକ୍ଷ-ମାନେ ଭୁଲ ନାହିଁ। ମୁଁ ଭବିଷ୍ୟତ ପ୍ରତି ଦୃଷ୍ଟି ଦେଉଛି। ଯେତେ ଶୀଘ୍ର ସମ୍ପ୍ରଦାୟ ଏକାପରି ଭାବରେ ଦେଶ ଶାସନ ଚଳାଇବେ, ସେ ଆଶା ମୋର ଅଛି। ଏହା ସମ୍ଭବ ହେଲେ ଦଳିତ ସମ୍ପ୍ରଦାୟ ପାଇଁ ସ୍ୱତନ୍ତ୍ର ଆଉ ଦରକାର ହେବ ନାହିଁ।

ଅଛୁତମାନଙ୍କୁ ସାଧାରଣ ନିର୍ବାଚନ ମଣ୍ଡଳରେ ଭୋଟ ଦେବା ଦଣ ହୋଇଥିବାରୁ ଆସ୍ଥା ଓ କଷ୍ଟ ଦୂର ହେବ। ସେମାନଙ୍କର ପ୍ରତିନିଧି କାଉନସିଲରେ ବସି ସେମାନଙ୍କ ଦୁଃଖ ଦୁର୍ଦ୍ଦଶାର ଜଣାଇପାରିବେ। ଏହା ୨୦ ବର୍ଷ ପାଇଁ ସ୍ୱତନ୍ତ୍ର ନିର୍ବାଚନ କ୍ଷେତ୍ର ଏମାନଙ୍କ ଲାଗି ରହିବ।"

—o—

ମହାଶୟ,

ଗତବର୍ଷ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଆମ୍ଭର ପତ୍ର ଆପଣ ପ୍ରକାଶ କରିଥିଲେ। ସେହି ପତ୍ରରେ ଆମ୍ଭେ ଦେଖାଇ, ପ୍ରଜାଙ୍କ ଓ ଜମିଦାରମାନଙ୍କ ଆର୍ଥିକ ଅବସ୍ଥା ଓ ପଥକର ବୃଦ୍ଧି କରିବା ଯୋଗୁଁ ଯେ ଭୟଙ୍କର ଚାପ ହେଉଅଛି ସେ ସମ୍ବନ୍ଧେ ଆଲୋଚନା କରିଥିଲୁଁ। ସେହି ପତ୍ରପାଠ ପାଠକଙ୍କ ମଫସଲର କେତେକ ଜମିଦାରମାନଙ୍କ ଠାରୁ ପତ୍ର ପାଇଥିଲୁ ଏବଂ ଭୂମ୍ୟଧିକାରୀ ସଭାର ତା ୨୫-୯-୩୧ ରିଖର ଅଧିବେଶନରେ ତାହା ପେଶ କରିଥିଲୁ ଏବଂ ସଭାର ଉଦ୍ଧାରଣମାନଙ୍କର ସାରାଂଶ ଆପଣଙ୍କ ପତ୍ରିକାରେ ଜଣାଇ ଦେଇଥିଲୁ ଅର୍ଥାତ୍ ଯେଉଁ ଜମିଦାର ରାଜସ୍ୱ ମକୁବ ଅଥବା ରାଜସ୍ୱର କିଛି ଅଂଶ ମାଫ ଚାହାନ୍ତି ତାଙ୍କର ଉଚିତ ଯେ ବିଷୟ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ନିକଟ ପୃଥକ ଆବେଦନ କରିବା। ସଭା ପକ୍ଷରୁ କରଭାର ଓ ନୋଟିସ ମିଆଦ ମାଫ କରିବା ସମ୍ବନ୍ଧେ ଆବେଦନ ଫଳରେ ଗଭର୍ଣ୍ଣମେଣ୍ଟ ତାଙ୍କର କର୍ମଚାରୀମାନଙ୍କ ଦ୍ୱାରା ଓ ମିଆଦ ମାଫ ବିଷୟ ପ୍ରଦେଶର ବର୍ତ୍ତମାନ ଅବସ୍ଥା ଧରିନେବାକୁ ବିବେଚନା କରିବା କାରଣ ଆଦେଶ ଦେଇଥିଲେ। ଆଜିପର୍ଯ୍ୟନ୍ତ ସେ ସମ୍ବନ୍ଧରେ ସର୍ବସାଧାରଣରୁ ଗଭର୍ଣ୍ଣମେଣ୍ଟଙ୍କ ନିକଟ ଗୋଟିଏ ଆବେଦନପତ୍ର ପଠାଯାଇଥିଲା ତହିଁରେ ବର୍ତ୍ତମାନ କୃଷିଜାତ ଦ୍ରବ୍ୟମାନଙ୍କର ମୂଲ୍ୟ ହ୍ରାସହେତୁ ପ୍ରଜାଙ୍କ ଖଜଣା ଓ ଜମିଦାରଙ୍କ ରାଜସ୍ୱ ଆଦାୟ ଅସମ୍ଭବ ଥିବା ଜଣାଇ ବୃଦ୍ଧି ହୋଇଥିବା ଆଦାୟ ମକୁବ ରଖାଯିବା ଓ ପଥକର ଯାହା ବୃଦ୍ଧି କରାଯାଇଅଛି ତାହାର ଆଦାୟ ମଧ୍ୟ ମକୁବ କରାଯିବା ଓ ତାହାଲଦାରଙ୍କ ଠାରୁ ଟ ୨ ଙ୍କା ପର୍ଯ୍ୟନ୍ତ ପଥକର ଆଦାୟର ଭାର ଜମିଦାରଙ୍କୁ ଦିଆଯାଇଥିବା ସ୍ଥଳେ ତାହା ଆଦାୟ ସମ୍ବନ୍ଧେ ଯେ ସବୁ ଅସୁବିଧା ଅଛି ତାହା ଜଣାଇ ଦିଆଯାଇଥିଲା। ଏହି ଆବେଦନର ଫଳରେ କେବଳ ତାହାଲଦାରଙ୍କ ଠାରୁ ପଥକର ଆଦାୟର କେତେକ ସୁବିଧା କରିଦେବା ଛଡ଼ା ଅନ୍ୟ କୌଣସି ଫଳ ହାସଲ ହୋଇନାହିଁ। ଅନନ୍ତର ବାବୁ ବ୍ରଜସୁନ୍ଦର ଦାସ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ନିକଟ ଜମିଦାରଙ୍କ ନାନାପ୍ରକାରରେ ଯେ ସବୁ ଅସୁବିଧା ଅଛି ତାହା ଗୋଟିଏ ମେମୋରିଆଲ ରୂପରେ ଛପାଇ ଦେଇଥିଲେ ଏବଂ ତାହା ଶ୍ରୀଯୁକ୍ତ କମିଶନର ସାହେବଙ୍କ ନିକଟ ପଠାଯାଇଥିଲା। ଲକ୍ଷ୍ମୀଧର ବାବୁଙ୍କ ପରିଶ୍ରମ ଅନୁସାରେ କଟକ ଓ ପୁରୀ ଓ ବାଲେଶ୍ୱର ଜିଲ୍ଲାରୁ କେତେକ ଜମିଦାରମାନେ ଶ୍ରୀଯୁକ୍ତ କମିଶନର ସାହେବଙ୍କ ସମ୍ମୁଖରେ ତାଙ୍କ ସହିତ ସାକ୍ଷାତ କରିବାରୁ ସେ ସବୁ ବିଷୟମାନର ଆଲୋଚନା କରାଯାଇଥିଲା। ପୂର୍ବରୁ ପ୍ରକାଶ ଯେ ସମିତି ଏସବୁ ଅସୁବିଧା ଓ ମୋକଦ୍ଦମାର ଖର୍ଚ୍ଚ ହେଲେ ସହାନୁଭୂତି ପ୍ରକାଶ କରି ବିଷୟ ଅପରେ ସମ୍ବନ୍ଧେ ଏ ପର୍ଯ୍ୟନ୍ତ କୌଣସି ଶେଷ ମୀମାଂସା ହୋଇନାହିଁ।

ବର୍ତ୍ତମାନ ରାଜସ୍ୱ ଆଦାୟରେ ଜରିମାନା ଓ ନୋଟିସ ଜାରି ଫିସ ଯାହା ଦେବାକୁ ହେଉଅଛି ତାହା ଅତ୍ୟନ୍ତ କଷ୍ଟକର। ଗତବର୍ଷ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ନିକଟ ଜଣେ ସ୍ଥାନୀୟ ଜମିଦାର ଏ ସମ୍ବନ୍ଧେ ଦେଖା କରିଥିଲେ। ଶ୍ରୀଯୁକ୍ତ କଲେକ୍ଟର ସାହେବ ଜରିମାନାର ଯେପରି ଲିଷ୍ଟ କରିଅଛନ୍ତି ତାହା ଏହି। ଯଥା—ଟ ୧ ୧୦ ଠାରୁ ଟ ୨୦ ୧୦ ପର୍ଯ୍ୟନ୍ତ ବାକି ରାଜସ୍ୱ ସ୍ଥଳେ ଜରିମାନା ଟ ୧ ୧। ଟ ୨୦ ୧୦ ରୁ ଟ ୫୦ ୧୦ ପର୍ଯ୍ୟନ୍ତ ବାକି ରାଜସ୍ୱ ସ୍ଥଳେ ଜରିମାନା ଟ ୧॥। ଟ ୫୧ ୧୦ ଠାରୁ ଟ ୧୦୦ ୧୦ ପର୍ଯ୍ୟନ୍ତ ବାକି ରାଜସ୍ୱ ସ୍ଥଳେ ଜରିମାନା ଟ ୨ ୧୦ ଉର୍ଦ୍ଧ୍ୱ ସଂଖ୍ୟା ଟ ୫ ଙ୍କା ନେଉଛନ୍ତି। ନୋଟିସ ଜାରି ଆରମ୍ଭ ଟ ୧୧ ୧୦ ଓ ଟ ୧୯ ୧୦ ସ୍ଥଳେ ଯେ ପ୍ରକାରଭେଦରେ ଟ ୪ ୧୦, ଟ ୩ ୧୦, ଓ ଟ ୨ ୧୦ ନେଉଥିବାର ଜାଣୁଥିଲେ। ଶ୍ରୀଯୁକ୍ତ କଲେକ୍ଟର ସାହେବ ସହାନୁଭୂତି ଓ ଉଦାର ଜଣେ ଜମିଦାର ପ୍ରଜାରୁ ଜମିଦାରଙ୍କ ଅବସ୍ଥା ପ୍ରତି ତାଙ୍କ ସହାନୁଭୂତି ଥିବାର ପ୍ରକାଶ କଲେ। ପ୍ରଥମ ଦରଖାସ୍ତକାରୀର ଅବସ୍ଥା ଧରିନେଇ ନାହିଁ ଏଣୁ ଜରିମାନାଦି କମ୍ କରୁଅଛନ୍ତି, ବାକି ରାଜସ୍ୱ ଆଦେଶନେଇ ପଥକର ସହିତ ସମସ୍ତ ଦେବାର ପ୍ରାର୍ଥନା କରିବାରେ ସେ ସେ ବିଷୟ ବିଚାର କରିବେ ବୋଲି କହିଲେ।

ବର୍ତ୍ତମାନ ଯେପରି ଅବସ୍ଥା ଆସନ୍ତା ନଭେମ୍ବର କିସ୍ତି ରାଜସ୍ୱ ଦେବା ସେ କେତେଦୂର କଷ୍ଟକର ହେବ ତାହା ସମସ୍ତେ ବୁଝିପାରୁଛନ୍ତି। ସମସ୍ତ ପ୍ରଜା ଓ ଜମିଦାରମାନଙ୍କ ଏ ବିଷୟ ଚିନ୍ତା ଲାଗିଛି। ଏ ଉପାୟରେ ସମସ୍ତଙ୍କ କଷ୍ଟ ଲାଘବ ହେବ ତାହା ସ୍ଥିର କରିବ ପାଇଁ ସମବେତ ଚେଷ୍ଟା କରିବା ଉଚିତ। ଜମିଦାରମାନଙ୍କ ନିମନ୍ତେ ଆସନ୍ତା ସେପ୍ଟେମ୍ବର ମାସ ତା ୧୮ ରିଖ ଧାର୍ଯ୍ୟ ହୋଇଅଛି। ସେହିଦିନ ଅପରାହ୍ନ ଭୂମ୍ୟଧିକାରୀ ସଭା ଦେବାପାଇଁ ଡାକରା ଅଛି। ସେହିଦିନ ଭୂମ୍ୟଧିକାରୀ ସଭା ହେଲେ ସମସ୍ତେ ଏକତ୍ର ସମବେତ ହୋଇ ଉକ୍ତ ଅସୁବିଧା ଅଭିଯୋଗାଦି ଆଲୋଚନା କରି ବର୍ତ୍ତମାନ ଦରକାର ଉପାୟ ସ୍ଥିର କରିବେ। ଆଶାକରୁ ଆମ୍ଭର ଏହି ନିବେଦନ ସମସ୍ତ ଭୂମ୍ୟଧିକାରୀମାନଙ୍କ ମନଯୋଗ ଆକର୍ଷଣ କରିବ। ଇତି।

ଭବଦୀୟ
ଶ୍ରୀ ବଳଭଦ୍ରଦାସ ଧାଇଲ
ଭୂମ୍ୟଧିକାରୀ ସଭାର ସମ୍ପାଦକ।

—o—

## ତୃତୀୟ ଗୋଲଟେବୁଲ

ତୃତୀୟ ଗୋଲଟେବୁଲ କେବେ ବସିବ ଏ ସମ୍ବନ୍ଧରେ ଏଯାଏ ଅନ୍ତିମ ସ୍ଥିର ହୋଇ ନାହିଁ। "ଇଂଲିଶମ୍ୟାନ" ପତ୍ରିକାର ଲଣ୍ଡନ ସମ୍ବାଦଦାତା ଲେଖିଛନ୍ତି ବର୍ତ୍ତମାନ କୌଣସି ବିଷୟରେ ଅନ୍ତିମ ନିଷ୍ପତ୍ତି ହୋଇ ନାହିଁ। କେତେ ଜଣ ସଭ୍ୟ ରହିବେ, କେଉଁଠି ବସିବ ସେ କଥା ସ୍ଥିର ହୋଇନାହିଁ। ପ୍ରକାଶ ଯେ ଅକ୍ଟୋବର ମାସରେ ବୈଠକ ବସିବ।

—o—

Digitized by srujanika@gmail.com

Split by PDF Splitter



ନ ୧୬୮ ସର

# ଲକ୍ଷ୍ମୀନାରାୟଣ ପୁସ୍ତକାଳୟ କାଜିବଜାର, କଟକ

ଏହି ସୁଲଭର ପୁସ୍ତକ ଭଣ୍ଡାରରେ ଓଡ଼ିଆ ଭାଷାରେ ପ୍ରକାଶିତ ଯେ କୌଣସି ପୁସ୍ତକ ଏବଂ ପ୍ରାଇମେରଠାରୁ ହାଇସ୍କୁଲ ପାଏ ସମସ୍ତ ପାଠ୍ୟ ପୁସ୍ତକ ମିଳେ । ସୁବିଧାରେ ବିଶ୍ୱସ୍ତଭାବରେ ମୋଫସଲକୁ ପାର୍ଶଲ ପଠାଯାଉ ଥାଏ । ପରୀକ୍ଷା ପ୍ରାର୍ଥନୀୟ ।

[illegible] ପ୍ରାଥମିକ [illegible] ମୋହମ୍ମଦ [illegible]—

ମୂଲ୍ୟ ଟ ୦ । [illegible]

---

[illegible] ପୁସ୍ତକ [illegible] ଲେଖା, [illegible] ।

## ସାନଙ୍କ ରାମାୟଣ

ଲେଖକ ଶ୍ରୀମାନ୍ ଚକ୍ରଧର ମହାପାତ୍ର

ସରଳ କୋମଳ ଭାଷାରେ ଲେଖା, ପିଲାଏ ପଢ଼ିବେ [illegible] ।

ମୂଲ୍ୟ ଟ ୦ [illegible]

ସରୋଜନଳିନୀ ( [illegible] ) ଟ ୦ [illegible]

### ନୂତନ ପ୍ରକାଶିତ ସୁନ୍ଦର ପ୍ରୟୋଜନୀୟ ବହି

୧ ମା—( [illegible] ) ଟ ୦ [illegible]

୨—ଗୀତାମୃତ ( [illegible] ଗୀତାର ସରଳ ଅନୁବାଦ ) ମୂଲ୍ୟ ଟ ୦ [illegible]

୩—ପଦ୍ମମାଳୀ ( [illegible] ଉପନ୍ୟାସ [illegible] ) ଟ ୧୧

୪—ସଙ୍ଗୀତ କୁସୁମୋଦ୍ୟାନ ( [illegible] ) ମୂଲ୍ୟ ଟ ୦ [illegible]

୫—ପାଟିକା ( [illegible] ) ଟ ୦ [illegible]

୬—ଗାଁ ମାଇପଙ୍କ ଗୀତ ( [illegible] ) ଟ ୦ [illegible]

୭—ମେଣ୍ଢକ ବାଳିକା ( [illegible] ) ଟ ୦ [illegible]

## ୧-ଲଗ୍ନ ଓ ରାଶି ଫଳ ଟ ୦ [illegible]

## ୨-ଜନ୍ମମାସ ଫଳ ଟ ୦ ।

ଲେଖକ ଶ୍ରୀ ଶ୍ୟାମସୁନ୍ଦର ଶତପଥୀ ବେଦାନ୍ତଭୂଷଣ

[illegible] ଲେଖା ଯାଇଅଛି । [illegible]

ଲେଖକ ଶେଖ୍ ସୁଲତାନ ମୋହମ୍ମଦ

[illegible] ମୂଲ୍ୟ ଟ ୦ [illegible]

### କେତେକ ଦେଶ—ପରିଚିତ ପୁସ୍ତକ

ସୁଭଦ୍ରାର୍ଜ୍ଜୁନ [ [illegible] ନାଟକ ] ଟ ୧ [illegible]

ଗନାବତନ [ [illegible] ] ଟ ୦ [illegible]

ସୁଚିତ୍ର ରାମାୟଣ [ [illegible] ] ଟ ୦ ।

ନିତ୍ୟକର୍ମ ପୂଜା ପଦ୍ଧତି [ [illegible] ] ଟ ୦ [illegible]

ଦ୍ରୌପଦୀ ରସକଲ୍ଲୋଳ ( [illegible] ) ଟ ୦ ।

ବିରହ କଲ୍ଲୋଳ—( [illegible] ) ଟ ୦ [illegible]

ଠିକଣା :—ଲକ୍ଷ୍ମୀନାରାୟଣ ପୁସ୍ତକାଳୟ, କାଜିବଜାର—କଟକ

---

178 3-9-32.

WANTED

(a) A Head Pandit on Rs. 25-1-30/- per month trained at the Cuttack Training School for a M. V. School in Patna State.

(b) For the Guru Training School in the Patna State for a year a trained Mistress to teach sewing the knitting to lady teachers. Pay Rs. 25/- per month plus journey expenses to and from Bolangir.

Applications for both appointments together with certificates of age and testimonials will reach the office of the undersigned on or before the 15th September 1932.

Sd/-A. E. C. Mc Gavin
Superintendent,
Patna State,
Bolangir, P. O., Via—Sambalpur,
B. N. Ry.

---

No. 166 3-9-32

Wanted some energetic youngmen and ladies wishing to earn more than Rs. 100/- per month, by working in leisure hours without investing any capital. Get free particulars from, The National Trading Co. Ludiana.

---

ନ ୧୭୨ ୩-୯-୩୨

### ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ [illegible] ସେପ୍ଟେମ୍ବର ମାସ [illegible] ତାରିଖ ଶୁକ୍ରବାର [illegible] ।

୧ । [illegible] ଜଙ୍ଗଲ, [illegible] ଅଛି ।

[illegible] ଦେବ ।

୨ । [illegible] ଜଙ୍ଗଲ, [illegible] ଦେଖିପାରିବେ । ଇତି ।

[illegible]

M. Naik.
Superintendent, Baramba.

Digitized by srujanika@gmail.com

Split by PDF Splitter



No. 169 27-8-32

# Notice

Tenders are invited for the lease of the monopoly of collection of Kendu-leaves from the whole of the reserve, protected and khesra forests of the Rairakhol State for 5 years commencing from 1934 and for the monopoly of collection from the forests under Charmal thana for the year 1933 only.

Both the above-mentioned leases will be given to the same lessee.

Tenders which should reach the undersigned by 12. 9. 32, should state the amounts offered for—

( i ) Charmal thana only for 1933 and ( ii ) the whole state for each of the years 1934 to 1938.

The annual monopoly fee will have to be paid in 3 equal instalments by the 30th. June, 30th. September, and 31st. December each year.

The undersigned does not undertake to accept the highest or any tender.

The sale of the monopolies is subject to the approval of the Political Agent & Commissioner, Orissa Feudatory States.

Forest Officer, Rairakhol.

Sd/- B. M. Kanango
Dewan,
Rairakhol State.

170 27-8-32

# Wanted

A Head Pandit for the Baripada H. E. School on a monthly salary of Rs. 30/- | 50/-. Post pensionable. None need apply who has not passed a title or Acharya Examination in Sanskrit. Candidates having Training and English qualifications will be given preference. Applications should reach the undersigned on or before the 30th of August 1932.

S. N. Das.
Superintendent of Education,
Mayurbhanj State.
16. 8. 32.


[illegible]

[illegible]

ORIENTAL AGENCY
62/ A. Braun feld Row,
( V ) P. o Alipore
Calcutta


# ନୀଲାମ ଇସ୍ତାହାର

[illegible]



Digitized by srujanika@gmail.com

REGISTERED NO. D 6

63

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ., ଏଲ୍. ଏଲ୍. ବି.

ବାର୍ଷିକ ଅଗ୍ରିମ ମୂଲ୍ୟ ଟ ୩୲
ଡାକମାସୁଲ ଟ ୦।୧୲

ଭା ୬୭ ଗ | Cuttack, Saturday the 3rd September 1932 ଭାଦ୍ରବ ୧୯ ଶ ସନ ୧୩୩୯ ସାଲ ଶନିବାର | ୩୭ ଶ ସଂଖ୍ୟା

## ବେଙ୍ଗଲ ନାଗପୁର ରେଲ୍‌ୱେ କମ୍ପାନୀ ଲିମିଟେଡ୍

( ଇନ୍‌କରପୋରେଟଡ୍ ଇନ୍ ଇଂଲଣ୍ଡ )

### ନୋଟିସ

ବି. ଏନ୍. ରେଲ୍‌ୱେର ୧୯୩୨ ଦୁର୍ଗାପୂଜା ଉପଲକ୍ଷେ ଶସ୍ତା ଫେରନ୍ତ ଟିକେଟ୍ ତା ୨୭ ଖ ସେପ୍ଟେମ୍ବର ୧୯୩୨ ଠାରୁ ତା ୨୭ ଖ ଅକ୍ଟୋବର ୧୯୩୨ ପର୍ଯ୍ୟନ୍ତ ଏହି ଉଭୟ ଦିନକୁ ମିଶାଇ ଏହି ରେଲ୍‌ୱେରେ ନିମ୍ନଲିଖିତ ମତେ ୧ମ, ୨ୟ, ଇଣ୍ଟର ଓ ଅନ୍ୟ ଶ୍ରେଣୀ ଦୁର୍ଗାପୂଜା ଫେରନ୍ତ ଟିକେଟ୍ ଦିଆଯିବ ।

| ଶ୍ରେଣୀ | ନ୍ୟୂନତମ ଦୂରତାର ପରିମାଣ | ଫେରନ୍ତ ଟିକେଟର ଦର |
|---|---|---|
| ୧ମ ଓ ୨ୟ | ୧୦୧ ମାଇଲ | ଏକଜଣଙ୍କର ଟିକେଟ୍‌ର ୧¼ ମୂଲ୍ୟ |
| ଇଣ୍ଟର (ମେଲ୍ ଗାଡ଼ିରେ) | ୨୦୧ „ | ମେଲ ଅବା ଏକ୍‌ସପ୍ରେସ୍‌ରେ ଏକଜଣଙ୍କର ଟିକେଟ୍‌ର ୧¼ ମୂଲ୍ୟ |
| ଇଣ୍ଟର (ଏକ୍‌ସପ୍ରେସ ଏବଂ ସାଧାରଣ ଗାଡ଼ି) | ୧୦୧ „ | ଏକ୍‌ସପ୍ରେସ ଅବା ସାଧାରଣ ଗାଡ଼ିରେ ଏକଜଣଙ୍କର ଟିକେଟର ୧¼ ମୂଲ୍ୟ |
| ତୃତୀୟ (ମେଲଗାଡ଼ିରେ) | ୨୦୧ „ | ମେଲ ଅବା ଏକ୍‌ସପ୍ରେସରେ ଏକଜଣଙ୍କର ଟିକେଟର ୧½ ମୂଲ୍ୟ |
| ତୃତୀୟ (ଏକ୍‌ସପ୍ରେସ ଏବଂ ସାଧାରଣ ଗାଡ଼ି) | ୧୦୧ „ | ଏକ୍‌ସପ୍ରେସ ଅବା ସାଧାରଣ ଗାଡ଼ିରେ ଏକଜଣଙ୍କର ଟିକେଟର ୧½ ମୂଲ୍ୟ |

( ଏହି ଶସ୍ତାଦର ପାରଲାକିମେଣ୍ଡି ଲାଇଟ୍ ରେଲ୍‌ୱେ ଏବଂ ମୟୂରଭଞ୍ଜ ଲାଇଟ ରେଲ୍‌ୱେ ଉପରେ ଦିଆଯିବ ନାହିଁ । ଦୁର୍ଗା ପୂଜା ଛୁଟିରେ ଶସ୍ତା ଫେରନ୍ତ ଟିକେଟ୍ ଦିଆ ହେବ କେବଳ ଏହି ରେଲ୍‌ୱେ ମାନଙ୍କ ପାଇଁ ପୃଷ୍ଠ ଯିବା ଆସିବାର ଟିକେଟର ମୂଲ୍ୟ ନିଆଯିବ । )

ପିଲାମାନଙ୍କୁ ଅର୍ଦ୍ଧମୂଲ୍ୟରେ ଅର୍ଥାତ୍ ଉପରୋକ୍ତ ମୂଲ୍ୟର ଅର୍ଦ୍ଧମୂଲ୍ୟରେ ଟିକେଟ୍ ମିଳିବ ।

ସେଇ ଦିନ ଟିକେଟ୍ ଦିଆଯିବ ସେହିଦିନଠାରୁ ୪୫ ଦିନର ମଧ୍ୟ ସୀମାରେ ଯାତ୍ରା ଶେଷ ହେବା ଆବଶ୍ୟକ । ୪୫ ଦିନ ପୂର୍ବ ବା ନଭେମ୍ବର ତା ୩୦ ରଖ ନଭେମ୍ବର ୧୯୩୨ର ମଧ୍ୟ ରାତ୍ରିଠାରୁ ଏ ଟିକେଟ୍ ଆଉ ଚଳିବ ନାହିଁ ।

ଏହି ଫେରନ୍ତ ଟିକେଟର ଅବ୍ୟବହୃତ ଅର୍ଦ୍ଧ ଖଣ୍ଡପାଇଁ ଟଙ୍କା ଫେରସ୍ତ ଦିଆଯିବ ନାହିଁ ।

ଏହି ଫେରନ୍ତ ଟିକେଟର ଅନ୍ୟାନ୍ୟ ନିୟମ ଜାଣିବାକୁ ଇଚ୍ଛାକଲେ ଅନୁଗ୍ରହ କରି ସୁପରିଣ୍ଟେଣ୍ଡେଣ୍ଟ, ଷ୍ଟେସନ୍ ଏବଂ ଡେଭଲପ-ମେଣ୍ଟଙ୍କ ଠାରୁ ପତ୍ର ଲେଖନ୍ତୁ ।

ବି. ଏନ୍, ରେଲ୍‌ୱେ
ହାଉସ
କଲିକତା

ବାଇ ଅର୍ଡର
ଚିଫ୍ କମର୍ଶିୟାଲ୍ ଟ୍ରାଫିକ ମେନେଜର

୧୭୭ ନୋଟିସ ୩୧।୮।୩୨

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁଁ ଯେ ଆମ୍ଭ ତରଫରୁ ମାଲି ମକଦ୍ଦମାରେ ତଦ୍‌ବିର ଓ ଆମ୍ଭ ସମ୍ପତ୍ତିର ଦେଖାଶୁଣା କରିବା ନିମନ୍ତେ ପାଇକରାୟ (ଗ୍ରା) ଜଗନ୍ନାଥ, ମୋକ୍ତାର ଓ ନଗର ଚଉଧୁରୀ (ପି) ଓଡ଼ିଶା ପ୍ରସାଦ, ଧୂମିଙ୍କଠାରୁ (ପି) ରାଧାଚରଣ ସାଃ ଦଳାଇସାହି ଓ ରଘୁନାଥ ପାତ୍ରଭାଷିଂହ (ପି) ଗଦାଧର କୁଅଁରସିଂହ, ସାଃ ଗୋବର୍ଦ୍ଧନ-ପୁରମାନଙ୍କୁ ଗତ ୧୨।୧।୩୨ରେ ଯେଉଁମାନେ ଆମ-ମୋକ୍ତାର ନିଯୁକ୍ତ କରିଥିଲୁଁ । ମାତ୍ର ସେମାନେ ଉଚିତ ରୂପେ ଆମ୍ଭର ସମ୍ପତ୍ତିର ତଦ୍ଦ୍ୱାରା ସ୍ୱାର୍ଥରକ୍ଷା ନ କରିବାରୁ ଆମ୍ଭେ ସେମାନଙ୍କ ଆମମୋକ୍ତାରରୁ ରଦ୍ଦ କଲୁଁ । ଭବିଷ୍ୟତରେ ସେମାନେ ଆମ୍ଭ ତରଫରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ । କଲେ ତାହା ଅଗ୍ରାହ୍ୟ ହେବ ଏବଂ ଆମ୍ଭେ ସେଥିରେ ଦାୟୀ ହେବୁ ନାହିଁ ।

ଯୋଗର ବଡ଼ (ଗ୍ରା) ମୋହରସଙ୍ଗ
ସାଃ ଦଳାଇସାହି, ପୋଃ କୋଇଗଡ଼,
ଜି: ପୁରୀ

No. 176 10-9-32

## Wanted.

A trained, experienced and active female Vaccinator for the State Charitable Dispensary for six months at present on a pay of Rs. 20/- ( Rupees twenty only ) per month. Applications should reach the undersigned on or before the 15th of September 1932, at the latest. Statement of qualifications, past services if any and present age etc of the candidate in the application is essential. Copies of certificates and testimonials should also accompany the application. Selected candidate will have to join the post on the 1st October positively. Free State quarters are available and actual travelling allowance in joining the post will be allowed.

19-8-1932.
P. O. Rairakhol.
Via-Sambalpur,
B. N. Ry.

Sd/ B. C. J. M. Deo.
Ruling Chief,
Rairakhol State

Digitized by srujanika@gmail.com

Split by PDF Splitter



ନ ୨୮ ନଂ ତା ୭ । ୧୦ । ୧୯୩୨ ମସିହା

# ଭଲ ବହି କିଣ ।

# ଭକ୍ତର ଭଗବାନ୍ ।

## ସର୍ବଜନପ୍ରଶଂସିତ ଭକ୍ତି ଗ୍ରନ୍ଥ

ଏଥିରେ ଭକ୍ତର ଶ୍ରେଷ୍ଠତ୍ୱ, ଭକ୍ତର ମହତ୍ତ୍ୱ, ଭଗବାନଙ୍କର ଭକ୍ତବତ୍ସଲତା, ଭକ୍ତି ଅମାନ୍ତ୍ର ନବ ଦଂଶ ... ଉତ୍କଳ ଓ ଭକ୍ତର ଦୃଢ଼ ପ୍ରେମ ଉତ୍ତମରୂପେ ବର୍ଣ୍ଣନ କରିଛି, ଏ ସମୟରେ ପ୍ରତ୍ୟେକ ପାଠ୍ୟ ଅଛି । ପଣ୍ଡିତମାନେ ଉଚ୍ଚ ପ୍ରଶଂସା କରିଅଛନ୍ତି । ଓଡ଼ିଆ ଭାଷାରେ ଏପରି ପୁସ୍ତକ ଆଉ ନାହିଁ । ସ୍କୁଲ ଓ ଲାଇବ୍ରେରି ପୁସ୍ତକରୂପେ ଅନୁମୋଦିତ । ମୂଲ୍ୟ ଚାରିଅଣା ।

# ସାନ୍ତ୍ୱନା ପୁଷ୍ପମାଲ୍ୟ ।

## ଶୋକ ରୋଗର ଅବ୍ୟର୍ଥ ମହୌଷଧ

ଏଥିରେ ଶୋକର ସାନ୍ତ୍ୱନା ସମ୍ବନ୍ଧରେ ଭିନ୍ନ ଭିନ୍ନ ଶାସ୍ତ୍ରରୁ ସଙ୍କଳିତ ପଞ୍ଚବିଂଶ ଅଧ୍ୟାୟିକା ଅତି ... ସୁନ୍ଦର ଓ ସରଳ । ଶୋକାର୍ତ୍ତବ୍ୟକ୍ତି ଏହାପାଠକଲେ ହୃଦୟେ ସାନ୍ତ୍ୱନା ... ଲାଭ କରିବେ ଓଡ଼ିଆ ଭାଷାରେ ଏହା ଏ ଶ୍ରେଣୀର ଏକମାତ୍ର ପୁସ୍ତକ । ସ୍କୁଲ୍ ଓ ଲାଇବ୍ରେରି ପୁସ୍ତକରୂପେ ଅନୁମୋଦିତ । ମୂଲ୍ୟଦଶଅଣା ।

# ମହାଧର୍ମ ।

ଭିନ୍ନ ଭିନ୍ନ ଶାସ୍ତ୍ରରେ ବର୍ଣ୍ଣିତ ପାତିବ୍ରତ୍ୟ ଧର୍ମସମ୍ବନ୍ଧୀୟ ମନୋହର ବୃତ୍ତାନ୍ତ ଭାଷା ଓ ବାଳିକା ମାନଙ୍କ ପକ୍ଷରେ ଅତି ଉପାଦେୟ । ସ୍କୁଲ୍ ଓ ଲାଇବ୍ରେରି ପୁସ୍ତକରୂପେ ଅନୁମୋଦିତ । ମୂଲ୍ୟ ଦଶଅଣା ।

# ଠାକୁର ହରିଦାସ ।

## ଓ

# ନାମତତ୍ତ୍ୱ

ଶ୍ରୀ ଚୈତନ୍ୟଙ୍କ ଅନ୍ୟତମ ପାର୍ଷଦ ଯେଉଁ ହରିଦାସ 'ନାମ ପ୍ରଚାର ଦ୍ୱାରା ଧର୍ମଜଗତରେ ଚିରସ୍ମରଣୀୟ ହୋଇଅଛନ୍ତି, ଯେଉଁ ହରିଦାସ ଶତଶତରେ' ନାମ ପ୍ରଚାର କରି ସୋଦ୍ଧାରେ ତନ ଲକ୍ଷ ରେ ଅର୍ଜନ କରିଥିଲେ, ସ୍ୱୟଂ ଶ୍ରୀଚୈତନ୍ୟ ସ୍ୱହସ୍ତରେ ସର୍ବଶ୍ରୀଅଙ୍ଗରେ ଯାହାଙ୍କର ସମାଧି ସ୍ଥାପନ କରିଥିଲେ, ସେହି ହରିଦାସଙ୍କ ଜୀବନର ଲୀଳା ଏଥିରେ ବର୍ଣ୍ଣିତ ହୋଇଅଛି । ଏଥିରେ ନାମତତ୍ତ୍ୱର ସଯୋଗ ସଙ୍ଗି ତାଲିକା ସଂଯୋଗ । ମୂଲ୍ୟ ଅଠଅଣା ।

ପ୍ରାପ୍ତିସ୍ଥାନ :—
କଟକର ପ୍ରଧାନ ପ୍ରଧାନ ପୁସ୍ତକାଳୟମାନ ଓ
ଶ୍ରୀ ସତ୍ୟନାରାୟଣ ମହାପାତ୍ର, ଜାଗାଦାର୍
ପୋ: ଅ: ଚୁଡ଼ଙ୍ଗଚୌକ, କଟକ ।

# ମନ ମୁତାବକ ଭଲ ବହି

# କେବଳ

# ଗ୍ରନ୍ଥମନ୍ଦିର, ନୟାସଡ଼କ

# ପୋ: ଅ: ଚାନ୍ଦନୀଚୌକ କଟକରେ

# ମିଳେ

No. 178

## Notice.

Wanted a permanent District Engineer for the Cuttack District Board on a salary of Rs. 400-20-500 a month. None need apply who is not qualified under rule 2 prescribed in Bihar and Orissa Government Notification No. 1255 L. S. G. R. dated 14th August 1926 published at page 872- 873 of Part II of the Bihar and Orissa Gazette dated 22nd August 1928.

Applications stating age should be submitted in sealed and registered cover addressed to the Chairman District Board Cuttack, Orissa, and superscribed "application for appointment of District Engineer" and must reach him on or before the 15th September 1932. Each application must be accompanied by necessary certificates and testimonials together with a suitable envelope addressed and sufficiently stamped for registration in which they can be returned in the event of the application being unsuccessful. The selected candidate will be on probation for one year and must be ready to join the post on or before the 26th September 1932.

Cuttack
District Board Office
The 22nd August 1932.

L. Mohanty.
Chairman,
District Board,
Cuttack.

୧୭୪ ୨୩ । ୯ । ୩୨

## ନୋଟିସ୍

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଅତ୍ର ଷ୍ଟେଟ୍‌ର ଦୁଇ ଗୋଟି ଖଜଣାସୁଦ୍ଧାଭାଗର, ନାହାଳପୋଡା ଓ ଧାରକଷ୍ଟ୍ରର ବନ୍ଦିପଠାକୁ ଆଗାମୀ ସେପ୍ଟେମ୍ବର ମାସ ତା ୧୫ ରିଖରେ, ସଦର କଚେରୀରେ, ସ୍ଥାୟୀ ନିଲାମ ଡାକହେବ । ନିଲାମ ଇଚ୍ଛୁକମାନେ, ଧାର୍ଯ୍ୟ ତାରିଖ ଦିନ ୧୦ ଘଣ୍ଟା ସମୟରେ ଉକ୍ତସ୍ଥାନରେ ଉପସ୍ଥିତ ହୋଇ, ନିଲାମ ଡାକିପାରିବେ । ନିଲାମ ଦିନ ସର୍ବୋଚ୍ଚ ଡାକ ଚତୁର୍ଥାଂଶ ଟଙ୍କା ଦାଖଲ କରିବାକୁ ହେବ ।

Sd/- B. B. Das
Superintendent
Athagarh State.

ନ ୨୧୯ ନମ୍ବର କେସ ସନ ୧୯୩୨ ମସିହା

କେନ୍ଦ୍ରାପଡ଼ା ମୁ: ମୁନସଫି ଅଦାଲତ

ଧନଞ୍ଜୟ ଦାସ ଡି:

ନଗନ୍ ସ୍ୱାଇଁ ଦେ:

ଧାର୍ଯ୍ୟ ତା ୧୭।୯।୩୨ ରିଖ

କଟକ ଜି: ଅନ୍ତର୍ଗତ କେନ୍ଦ୍ରାପଡ଼ା ଥା: ଓ ପ୍ରକାଶ ଇସ୍ତକାର ମୁ: ପତଣ ମୌ: ମହକୁମର ବନ୍ଦୋବସ୍ତିଥିବା ନ ୨୨୮ ଖାତା ଦା: ସ୍ଥିତିବାନ ୧୯—୮୯ ଖ: ମଧ୍ୟରୁ ଭିନ୍ନୀ ତାଦ ଅବଶିଷ୍ଟ ୫୮—୧୨ ଖ: ମଧ୍ୟରୁ ଦେଣଦାରର ଅଂଶ ଖା: ୮ ଅଂଶ ୫୦—୫୭ ଖ: ଜମି ଓ ଇତର ପ୍ରତିରକ୍ଷିତ ପୁରାତନ ସହ ଓ କ୍ଷିତି ମହକାଶିଥିବା ନ ୨୨୭ ଖାତା ଦା: ସ୍ଥିତିବାନ ୫୦—୫୯ ଖ: ମଧ୍ୟରୁ ଦେଣଦାର୍ ଅଂଶ ଖା: ୫୦୨ ୫୦—୨୦-୮ ଭଣ୍ଡି ଏରୂପ ୫୦-୬୭-୪ ବଚନରୁ ଜମା ୫ ୨॥/୨ ନିଲାମହେବ ଅଟ: ମଲ୍ଲ ୫ ୩୭୯

Digitized by srujanika@gmail.com

# ଲାଙ୍କାଶାୟାରଧର୍ମଘଟ

## ୨୦୦,୦୦୦ ଲୋକ ଖାଲି ବସିଛନ୍ତି

ଲାଙ୍କାଶାୟାର ଧର୍ମଘଟ ପୂର୍ଣ୍ଣଭାବରେ ଚାଲିଥିବା ସୁଦ୍ଧା ବର୍ତ୍ତମାନ ୨୦୦,୦୦୦ ଲୋକ ବେକାର ହୋଇ ବସିଛନ୍ତି। କଟନ୍ ମିଲର ଅଧ୍ୟକ୍ଷମାନଙ୍କର ଚେୟାର-ମ୍ୟାନ କହିଅଛନ୍ତି ଯେ ସେମାନେ ଶ୍ରମିକମାନଙ୍କ ପୁନଃ ନିଯୁକ୍ତ ସମ୍ବନ୍ଧେ ଯେତେ ସୁବିଧା ଦେଇପାରନ୍ତି କରୁଛନ୍ତି ତଥାପି ଧର୍ମଘଟ ଅନିବାର୍ଯ୍ୟ ହୋଇପଡ଼ୁଛି। ସେମାନେ ଏ ସମ୍ବନ୍ଧରେ ଆଉ କିଛି କରିବାର ବ୍ୟବସ୍ଥା କରୁନାହାନ୍ତି।

## ଧର୍ମଘଟ ପୂର୍ଣ୍ଣତା ପ୍ରାପ୍ତହେଲେ

ଶନିବାର ବ୍ୟବସାୟରେ ସପ୍ତାହକୁ ୧୦୦,୦୦୦ ପାଉଣ୍ଡ କ୍ଷତି ହେବ। ଲୁଗା କଳର ଶ୍ରମିକମାନଙ୍କର ମଧ୍ୟ ମଜୁରିରେ ସପ୍ତାହକୁ ୫୦୦,୦୦୦ ପାଉଣ୍ଡ କ୍ଷତି ହେବ।

—*—

## ପୁଣି ଗୋଲଟେବୁଲ ବୈଠକ

ସିମଲା ସମ୍ବାଦରୁ ଜଣାଯାଏ ଯେ ଆସନ୍ତା ନଭେମ୍ବରମାସ ମଧ୍ୟଭାଗରେ ସମ୍ମିଳନୀ ବସିବ। ପରନ୍ତୁ କାର୍ଯ୍ୟକ୍ରମ ଏପର୍ଯ୍ୟନ୍ତ ଠିକ୍ ହୋଇନାହିଁ।

ବଡ଼ଲାଟ ସଭ ମେମ୍ବରମାନେ ଭାରତର ସେ ପରାମର୍ଶ କମିଟିକୁ ଡାକ୍ ପଠାଇ ପ୍ରସ୍ତାବିତ ସମ୍ମିଳନୀ କୃଷି ଗୋଲଟେବୁଲ ସମ୍ମିଳନୀର କାର୍ଯ୍ୟ ସମାଧା କରିବେ। ଏ ସମ୍ବନ୍ଧରେ ଡାଇରିପତ୍ରର ବିବରଣ ପ୍ରକାଶିତ ହେବା ପୂର୍ବରୁ କୌଣସି କଳ୍ପନା ଜଳ୍ପନା କରିବା ଠିକ୍ ନୁହେଁ ବୋଲି ଅନୁମାନ ହୁଏ।

—*—

## ସାହାବ ମାରିଲେ କୁକୁର-ମଲା ମାଛି

ବମ୍ବେ ଉଇକମ୍ ଏଣ୍ଡ କୋମ୍ପାନୀର ଡାଇରେକ୍ଟର ମିଥ୍ ସାହେବଙ୍କ ଗୋଡ଼ରେ ଗୋଟିଏ ମାଛି ଅଗାର ପ୍ରାପ୍ତହେବା ଫଳରେ ସାହେବଙ୍କ ପ୍ଲେଗ୍ ରୋଗ ହୋଇଥିଲା। ପରେ ୫ ସେପ୍ଟେମ୍ବର ହାସ୍ପିଟାଲରେ ସାହେବ ମୃତ ହୋଇଅଛନ୍ତି। ପ୍ରକାଶ ଯେ ସାହେବ ଗୋଟିଏ କୁକୁର ମାରିବା ଉଦ୍ଦେଶ୍ୟରେ ଗୁଳି ଫାୟର୍ କରିବାରୁ ମାଛି ଅସାର ପ୍ରାପ୍ତ ହୋଇଥିଲା।

—o—

## ଟେଲିଗ୍ରାଫ ତାର କଟା ହୋଇଛି

ମାନ୍ଦ୍ରାଜ ବ୍ୟସପେର ଷ୍ଟେସନ ନିକଟରେ ୬୦୦ ଫୁଟ ଟେଲିଗ୍ରାଫତାର କଟା ହୋଇଥିବାର ଅଗଷ୍ଟ ତା ୨୨ ରଖ ସକାଳେ ଦେଖା ଯାଇଥିଲା।

—*—

## ମ୍ୟୁନିସିପାଲିଟିରେ ସ୍ୱଦେଶୀ

ରାଜମହେନ୍ଦ୍ରୀ ମ୍ୟୁନିସିପାଲ କାଉନସିଲ୍ ଗତ ଅଗଷ୍ଟ ତା ୨୬ ରଖର ବୈଠକରେ ସର୍ବ-ସମ୍ମତିକ୍ରମେ ଠିକ୍ କରିଅଛନ୍ତି ଯେ ମ୍ୟୁନିସିପାଲିଟି ସର୍ବଦା ସ୍ୱଦେଶୀ ଜିନିଷ କିଣିବେ।

—*—

# ସାପ୍ରୁ ବଡ଼ଲାଟଭେଟ

ସାର ତେଜ୍ ବାହାଦୁର ସାପ୍ରୁ ବଡ଼ଲାଟ ସାହେବଙ୍କ ସଙ୍ଗେ ଦେଖା କରିବା ନିମନ୍ତେ ଗତରବିବାର ଏଲାହାବାଦରୁ ଡେରାଡୁନ୍ ଯାଇଥିଲେ।

ଆସନ୍ତା ଗୋଲଟେବଲ ସମ୍ମିଳନୀରେ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା ହେବ ବୋଲି ଆଶା କରାଯାଏ।

ପରବର୍ତ୍ତୀ ସମ୍ବାଦରୁ ପ୍ରକାଶ ଯେ ସାପ୍ରୁଙ୍କର ବଡ଼ଲାଟଙ୍କ ସଙ୍ଗେ ଘଣ୍ଟାଏକାଳ ଗପ ହୋଇଥିଲା। ଆଲୋଚ୍ୟ ବିଷୟ ସମ୍ବନ୍ଧରେ କୌଣସି ପ୍ରକାଶ କରିବାକୁ ସାପ୍ରୁ ଅନିଚ୍ଛୁକ।

—*—

## ସୁଭାଷଙ୍କ ସ୍ୱାସ୍ଥ୍ୟ

ସୁଭାଷ ବାବୁଙ୍କ ସ୍ୱାସ୍ଥ୍ୟ ଭାଙ୍ଗିଯାଉଥିବାରୁ ସମ୍ପ୍ରତି ୪ଜଣ ଡାକ୍ତରଙ୍କ ଦ୍ୱାରା ପରୀକ୍ଷିତ ହୋଇଅଛି। ସେମାନେ ମତ ଦେଇଛନ୍ତି ଯେ ତାଙ୍କୁ ଅବିଳମ୍ବେ ଗୋଟିଏ ସ୍ୱାସ୍ଥ୍ୟକର ସ୍ଥାନକୁ ପଠାଇବା ଆବଶ୍ୟକ। ଡାକ୍ତରମାନଙ୍କ ମତ ମାନ୍ଦ୍ରାଜ ସରକାରଙ୍କ ଜରିଆରେ ଭାରତ ସରକାରଙ୍କ ନିକଟକୁ ପଠାଯିବ।

## କଂଗ୍ରେସକୁ ଛାଡ଼ି ନାହାନ୍ତି

### ଗାନ୍ଧୀଙ୍କ ସଙ୍ଗେ କର୍ଣ୍ଣରତ୍ୱ ପାରନ୍ତି

ଭାରତ ସରକାରଙ୍କର ଅସ୍ଥାୟୀ ବାଣିଜ୍ୟ ମନ୍ତ୍ରୀ ସାର୍ ସି. ପି. ରାମସ୍ୱାମୀ ଅୟାରଙ୍କ କଥାରୁ ପ୍ରକାଶ ଯେ ତାଙ୍କର ବନ୍ଧୁଭାବଙ୍କ ସଙ୍ଗେ ରାଜନୀତିରେ ଏହା ଅନୁମିତ ହେଉ ନାହିଁ ଯେ ସରକାର କଂଗ୍ରେସକୁ ବାଦ୍ ଦେଉଛନ୍ତି ବା ଗାନ୍ଧୀଙ୍କ ସଙ୍ଗେ ଆଦୌ କଥା କହିବେ ନାହିଁ।

## କଂଗ୍ରେସ୍ ସଭାପତିଙ୍କୁ ଜେଲ୍

କୁମ୍ଭ ଅମାନ୍ୟ ଦୋଷରେ ଡାକ୍ତର ଭଗବାନଙ୍କ ବର୍ଷେ ଜେଲ୍ ଓ ୫ ୨୦୦ଟ ଜରିମାନା ହୋଇଅଛି। ସେ ଲାହୋର ଓ ଅମ୍ବାଲା ଜିଲ୍ଲାରେ ପ୍ରବେଶ ନିଷେଧ ଆଜ୍ଞା ଅମାନ୍ୟ କରିଥିବାରୁ ତାଙ୍କୁ ଏ ଦଣ୍ଡ ଦିଆଯାଇଅଛି।

## ଅମୃତସରଜାମର ଯୁଦ୍ଧ ନିବାରଣ ସଭାରେ ବୃଦ୍ଧ ପଟେଲ୍

ଅମୃତସରଠାରେ ଯୁଦ୍ଧ ନିବାରଣ ସଭାର ଅଧିବେଶନ ହେଉଅଛି। ବୃଦ୍ଧିଅର ରେହ ପ୍ରତିନିଧି ଏ ସଭାରେ ଯୋଗଦେଇ ନାହାନ୍ତି। ଭାରତୀୟ ବ୍ୟବସ୍ଥାପକ ସଭାର ଭୂତପୂର୍ବ ସଭାପତି ଏଠାରେ ଉପସ୍ଥିତ ଥିଲେ। ତାଙ୍କୁ ଦେଖିବା ମାତ୍ରେ ଫଟୋଗ୍ରାଫର ଲୋକମାନେ ତାଙ୍କୁ ଘେର ଯାଇଥିଲେ।

ପ୍ରଫେସର କଶ୍ୟପ ଶ୍ରୀପଦ୍ମାପତି କାରଣ ସାହେବ ଜଗଦ୍ବିଖ୍ୟାତ ଏଥିରା ଧ୍ୱଂସକାରୀ ଆଗାମୀ ଯୁଦ୍ଧର ନିବାରଣ ଉପାୟ ସ୍ଥିର କରିବା ନିମନ୍ତେ ବକ୍ତୃତା କରିଥିଲେ।

—*—

## ପିଉନିଟିଭ୍ ଟିକସ୍

ବାମଲ୍ଲର ଥାନାର ଥାନାରେ ପିଉନିଟିଭ୍ ପୁଲିସ୍ ରଖିବା ନିମନ୍ତେ ପ୍ରତ୍ୟେକ ୫ ୧ ଙ୍କା ଚୌକିଦାରି ଟ୍ୟାକ୍ସ ଉପରେ ୫ ୨ ଙ୍କା ୧ ପାଇ ହିସାବରେ ଟିକସ ଧାର୍ଯ୍ୟ କରାଯାଇଅଛି।

—*—

# ନୂଆ ଇନ୍‌କମ୍ ଟିକସ

## ଆଇନ୍

ଆସନ୍ତା ଭାରତୀୟ ବ୍ୟବସ୍ଥାପକ ସଭାରେ ଇନ୍‌କମ୍ ଟିକସ ସମ୍ବନ୍ଧରେ ନୂଆ ଆଇନ ଗୋଟିଏ ଆଗତ କରିବା ସମ୍ଭବ। ସେଥିରୁ ଗୋଟିଏ ଆଇନରେ ଏ ଦେଶରେ ଅସ୍ଥାୟୀ ବାସିନ୍ଦା ମାନଙ୍କର ଏବଂ ମୃତ ମନୁଷ୍ୟମାନଙ୍କର ସମ୍ପତ୍ତି ଉପରେ ଆଉ ବିଦେଶରେ ବାଣିଜ୍ୟରେ ନିଯୁକ୍ତ ଧନ ଉପରେ ଟିକସ ବସିବା ପ୍ରସ୍ତାବ ରହିଛି। ବୋଧହୁଏ ଦ୍ୱିତୀୟ ଆଇନ୍‌ରେ ବ୍ୟାଙ୍କରେ ଗଚ୍ଛିତ ଟଙ୍କା ଉପରେ ଟିକସ ବସାଇବା ପାଇଁ ସରକାର ଚାହାନ୍ତି।

—*—

## ବିହାର ଓଡ଼ିଶାର ରାଜବନ୍ଦୀ

ଆଇନ ଅମାନ୍ୟ ଆନ୍ଦୋଳନ ସମ୍ପର୍କରେ ଏ ପ୍ରଦେଶରେ ୯୭୨୪ ଜଣ ଗିରଫ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୮୫୨୦ଜଣ ଶାସ୍ତି ପାଇଥିଲେ। ବର୍ତ୍ତମାନ ଜେଲରେ ୨୫୪୨ଜଣ ଅଛନ୍ତି।

—*—

## ପୁଣି ଚିନ୍ ଜାପାନ ସଙ୍ଘର୍ଷ

ମୁକ୍‌ଡେନଠାରେ ଚୀନାମାନେ ଜାପାନ ଅସ୍ତ୍ରାଗାର ଆକ୍ରମଣ କରିବା ଦ୍ୱାରା ପୁନର୍ବାର ଯୁଦ୍ଧପାତ ହେଲାଣି।

—*—

## କଲିକତାରେ ରାଜ୍ଞି

ଭାରତ ସେବକ ସମିତିର ସଦସ୍ୟ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଉତ୍କଳ ଭାଷା ସମିତିର ମନୋମାଳିନ୍ୟ ଦୂର କରିବା ନିମନ୍ତେ କଲିକତା ଯାଇଅଛନ୍ତି।

—*—

## ବାଙ୍କି ଖବର

### ବାଙ୍କିରେ ବ୍ୟାଙ୍କର ବିଗ୍ଭର

ରହାଣିଆ ସହଯୋଗ ସମିତିର ଜଣେ ଡାଇରେକ୍ଟର୍ ମେମ୍ବରଙ୍କୁ ବହିଷ୍କାର କରିବା ନିମନ୍ତେ ବାଇମମାନେ ବଡ଼ ଉତ୍ସୁକ ଥିବାପରି ବୋଧ ହେଉଅଛନ୍ତି— ମେମ୍ବରଟି ଜଣେ ଧନାଢ୍ୟ ବ୍ୟକ୍ତି ଓ ବାକି ରଣ କରିବାକୁ ଚାହାନ୍ତି ନାହିଁ। ଏପରି ସ୍ଥଳେ ତାଙ୍କୁ ବାହାର କରି ଦେବାର ଉଦ୍ଦେଶ୍ୟ କାହିଁକି ତାହା ସହଯୋଗ ସମିତିର୍ ଡେପୁଟି ରେଜିଷ୍ଟ୍ରାର ମହୋଦୟ ଟିକିଏ ଜାଣି ଦେଖିବେ କି?

ବ୍ୟାଙ୍କ ଇନ୍‌ସ୍ପେକ୍ଟର ରେଜିଷ୍ଟ୍ରାର ସାହେବଙ୍କ ଇସ୍ତାହାର ନକଲ ଉଦ୍ଦେଶ୍ୟରେ ଜଣେ ବ୍ୟକ୍ତି ତିନିପି ଡାଇରେକ୍ଟରଙ୍କ ବ୍ୟାଙ୍କ ବ୍ୟକ୍ତି ସମ୍ପର୍କରେ ବଡ଼ ଓ ଅନ୍ୟାନ୍ୟ ମେମ୍ବରମାନଙ୍କ ରୂପେ ସୁଦ ପ୍ରତି ଦୃଷ୍ଟି ନ ଦେବା ଦ୍ୱାରା ବ୍ୟାଙ୍କ ଠିକ୍ ଚାଲୁ ନଥିଲା କି?

ସ୍ଥାନୀୟ ଡାଃ ଇଃ ସ୍କୁଲ ସମ୍ବନ୍ଧରେ ନାନାପ୍ରକାରେ ନାନା କଥା ଶୁଣାଯାଉଛି। ଶୁଣାଯାଏ ଶିକ୍ଷା ବିଭାଗୀୟ ଇନ୍‌ସ୍ପେକ୍ଟର ସାହେବ ନିକଟରେ ବାଙ୍କି ଯାଉଅଛନ୍ତି—ସେ ମହାଶୟ ଶିକ୍ଷା ଅନୁଷ୍ଠାନର ଉନ୍ନତି କଲେ ବହୁତ ଉପକାର ହେବ ବୋଲି ଅନୁରୋଧ।

—*—

Split by PDF Splitter

Digitized by srujanika@gmail.com

Split by PDF Splitter



# ବିହାର ଓଡ଼ିଶା କାଉନସିଲରେ ଜେଲ ଆଲୋଚନା

## ସରକାରଙ୍କ ଦୃଷ୍ଟି ପଡ଼ିଲା !

ବର୍ତ୍ତମାନ ବିହାର ଓଡ଼ିଶା କାଉନ୍‌ସିଲ ରାଞ୍ଚିଠାରେ ବସିଅଛି । ଏହି ମାସର ପ୍ରଥମ ସପ୍ତାହ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ ଚାଲିବ । ଗତ ୩୦ ତାରିଖ ଦିନ ପାଟନା କ୍ୟାମ୍ପ ଜେଲରେ ଜାତୀୟଶାଳା ପ୍ରସ୍ତୁତ ଖର୍ଚ୍ଚ କରିବା ନିମନ୍ତେ ଟ ୫୪୦୫୧ଙ୍କା ନେବାପାଇଁ ସରକାର ପ୍ରସ୍ତାବ ଆଣିଥିଲେ । ସେହି ସମ୍ପର୍କରେ କେତେଜଣ ମେମ୍ବର ଜେଲପରିଚାଳନା ସମ୍ବନ୍ଧରେ ନାନା ପ୍ରକାର ମନ୍ତବ୍ୟ ପ୍ରକାଶ କରିଥିଲେ । ଓଡ଼ିଶାରୁ ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର କହିଥିଲେ । ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ କେହି ଲୋକ ଚାହାନଥିଲେ । ଯେଉଁଥିରୁ ସରକାରୀ ମେମ୍ବର କହିଲେ- ଆମେ ସେଥିରେ ଦୂର ପାରୁନୁ ସେଥିରୁ ବନ୍ଦୀମାନଙ୍କର ସୁବିଧା ନିମନ୍ତେ ବନ୍ଦୋବସ୍ତ କରୁଅଛୁ ଓ କରିବୁ । ଏହିପରିକରେ ସମସ୍ତେ ବୋଧହୁଏ ଖୁସି ଟଙ୍କା ମଞ୍ଜୁର ହୋଇଗଲା !

—※—

ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର ଜେଲ ପରିଚାଳନା, ପାଟନା କ୍ୟାମ୍ପ ଜେଲରେ ରାଜବନ୍ଦୀମାନଙ୍କର ସୁବିଧା ଓ ଅସୁବିଧା ସମ୍ବନ୍ଧରେ ଅନେକ ପ୍ରଶ୍ନ ସରକାରଙ୍କୁ ପୁଣି ପୁଣି ପଚାରିଥିଲେ । ସେଥିରେ ଭିତର ରହସ୍ୟ କେତେକ ବାହାରି ପଡ଼ିଅଛି । କିନ୍ତୁ ଅନ୍ୟାନ୍ୟ ପ୍ରଦେଶର କେତେଜଣ ରାଜବନ୍ଦୀ କାହିଁକି ଯେଉଁ ଜେଲରେ ଏହି ପ୍ରଦେଶରେ ରହିଅଛନ୍ତି, ସେ କଥା ପଚାରିଲେ ସରକାରଙ୍କର ମୁହଁ ବନ୍ଦ ହୋଇଗଲା । ସରକାର ଉତ୍ତର ଦେଲେ ଯେ ସେକଥା ସେ ସବୁ ପ୍ରକାଶ କରିବେ ନାହିଁ । କାଉନସିଲ ସେଥିରେ ନାରାଜ । ଉପମର୍ଗର ମାଟୃକାରେ ମୁକ୍ତ ହେବାର ସୁବିଧା ପାଇଁ ସମସ୍ତେ ନୀରବ ରହିଲେ । ଯେଉଁ କାଉନସିଲରେ ଏହି ସୁବିଧା ଟିକିକ ଦେଶର ପ୍ରତିନିଧି ମାନେ ପାଇବାପାଇଁ ବଳନାହିଁ ସେ କାଉନସିଲ ସହଯୋଗରେ ଦେଶର ଶାସନ ପରିଚାଳନରେ ସାହାଯ୍ୟ କରିବା ଅସମ୍ଭବ ।

—※—

ଜଣେ ଭାଗଜାଙ୍କ ସ୍ଥାନରେ ମାଲ ଖୁଲନା ଅବସର ବିହାର ଓଡ଼ିଶାରେ ଅର୍ଥ ସଚିବ ହୋଇଅଛନ୍ତି । ଏହି ପ୍ରଦେଶର ଜେଲ ପରିଚାଳନା ତାଙ୍କର ହାତରେ ରହିଅଛି । ଏହାମଧ୍ୟରେ ସେ ଥରେ ପାଟନା କ୍ୟାମ୍ପ ଜେଲ ଓ ହଜାରିବାଗ ଜେଲ ଦେଖିବାକୁ ଯାଇ ସେଠାରେ ରାଜବନ୍ଦୀମାନଙ୍କ ପାଇଁ ଖବରକାଗଜ ଓ ପିକ୍‌ନିକ୍ ଯାହାହେଉ ବନ୍ଦୋବସ୍ତ କରି ଆସିଥିବାର କାଉନସିଲର ପ୍ରଶ୍ନ ଉତ୍ତରରୁ ପ୍ରକାଶ ପାଇଲା । ଏଥିରେ କେତେ ମେମ୍ବର ସାଧୁ ସାଧୁ କହି ପ୍ରଶଂସା କରିଥିଲେ । ଏତେଦିନକେ ଯେ ବିହାର ରାଜବନ୍ଦୀମାନଙ୍କ ଉପରେ ସରକାରଙ୍କର ଯେ ଅଳ୍ପ ଦୃଷ୍ଟି ପଡ଼ିଲା ଏହା ଅତି ସୌଭାଗ୍ୟର କଥା । ତାହାର ସ୍ୱାଗତ୍ୟ ସେ କଥା ଭବ ଦେଖିବାର କଥା । ଅନ୍ୟାନ୍ୟ ସଭ୍ୟ ଦେଶର ଜେଲ ପରିଚାଳନା ସଙ୍ଗେ ଆମ ଦେଶର ଜେଲ ଶାସନ ନୀତି ତୁଳନା କଲେ ମନେହୁଏ ଯେ ପ୍ରଣାଳୀରେ ଆମ୍ଭେମାନେ ଶାସନ-ସଭ୍ୟତାରେ ଅନେକ ପଛରେ ପଡ଼ି ରହିଅଛୁ ।

—※—

### କଟକରେ ରାଜବନ୍ଦୀଙ୍କୁ ବେତମାଡ଼

ଏଥର କାଉନସିଲରେ ଗୋଟିଏ ପ୍ରଶ୍ନ ଉତ୍ତରରେ ସରକାର ସ୍ପଷ୍ଟ କହିଅଛନ୍ତି ଯେ କଟକରେ ଯେ ପ୍ରାପ୍ତବୟସ୍କ ରାଜବନ୍ଦୀଙ୍କୁ ବେତ ପ୍ରହାର ଦଣ୍ଡ ସ୍ୱରୂପ ଦିଆଯାଇ ଅଛି, ସେ ବିଷୟରେ ପ୍ରାଦେଶିକ ସରକାର କୌଣସି ପ୍ରକାର ପରାମର୍ଶ ବା ଅନୁମତି ବା ଆଦେଶ ଦେଇ ମାଜିଷ୍ଟ୍ରେଟମାନଙ୍କୁ ଦେଇ ନାହାନ୍ତି । ତେବେ ଏ ଗୁଡ଼ା କାହାର ଉର୍ବର ମସ୍ତିଷ୍କରୁ ବାହାରିଅଛି ତାହା ଜଣା ପଡ଼ୁନାହିଁ । ଯେଉଁ ହାକିମ ମାନେ ବାଳକଙ୍କର ଏରୂପ ଦଣ୍ଡବିଧାନ କରୁଅଛନ୍ତି ସେମାନେ ବୁଝନ୍ତୁ ସ୍ୱରାଜ୍ୟ ଦଣ୍ଡବିଧି ଆଇନର ମର୍ମ ଭୁଲବୁଝି କାର୍ଯ୍ୟ କରି ଯାଉଅଛନ୍ତି । କିନ୍ତୁ ଲୋକ ଭୁଲ କରେ ଥରେ, ଦୁଇଥର, ତିନିଥର । ଏତେଦିନ ଭୁଲ ଶିକ୍ଷାହାକିମ, ପ୍ରାଦେଶିକ ସରକାର ଭୁଲ ସୁଧାରି ପାରନ୍ତେ ନାହିଁ—ନା ସେମାନେ ଏପର୍ଯ୍ୟନ୍ତ ଜାଣିନଥିଲେ ! ପ୍ରଜାର ଜୀବନ, ଧନ ବିଷୟରେ ଉଦାସୀନତା ଅନ୍ୟ ଯାହା ପଛରେ ହେଉ ପଛକେ ଅନ୍ତତଃ ସରକାରଙ୍କ ପକ୍ଷରେ ଶୋଭନୀୟ ନୁହେ । ଆମ୍ଭେମାନେ ଆଶା କରୁ କାଉନସିଲରେ ସରକାରଙ୍କ ଏହି ଉତ୍ତର ଦ୍ୱାରା ସ୍ଥାନୀୟ ହାକିମ ମାନଙ୍କର ଭ୍ରାନ୍ତି ଦୂର ହେବ ।

"ମୁଁ ଜନ୍ମିଥାଏ ମୋର ମୋର
ତୁ କରୁଥାଉ ପର !"

ଯାହାର ଭ୍ରାନ୍ତି ପାଇଁ ଏତେ ସାଧନ, ସେ ପନ୍ଥାକୁ ସମସ୍ତଙ୍କ ଆଗରେ ଦେଖାଇଦେଲେ !!

ବିଧିର ବିଚିତ୍ର ଲୀଳା !

—※—

### ଜେଲ ବନାମ ନରକ

ବେହାର ଲାଟ ସଭାରେ ଅସହଯୋଗି ବନ୍ଦୀମାନଙ୍କର ସୁବିଧା ଅସୁବିଧା ଓ ଦୁଃଖ ଦୁର୍ଦ୍ଦଶାର କଥା ଆଲୋଚନା ହୋଇଥିଲା । ମେମ୍ବର ବାବୁ କମଳା ଚରଣ ସିଂହ ଯେ ସମ୍ପର୍କରେ କେତେକ କଥା କହିବାର ଶୁଣାଯାଏ । ତାଙ୍କ ମତରେ—"ଜେଲ ଏପରି ହେବା ଉଚିତ ଯେ ଯେ ନାଁ ଶୁଣିଲେ ଲୋକଙ୍କ ମନରେ ଆତଙ୍କ ଉପସ୍ଥିତ ହେବ ଓ ସେଠାରେ କଠୋର ଶାସ୍ତି ଦିଆ ହେବା ଉଚିତ । କେବଳ ଆରାମ କରିବା ଜାଗା ନୁହେଁ । କାରଣ ସହୃଦୟ ବ୍ୟବହାର ଦ୍ୱାରା ଅପରାଧୀମାନଙ୍କ ସଂଶୋଧନ କରିବାର ଆଶା କରାଯାଇ ନ ପାରେ ।" କମଳା ବାବୁ ଯେ ଜଣେ ଜେଲ ସଂସ୍କାରକ ଏହା ତ ଜଣା ନ ଥିଲା । ଭବିଷ୍ୟତରେ ତାଙ୍କ ଦ୍ୱାରା ସମାଜର ବହୁତ ଉପକାର ହେବାର ଆଶା କରାଯାଇ ପାରେ ! ଅପରାଧ ବିଜ୍ଞାନକୁ (Science of Penology) ତାଙ୍କର ଏହି ମୂଲ୍ୟବାନ ଦାନ ଲାଗି ତାଙ୍କୁ ଅଶେଷ ଧନ୍ୟବାଦ ।

—※—

# ସରକାର ଭୁରୁଜି

ଜୁଲାଇ ତା ୨୩ । ୨୪ ରେ କଟକ ସ୍ୱରାଜ୍ୟ ଆଶ୍ରମରୁ କଂଗ୍ରେସ ସ୍ୱେଚ୍ଛାସେବକ ଦଳର ଉପରେ ଥାନାରୁ ପୁଲିସ୍ ଆସି ବୁଲା ଲାଠି ମାଡ଼ କରିଥିଲେ । ଏଥିପାଇଁ ସହରରେ ହୁଲସ୍ଥୁଲ ପଡ଼ିଗଲା । ପ୍ରାୟ ୨୫ ଜଣ ସହର ଡାକ୍ତରଖାନାରେ କେତେକେ ଅଚୈତନ୍ୟ ହୋଇ ପଡ଼ିରହିଲେ । କଟକ ଟାଉନ ହଲରେ ଏଥିପାଇଁ ଏକ ବିରାଟ ସଭା ହେଲା । ଏ ନିଷ୍ଠୁର ଲାଠିମାଡ଼ର ପ୍ରତିବାଦ କରି ଅନୁସନ୍ଧାନ କମିଟି ବସାଇବା ପାଇଁ ସରକାରଙ୍କୁ ଅନୁରୋଧ କରାଗଲା । ପଣ୍ଡିତ ଗୋଦାବରୀଶ ମିଶ୍ର ଏଥର କାଉନ୍ସିଲରେ ଏହାମଧ୍ୟରେ ପଚାରିଲେ—ସରକାର ଏ ଅନୁସନ୍ଧାନ ବିଷୟରେ କ'ଣ ମୀମାଂସା କଲେ ? ଡେପୁଟି ସେକ୍ରେଟାରୀ ହ୍ୟାଲେଟ ସାହେବ କହିଲେ— କୌଣସି ଅନୁସନ୍ଧାନର ପ୍ରୟୋଜନ ନାହିଁ । ଆମ୍ଭେ ଏ କଥା ସ୍ଥାନୀୟ ହାକିମଙ୍କ ଉପରେ ସବୁର ସମ୍ପାଦକଙ୍କୁ ଜଣାଇ ଦେଇଛୁ ।

ହ୍ୟାଲେଟ ସାହେବ କିଛି ନୂଆକଥା କହିଲେ ନାହିଁ । ସେକ୍ରେଟେରିଏଟ ଅଫିସରେ ଏହିପରି ଗତ ବର୍ଷର ଲେଖା ହୋଇ ରହିଛି । ସରକାର ବିରୁଦ୍ଧରେ ଯେଉଁ କଥା ଯିବ, ତାକୁ ଚାପି ଦେବା ପାଇଁ ସିଭିଲିଆନ୍‌ମାନେ ଧୁରନ୍ଧର । ଏ କ୍ଷେତ୍ରରେ ସେ ସଂସ୍କାର ବା ଅନ୍ୟଥା କିପରି ହୁଅନ୍ତା ? କିନ୍ତୁ ଏମାନେ ବୁଝୁ ନାହାନ୍ତି ଏହାଦ୍ୱାରା ଲୋକଙ୍କ ମନରେ କି ଧାରଣା ଜନ୍ମୁଛି । କଟକ ସହରରେ ୬୦ ହଜାର ଲୋକ । ଏହା ଓଡ଼ିଶାର ରାଜଧାନୀ । ଏଠାର ଜନମତକୁ ଓଡ଼ିଶାର ଜନମତ ବୋଲି ଧରିବା ଉଚିତ । ଏ ସମସ୍ତେ ଗୋଟାଏ ଦୃଷ୍ଟିରେ ପ୍ରକୃତ ଦୃଶ୍ୟ ସହରରେ ଦେଖିଲେ ବା ଜାଣିଲେ । କଂଗ୍ରେସର ଅସହଯୋଗୀଙ୍କୁ ଅମାନ୍ୟ କରି ସାଧାରଣ ଓ ବିଶିଷ୍ଟ ଲୋକେ ସମସ୍ତେ ସେହି ସରକାରଠାରେହିଁ ଗୁହାରି କଲେ । ସରକାର ସେ ଅନୁରୋଧ ସବୁକୁ ଗୋବର ଲେଣ୍ଡା କରି ଫିଙ୍ଗିଦେଲେ । ତାଙ୍କର କିଛି କର୍ତ୍ତବ୍ୟ ନାହିଁ ବୋଲି କହିଦେଲେ । ଲୋକଙ୍କ ମନରେ ଏହାଦ୍ୱାରା କି ଧାରଣା ହେଲା ? ସରକାର ଯଦି ଦୋଷୀ—ଅନୁସନ୍ଧାନକୁ ଡରୁଛନ୍ତି—ଏହା ବିଶ୍ୱାସ ହେବ ନାହିଁ କି ? ସରକାରଙ୍କର ସୁବୁଦ୍ଧି ଥିଲେ ସେ ଏଇଟି ଉପରେ ଆଉ ଅନୁସନ୍ଧାନ କରି ନିଜ ସାହସ, ସଭ୍ୟ ଓ ଧର୍ମନୀତିର ପ୍ରମାଣ ଦିଅନ୍ତେ । ଆମ୍ଭେମାନେ ଶୁଣୁଛୁ ବଙ୍ଗର ଇଣ୍ଡିଆ ଲିଗ୍ ଡେଲିଗେସନ କଟକରେ ଆସିବେ । ଆମ୍ଭମାନଙ୍କର ଆଶା କଟକ ସହରବାସୀ ଓ ବିଶିଷ୍ଟ ଲୋକେ ଏ ଘଟଣା ସେମାନଙ୍କ ଆଗରେ ଉପସ୍ଥାପିତ କରିବେ ।

—※—

ପଣ୍ଡିତ ଗୋଦାବରୀଶ ଆଉରି ଏକ ପ୍ରଶ୍ନ ପଚାରିଥିଲେ । ସେ ପଚାରିଲେ—ରାଜନୈତିକ ମକଦ୍ଦମାରେ କେତେକ ବୟସ୍କ ଲୋକଙ୍କୁ ଏଥି ମଧ୍ୟରେ ବେତ ମାଡ଼ ଦିଆହୋଇଛି କି ? ଏପରି କେତେ ସଂଖ୍ୟକ ଲୋକଙ୍କୁ ଦିଆ ହୋଇଛି ? ସରକାରଙ୍କ ପକ୍ଷରୁ ହେଲେଟ୍ ସାହେବ କହିଲେ— ନା, ନାସ୍ତି, ନାହିଁ, ହିଁ ନାହିଁ ଇତ୍ୟାଦି । କେତେକ ରାଜନୈତିକ ମକଦ୍ଦମାରେ କଟକ

୨୮୭ ପୃଷ୍ଠା ୧ମ କଲମ ଦେଖନ୍ତୁ

Digitized by srujanika@gmail.com

Split by PDF Splitter



## ପୁଲିସ୍ ସବ୍‌ଇନ୍‌ସ୍‌ପେକ୍ଟର ନିଯୁକ୍ତି

ନିମ୍ନଲିଖିତ ପ୍ରାର୍ଥୀମାନେ ପୁଲିସ ସବ୍‌ଇନ୍‌ସ୍‌ପେକ୍ଟର ମନୋନୀତ ହୋଇଛନ୍ତି :—

୧। ମହମ୍ମଦ ଅବଦୁଲ୍ ୱାହେବ
୨। ରାଜଗୋବିନ୍ଦ ବୋଷ
୩। ଭୋଳାନାଥ ଦତ୍ତ
୪। ଲକ୍ଷ୍ମୀକାନ୍ତ ମହାନ୍ତି ( ଉଦ୍‌ବର୍ତ୍ତ )

ଦୁଃଖର କଥା କୌଣସି ଓଡ଼ିଆଙ୍କ ଭାଗରେ ଏ ପୁରସ୍କାର ମିଳିଲାନାହିଁ। ଲକ୍ଷ୍ମୀକାନ୍ତ ମହାନ୍ତି ଗତଥର ପ୍ରତିଯୋଗିତା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସତ୍ତ୍ୱେ ତାଙ୍କୁ ଉଦ୍‌ବର୍ତ୍ତରେ ରଖିହେବାର କାରଣ ବୁଝିବା କଠିନ। ଏଣୁ ଇନ୍‌ସ୍‌ପେକ୍ଟର ଜେନେରଲ ମହୋଦୟ ଏହାର ସୁବିଚାର କରିବେ। ଓଡ଼ିଶା ସବୁବେଳେ ଗୋଟାଏ ଭିନ୍ନ ପ୍ରଦେଶ ସହିତ ସଂଯୁକ୍ତ ଥିବାରୁ ଓଡ଼ିଶାର ଦାବି ଏହିପରି ଭାବରେ ଉପେକ୍ଷିତ ହେଉଅଛି।

—※—

ପରଲାର ରାଜା ମହୋଦୟ ତା ୨୭ ରିଖ ସେପ୍ଟେମ୍ବର ଦିନ ଇଂଲଣ୍ଡରୁ ଫେରୁଛନ୍ତି। ତା ୨୨ ରିଖ ଅକ୍ଟୋବର ଦିନ ସେ କାର୍ଯ୍ୟ ଭାର ଗ୍ରହଣ କରିବେ।

—○—

## ସରକାର ଭ୍ରାନ୍ତି

( ୨୩୫ ପୃଷ୍ଠା ଶେଷ କଲମର ଅବଶିଷ୍ଟାଂଶ )

ଜେଲଖାନାରେ ବନ୍ଦୀ ହୋଇ ଅନେକଙ୍କ ଯେ ବେତମାଡ଼ ଖାଇଥିଲେ, ଏକଥା ସତ। ଏହା କାଗଜ ପଢ଼ିଲେ ଜଣା। ତେବେ ସେମାନଙ୍କ ମଧ୍ୟରୁ ନାବାଳକ ଥିଲେ, ସାବାଳକ ଥିଲେ, ଏକଥା କାଗଜ ପତ୍ରରେ ଜଣାଯାଇନାହିଁ। ସାଧାରଣତଃ ଅନେକେ କହନ୍ତି ଯେ ଅନେକ ସାବାଳକ ଲୋକ ବେତ ମାଡ଼ ଖାଇଛନ୍ତି। ଜେଲ୍‌ରେ ବେତଦଣ୍ଡ ଦେଲାବେଳେ ଏମାନଙ୍କ ବୟସ ଯେ ଠିକ ସ୍ଥିର କରନ୍ତି, ତାହା ସେ ଜାଣିଥିବେ। ୧୬ ବର୍ଷରୁ କମ ନାବାଳକ ପିଲାଙ୍କୁ ଛୋଟ ଛୋଟ ଫୌଜଦାରୀ ଅପରାଧରେ ବେତଦଣ୍ଡ ଦେବାର ବ୍ୟବସ୍ଥା ଅଛି। କିନ୍ତୁ ପିକେଟିଂ ଅପରାଧରେ ବେତଦଣ୍ଡ ଦେବାର ବ୍ୟବସ୍ଥା ନାହିଁ। ତା ଛଡ଼ା ୧୬ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ କୌଣସି ଅପରାଧରେ ବେତଦଣ୍ଡ ଦେବାର ବ୍ୟବସ୍ଥା ମଧ୍ୟ ନାହିଁ। ୧୯୩୦ କଂଗ୍ରେସ ଗୋଳମାଳ ବେଳେ ଲେଫ୍‌ଟ ଗଭର୍ଣ୍ଣର ଏଣ୍ଡରସନ ଚଟ୍ଟଗ୍ରାମ କଂଗ୍ରେସ ବାଲାଙ୍କୁ ବୋର୍ଡରେ ବେତମାଡ଼ ଦେଇଥିଲେ। ସେ ବିଷୟରେ ଦେଶରେ ଭାରି ଗୋଳମାଳ ହୋଇଥିଲା। ବାର୍ଲ ସରଦେଶର ଗୋଟିଏ ଜେଲଗାର୍ଡ ମଧ୍ୟ ତାହାରେ ବେତଦଣ୍ଡ ହୋଇଥିଲା। ହାଇକୋର୍ଟ ଅପିଲରେ ସେ ବେତଦଣ୍ଡ ରଦ୍ଦ କରିଦେଲେ। ଅଥଚ ଏଥର ପୁଣି ବେତଦଣ୍ଡ ଦିଆଗଲା। ସେଇଥିପାଇଁ ସର-କାର ଦାରୁ ଗୋଳାବସିରଙ୍କ ହୃଦୟରେ ଦୟାର ବା ନାହିଁ ମାନି ନବଲେ କି? ଏ ବିଷୟରେ ପ୍ରଦେ-ଶର କୌଣସି ବିଶିଷ୍ଟ ଓକିଲ ବା ଓକିଲ-ଶର କୌଣସି ଆକୋସିଏସନ ପକ୍ଷର ଅନୁଷ୍ଠାନରେ ହାଇକୋର୍ଟର ଦୃଷ୍ଟି ଆକର୍ଷଣ କରିବା ଉଚିତ।

—○—

## ମଧ୍ୟସ୍ଥର ମଉଜ

ଭାରତରେ ବିଦେଶୀ ଲୁଗା ବର୍ଜ୍ଜନ ଅବଲମ୍ବନ ପୂର୍ବରୁ ଶସ୍ତା ଦରରେ ଏଠି ବିକ୍ରିକରିବାର ଉଦ୍ୟମ ଇଂଲଣ୍ଡ ଓ ଜାପାନ ଉଭୟେ କରୁଛନ୍ତି। ଜାପାନ ଏ ବିଷୟରେ ଇଂରେଜଙ୍କୁ ଟପି ଯାଇଛି, ସେ ତାର ବ୍ୟବସାୟ ବୃଦ୍ଧି କରିବା ଏବଂ ତାର ମୁଦ୍ରାର ମୂଲ୍ୟ କମାଇ ଦେବାଦ୍ୱାରା ଭାରତ ବଜାରରେ ଏତେ ପରିମାଣରେ ଏବଂ ଏତେ ଶସ୍ତାରେ ଲୁଗା ଆଣି ଜମାଇ ଦେଉଛି ଯେ ଦେଶୀ ଲୁଗା କଳବାଲା ଯାହା ପ୍ରତିକାର କରି ନ ପାରି ଖାଲି ଛଟପଟ ହେଉଛନ୍ତି। ଭାରତର ଲୁଗା ବ୍ୟବସାୟ ଅତି ପୁରୁଣା ବ୍ୟବସାୟ ହୋଇଥିଲେ ସୁଦ୍ଧା କଳ କାରଖାନା ସାହାଯ୍ୟରେ ତାହା ପ୍ରସ୍ତୁତ କରିବା ଅଳ୍ପ ଦିନର କଥା, ଏ କଳ କାରଖାନା ଇଂଲଣ୍ଡ ପ୍ରଭୃତି ଦେଶରୁ ଆଣି ଏଠାରେ ବସାଇ କରିବାକୁ ହୁଏ। ତେଣୁ ଏ କଳ ନିର୍ମାଣକାରୀ ମୌଳିକ ଦଳ ବ୍ୟବସାୟୀ-ମାନଙ୍କ ସହିତ ବଜାରରେ ପ୍ରତିଯୋଗିତାରେ ପାରିବା ନବ ଉଦ୍ୟମୀ ଭାରତୀୟ ବ୍ୟବସାୟୀଙ୍କ ପକ୍ଷରେ କଷ୍ଟ କଥା। ଅଥଚ ଏ ନବ ଉଦ୍ୟମକୁ ପିଲା ପାଳିଲା ପରି ପାଳନ କରି ରକ୍ଷା ନ କଲେ ଶିଳ୍ପ ହତ୍ୟା ହୋଇ ମରିଯାଇ ହୋଇଯିବ, ସେଇଥି ପାଇଁ ବିଦେଶୀ ବ୍ୟବସାୟ ଉପରେ ଶୁଳ୍କ ବସାଇ ଦେଶୀୟ ବସ୍ତ୍ର ବ୍ୟବସାୟକୁ ରକ୍ଷା କରିବାର କଥା। ଜାପାନ ଓ ବିଲାତି ଲୁଗା ବିରୁଦ୍ଧରେ ମିଲ୍ ମାଲିକମାନେ ଶୀଘ୍ର ହାମୁଦ ଶୁଳ୍କ ବସାଇବା କାରଣ ଭାରତ ସରକାରଙ୍କୁ ଅନୁରୋଧ କରିଥିଲେ। ଭାରତ ସରକାର ଗୋଟାଏ ଅନୁସନ୍ଧାନ କମିଟି ବସାଇ ଏବେ କେବଳ ଜାପାନୀ ଲୁଗା ଉପରେ ଶତକଡ଼ା ୫୦ ଶୁଳ୍କ ବସାଇଛନ୍ତି। କିନ୍ତୁ ଜାପାନ ମୁଦ୍ରା 'ୟେନ୍'ର ଭାରତ ମୁଦ୍ରା ସଙ୍ଗେ ବଦଳ ମୂଲ୍ୟ ଯଥାକ୍ରମେ ଯେ ହାରରେ ଖସି ଏ ଶୁଳ୍କ ବସାଇଛନ୍ତି, ସେଥିରେ ଶତକଡ଼ା ୫୦ ଶୁଳ୍କ ସତ୍ତ୍ୱରେ ଶତକଡ଼ା ୧୮ରୁ ୧୯ରେ ପଡ଼ିଗଲା ହେବ। ଜାପାନ ଏହା ଦେଶୀ ଲୁଗାଠାରୁ ଯେତେ କମରେ ଯେ ଅନୁପାତରେ ମୂଲ୍ୟ କମ୍ କରି ଦେଉଛି, ସେଥିରେ ଶୁଳ୍କ ତାକୁ ବିଶେଷ କିଛି ବାଧାଦେଇ ପାରିବ ନାହିଁ। ଯାହା ବା କିଛି ବାଧା ଦେବ, ସେଥିର ସୁବିଧା ଇଂଲଣ୍ଡ ପ୍ରଭୃତି ବ୍ୟବସାୟୀମାନେ ପାଇବେ। କାରଣ ସେମାନେ ମଧ୍ୟ ଶସ୍ତାରେ ଆଣି ଏଠାରେ ମାଲ ଜମାଇଛନ୍ତି, ଇଂରେଜ ସରକାର ଭାରତର ଶାସନ କର୍ତ୍ତା ଥାଇ, ଜାପାନ ଓ ଭାରତ ବ୍ୟବସାୟ ମଧ୍ୟରେ ମଧ୍ୟସ୍ଥ ସ୍ୱରୂପେ ରହି ତାର ସ୍ୱଜାତୀୟ ବ୍ୟବସାୟୀଙ୍କ ସୁବିଧା ଦେବା କଥାକୁ ଅସ୍ୱୀକାର କରିହେବ। ଏଥିରେ ମଧ୍ୟସ୍ଥଙ୍କ ମଉଜ। ଦେଶୀ ମିଲ୍ ମାଲିକମାନେ ଏହିବ ମନ୍ଦଭାଗରୁ ବାଇ କାନ୍ଦିବେ ଉଡ଼ିବେ ମାତ୍ର ଯେତେଣେ ଦେଶବାସୀ ଚାହୁଁଥିଲେ ଏଥିର ଉପଯୁକ୍ତ ପ୍ରତିକାର ହୋଇଯିବ। ଲୋକେ କେବଳ ସ୍ୱଦେଶୀ ବ୍ୟବହାର କଲେ ବେପାରୀ ବଳେ ବିଦେଶୀ କାହିଁ କଣ କରିବେ। ଭାରତରେ ସ୍ୱାମୀତ୍ୱ ଶାସନ ଓ ନେତାମାନେ ମିଲ୍ ମାଲିକ ମାନଙ୍କର ଦେଶ ବାସୀଙ୍କ ଉପରେ ନିର୍ଭର କରିବା ଉଚିତ ଓ ସ୍ୱଦେଶୀ ଆନ୍ଦୋଳନକୁ ସ୍ୱାଗତ କରିବା ଉଚିତ।

—○—

## ଦୁର୍ଭିକ୍ଷ ଆଶଙ୍କା

ପୃଥିବୀରେ ଧନ ଜାତିଙ୍କର ଧନ କ୍ଷମତା, ବ୍ୟବସାୟ ପ୍ରତିଯୋଗିତା ଓ ସମ୍ମାନ ପୃଥିବୀର ନାନାସ୍ଥାନରେ ରାଜନୈତିକ ଅଶାନ୍ତି ଓ ଅବିଶ୍ୱାସ ଏବଂ ନାନା ଜାତି ଓ ଦେଶଦେଶ ମଧ୍ୟରେ ଶତ୍ରୁତା ପୃଥିବୀର ବାଣିଜ୍ୟ ବ୍ୟବସାୟକୁ ଲାଗିଥାଇ ଦେଇଅଛି। ଭାରତର ରାଜନୈତିକ ଅଶାନ୍ତି ଫଳରେ ଭାରତର ବ୍ୟବସାୟ ମଧ୍ୟ ଅଥର୍ବ ଅବସ୍ଥାରେ ପଡ଼ିଅଛି। ତେଣୁ ଆର୍ଥିକ ଅଭାବ ସବୁ ଶ୍ରେଣୀର ଲୋକଙ୍କୁ ବାଧୁଅଛି। ଠିକ୍ ଏହି ସମୟ ବେଳେ ଓଡ଼ିଶାରେ ଅନ୍ୟ ଏକ ଭୀଷଣ ବିପଦର ସୂଚନା ଦେଖାଗଲାଣି। ଗଲ ୧୫ ଦିନ ହେଲା ଓଡ଼ିଶାର ନାନାଅଞ୍ଚଳ ବୃଷ୍ଟିର ଅଭାବ ହୋଇ ଫସଲ ଜଳିଯୋଉ ଗଲାଣି। ଆଉ ୬।୮ ଦିନ ଏପରି ଗଲେ ଧାନରେ ସବୁ ପୋକଲାଗି ଯିବ ଓ ଗୃହସ୍ଥଙ୍କ ହାହାକାର ପଡ଼ିବ। ଫସଲର ଦର ନାହିଁ, ଖଜଣା ଦେବ ପାଇଁ ପଇସା ନାହିଁ। ଜମିଦାର, ମହାଜନ ସରକାର, ଜମିଦାର ଜୁଲମ କରୁଅଛନ୍ତି। ଉପରନ୍ତୁ ଟିକସ ପୀଡ଼ା ଅନେକଙ୍କ, ବହୁଲ କରୁଛି। ଏପରି ଅବସ୍ଥାରେ ଧାନ ଫସଲ ମରିଗଲେ ଦେଶରେ ଘୋର ଅଭାବ ଓ ଘୋର ଉପଦ୍ରବ ଘଟିବ। ଭଗବାନ୍ ଏ ବିପଦରୁ ଉଦ୍ଧାର କରନ୍ତୁ—ଏହାହିଁ ଆମ୍ଭମାନଙ୍କର କାମନା। କିନ୍ତୁ ସରକାରଙ୍କର ଏଥି-ପ୍ରତି ସାବଧାନ ହେବା ଉଚିତ, ଏ ବିପତ୍ତି ଓ ଅଭାବରୁ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଏବେ ଠାରୁ ଅଧିକାର ହାତ ନଜର ଦେବା ଦରକାର। ଅଭାବେ ସ୍ୱଭାବ ନଷ୍ଟ। ଅଭାବରୁ ଯେ ଏତୁ ଅଶାନ୍ତି ହେଉଛି ଏକଥା ଜାଣି ରଖିବା ଉଚିତ। ଅଭାବ ଯେତେ ବଢ଼ିବ, ଅଶାନ୍ତି ଓ ଅସନ୍ତୋଷ ସେତିକି ବଢ଼ିବ। ତେଣୁ ସରକାର ଶାନ୍ତି କାମନା କଲେ ଏ ଅଭାବ ଦୂର କରିବା ପାଇଁ ସରକାର ସର୍ବ ପ୍ରଥମେ ଉଦ୍ୟମ କରନ୍ତୁ।

## ବିଜ୍ଞାନ ବୈଚିତ୍ର୍ୟ

ଡେ. ଡେଭେଣ୍ଟ ଗିର ପରୀକ୍ଷା କରି ଦେଖିଛନ୍ତି ଯେ ଟେଲିଫୋନ୍ ତାର ସାହାଯ୍ୟରେ ସ୍ୱାଭାବିକ ପ୍ରବାହ ଗୋଟିଏ ବିଶେଷ ମାତ୍ରାରେ ପ୍ରବାହିତ କଲେ ବେଙ୍ଗରୁ ଶୀଘ୍ର ଗଛ ଜନ୍ମାଏ ଓ ଫଳ ଭଲ ହୁଏ ଏବଂ କେତେ ପୁଷ୍ଟିକର ହୁଏ। ଭୂମି ତଳରେ ବର୍ତ୍ତମାନର ଏପରି ବୃଷ୍ଟି ପଡ଼ିବ କି? ଅନୁସନ୍ଧାନ ଯୋଗ୍ୟ।

---

ଭିଟାମିନ ଉପାୟରେ ଭିଟାମିନ୍ ଜନ୍ମାଇବା ଅନ୍ୱେଷଣ ଭଳି Wisconsin ୟୁନିଭର୍ସିଟିର ଅଧ୍ୟାପକ Steenbock ସାହେବ ଆବିଷ୍କାର କରିଅଛନ୍ତି ଯେ କୌଣସି କୌଣସି ଖାଦ୍ୟ ପଦାର୍ଥରେ ଅଲଟ୍ରାଭାୟୋଲେଟ୍ (Ultra-Violet) ରଶ୍ମିର ସାହାଯ୍ୟରେ ରଶ୍ମି ଦେଇଲେ ଯଥେଷ୍ଟ D. ଭିଟାମିନ ବା ଖାଦ୍ୟ ପ୍ରାଣ ସୃଷ୍ଟି କରିପାର-ପାରେ। D. ଭିଟାମିନ ଢାଞ୍ଚିଆର ଓ ଗର୍ଭବତୀ ସ୍ତ୍ରୀଲୋକଙ୍କ ପକ୍ଷରେ ନିତାନ୍ତ ପ୍ରୟୋଜନୀୟ। ସେ ପଦ୍ଧତି ମଧ୍ୟ ଆବିଷ୍କାର କରିଛନ୍ତି ଯେ କୌଣସି ୨ ଲେନ୍ସରେ ଏହି ଉପାୟରେ ରଶ୍ମି ପକାଇଲେ ଦ୍ୱାରା D ଭିଟାମିନ ସୃଷ୍ଟି କରି ପାରିବେ। ଏହାକୁ ଅଧିକାର କରି ତଳର ଶିଶୁ ଦେବାଇବାରେ ମଣିଷ ଅଦ୍ଭୁତ ବୁଦ୍ଧି ଚେଷ୍ଟା କରୁଛି।

—○—

Digitized by srujanika@gmail.com

ନ ୧୬୩ ୨୦-୮-୩୨

## ମହିଳାମାନଙ୍କପାଇଁ ରୋଲ୍ଡ ଗୋଲ୍ଡ ବାଲି

ଏହାର ରଙ୍ଗ ଗିନି ସୁନାପରି ବ୍ୟବହାରରେ



ରଙ୍ଗ ବଦଳେ ନାହିଁ । ଉତ୍ତମ ପାଲିସ କରାହୋଇଛି । ବଡ଼, ମଧ୍ୟମ, ଓ ଛୋଟ ସାଇଜ ଏକଯୋଡ଼ା ମୂଲ୍ୟ ଟ ୧। ମାତ୍ର

ମହିଳାମାନଙ୍କ ପାଇଁ କେମିକାଲ ସୁନାର ଇଅରରିଙ୍ଗ—ଏହା କେମିକାଲ ସ୍ୱର୍ଣ୍ଣ ପ୍ରସ୍ତୁତ



ରଙ୍ଗ ଅବିକଳ ଗିନି ସୁନାପରି ବ୍ୟବହାର କରିବା ଏହା ଉପଯୁକ୍ତ । ପ୍ରତି ଯୋଡ଼ା ଟ ୧। ମାତ୍ର ପାର୍ଶ୍ୱଲ ଓ ଡାକମାଶୁଲ ଟ ୦।୵ ସ୍ୱତନ୍ତ୍ର

ଉପହାର—ଉପରୋକ୍ତ ୨ ଯୋଡ଼ା ବାଲି କିମ୍ବା ୬ ଯୋଡ଼ା ଇୟରରିଙ୍ଗ ଖରିଦ କଲେ ଗୋଟିଏ ନେକଲ ରୁପାର ଲକେଟ ସହ ଉପହାର ଦିଆଯିବ

ORIENTAL AGENCY
62/ A. Braun feld Row,
( V ) P. o Alipore
Calcutta

## ଭଦ୍ର ମହିଳାମାନଙ୍କପାଇଁ ସୁଦୃଶ୍ୟ ଡ୍ରିରନ୍ ମୁଦି



ଏହି ମନୋହର ଶୁଦ୍ଧ ୧୮ କ୍ୟାରେଟ ସୁନାଦ୍ୱାରା ତିଆରି କରାଯାଇଥାଏ । ଏହାର ମଧ୍ୟଭାଗରେ ଗୋଟିଏ ହୀରା ଏବଂ ଦୁଇ ପାର୍ଶ୍ୱରେ ଦୁଇଗୋଟି ନକଲ ହୀରା ଖଚିତ ଥାଏ ।

୧ ଭରିର ମୂଲ୍ୟ ଟ ୨୯, ଯେ ୧୨ ଗୋଟି ମୁଦି ଏକତ୍ର କିଣିବେ ତାଙ୍କୁ ଗୋଟିଏ ୧୮ କ୍ୟାରେଟ ଗୋଲ ଫେଲ୍ଟର ସୁନ୍ଦର ହାତଘଡ଼ି ଉପହାର ଦିଆଯିବ । ଡାକ ମଶାଶୁଲ ସ୍ୱତନ୍ତ୍ର ।

Reliable Store
No. 2 ( U. D )
Shyam Charan Dey Street
Bow Bazar Calcutta

## ତିନିମାସ ପାଇଁ ମୂଲ୍ୟ ହ୍ରାସ

ଏକତ୍ରରେ ତିନିଗୋଟି ଘଡ଼ିର ମୂଲ୍ୟ ଟ ୮୯
ଟ ୪।୵ ଟ ୨।୵ ଟ ୨।— ଟ ୧୦୯



ଏହି ତିନିଗୋଟି ଘଡ଼ିର ସାଧାରଣ ମୂଲ୍ୟ ଟ ୧୯ କିନ୍ତୁ ଯେ ଏକତ୍ର ତିନିଗୋଟି ଘଡ଼ି କିଣିବେ ତାଙ୍କୁ ଟ ୮ ରେ ଦିଆଯିବ ।

୧—ରୋଲଡ୍ ପେଟେଣ୍ଟ ହାତଘଡ଼ି ଅତି—ସୁଦୃଶ୍ୟ, ମନୋହର ଗଠନ, ଉତ୍କୃଷ୍ଟ ସମୟ ରକ୍ଷକ ଚମଡ଼ା ପଟା ସହ ମୂଲ୍ୟ ଟ ୪।୵

୨—ନକେଲ ସିଲଭର ପକେଟ ଘଡ଼ି ଅତି—ଭଲ ସମୟ ରକ୍ଷକ, ସ୍ୱିସ୍ ନିର୍ମିତ ମୂଲ୍ୟ ଟ ୨।୵

୩—ଜର୍ମାନ ନିର୍ମିତ ଟେବୁଲ ଉପଯୋଗୀ କ୍ଲକ୍ ଟାଇମ ପିସ ମୂଲ୍ୟ ଟ ୨।, ମୋଟ ଟ ୧୦୯

ପ୍ରତ୍ୟେକ ଘଡ଼ି ସହିତ ୫ ବର୍ଷର ଗ୍ୟାରେଣ୍ଟି ଦିଆଯାଇଥାଏ । ଡାକ ମଶାଶୁଲ ସ୍ୱତନ୍ତ୍ର

Reliable Stores
No. 2 ( U. D )
Shyam Charan Day Street
Calcutta

## ସସ୍ତା ଦରରେ ସୁନ୍ଦର ଛାପାପାଇଁ

## କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ୍

## ଦରଘାବଜାର, କଟକରେ

## ଅନୁସନ୍ଧାନ କରନ୍ତୁ

## ନୋଟିସ

ଜିଦ୍ଧତ୍ ସାହାଯ୍ୟରେ ରୋଗ

ଉପଶମର ଆଶ୍ଚର୍ଯ୍ୟ ଉପାୟ

ପ୍ରସିଦ୍ଧ ଗାଲଭନ୍ ମୁଦି



ଏହା ରକ୍ତ ପରିଷ୍କାର କରେ ଏବଂ କଲେରା, ବସନ୍ତ, ବାତ ଇତ୍ୟାଦି ସମସ୍ତ ପ୍ରକାର ସଂକ୍ରାମକ ରୋଗର ପ୍ରତିଷେଧକ । ଯେତେବେଳ ପର୍ଯ୍ୟନ୍ତ କୌଣସି ଲୋକ ପରିଧାନ କରିଥିବେ ସେତେବେଳେ ଯାଏ ଏହା ସମସ୍ତ ପ୍ରକାର ସଂକ୍ରାମକ ରୋଗ ତାଙ୍କ ଦେହରେ ପ୍ରବେଶ କରିପାରିବ ନାହିଁ । ଏହା ସୁନା ରୁପା ଏବଂ ବିଶୁଦ୍ଧ ଜର୍ମାନସିଲଭର ଦସ୍ତା ଓ ତମ୍ବାଦ୍ୱାରା ନିର୍ମିତ ଏବଂ ଏହାର ଭିତରେ ଅଗଣିତ ପ୍ରବେଶ ହେବା ମାତ୍ରକେ ଏଥିରେ ଗାଲଭନ ବ୍ୟାଟେରି ପ୍ରସ୍ତୁତ ହୁଏ । ସୁନା ପ୍ରତ୍ୟେକ ଗୋଟା ଟ ୫।୵, ରୁପା ଟ ୧।୵, ଏକତ୍ରରେ ୬ ଗୋଟା ମଗାଇଲେ ଟ ୬।୵ ଓ ୧୨ ଗୋଟା ମଗାଇଲେ ଟ ୭ ଡାକ ମଶାଶୁଲ ଟ ୦।୵ ସ୍ୱତନ୍ତ୍ର ।

ଉପହାର ଯେ ଏକତ୍ର ଜର୍ମାନ୍ ସିଲଭର ମୁଦି କିଣିବେ ତାଙ୍କୁ ଗୋଟିଏ ରୋଲ୍ଡ ପ୍ଲେଟେଡ୍ ପକେଟ ଘଡ଼ି ଉପହାର ଦିଆଯିବ ।

ଆମ୍ଭ ଠିକଣାକୁ ପତ୍ର ଲେଖ
Reliable Stres
No. 2 (U)
Shyam Charan Dey street
Calcutta.

## ନୋଟିସ

ଏତଦ୍ଦ୍ୱାରା ସର୍ବସାଧାରଣମାନଙ୍କୁ ଜଣାଇ ଦେଉଅଛୁ କି ଆମ୍ଭର ନେଉଳା ପୁଅ ଭାଇ ଉତ୍-ମଣି ଦଳାଇ ଆମ୍ଭ ସହିତ ଏକାନ୍ନବାସରେ ଥାଇ ନିଃସନ୍ତାନରେ ମୃତ ହୋଇଅଛନ୍ତି । ତାଙ୍କ ଅନ୍ତେ ତାଙ୍କର ତ୍ୟକ୍ତ ସମସ୍ତ ସମ୍ପତ୍ତିରେ ଅମ୍ଭେ ମାଲିକ ଦଖଲକାର ଅଛୁଁ । ଅମ୍ଭେ ଶୁଣିପାରୁ ଅଛୁଁ ଯେ ତାଙ୍କର ବିଧବା ସ୍ତ୍ରୀ ଇଲସା ଦେଈଙ୍କ ଉତ୍ତ୍ମଣିର ତ୍ୟକ୍ତ ସମ୍ପତ୍ତିକୁ ହସ୍ତାନ୍ତର କରିଦେବା ଅନ୍ୟାୟ ଗ୍ରହଣ କରିବା ଉଦ୍ଦେଶ୍ୟରେ ଅଛନ୍ତି । ଇଲ୍ସା ଦେଈଙ୍କ ଠାରୁ କେହି କୌଣସି ପ୍ରକାର ସମ୍ପତ୍ତି ଗ୍ରହଣ କରନ୍ତି ତହିଁ ନିମନ୍ତେ ଅମ୍ଭେ କି ଉତ୍ତ୍ମଣି ତ୍ୟକ୍ତ ସମ୍ପତ୍ତି ଦାୟୀ ହେବ ନାହିଁ । ଇତି ।

ତା ୨୯।୮।୩୨

ଭାଗି ଦଳେଇ ସାଃ ଶିମୁଳି
ପ୍ରାଃ ମାଡ଼କଣ୍ଡ ନଗର

## ନୀଲାମ ଇସ୍ତାହାର

ନ ୨୩୩ ମ୍ବର କାସ ସନ ୧୯୩୨ ମସିହା
କେନ୍ଦ୍ରାପଡ଼ା ମୁନସିଫି ଅଦାଲତ

ପଞ୍ଚୁ ପ୍ରଜ ଚୌଧୁରୀ — ଡିକ୍ରୀଦାର

ଧାନେଶ୍ୱର ସାହୁ ଓଗେରେ — ଦେଣଦାର

ଉପରୋକ୍ତ ନମ୍ବର କାସ ମୋକଦମାରେ ଡିକ୍ରୀଦାରଙ୍କ ଡିକ୍ରିଜାରୀ ଓଗେରେ ପାଉଣା ଟ ୭୨।୨। ପଇଶ ଦେଣଦାରମାନଙ୍କର ନିମ୍ନଲିଖିତ ସମ୍ପତ୍ତି ତା ୧୭।୯।୩୨ ରିଖ ନିଲାମ ହେବ ।

୧ । କଟକ ଜିଲ୍ଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ପ୍ରଗଣା ଇଲାକାର ପ୍ରାଃ ଉତ୍ତରକୋଣ ନ ୧୮୬୮ ମ୍ବର ତଉଜିଭୁକ୍ତ ତାଃ ପଟ୍ଟାମୁଣ୍ଡାଇ ମୌଃ ବହୁଜାଙ୍ଗ ଲକ୍ଷ୍ମୀରେ ଥିବା ଦେଣଦାର ମାନଙ୍କ ନାମରେ ବନ୍ଦୋବସ୍ତି ନ ୧୩୫ ମ୍ବର ଖାତା ବାଃ ସ୍ଥିତିବାନ ସାଲ୍ଣ ଏ୫—୯—୩ ଜଡ଼ି ଭୁ ଜମା ଟ ୧।୩।୬ ଅଟେ ଉକ୍ତ ଜମି ଏ ମୋକଦ୍ଦମାରେ ନିଲାମ ହେବ ଅନୁମାନିକ ମୂଲ୍ୟ ଟ ୨୦୦୯ ଅଟେ

—✻—

Digitized by srujanika@gmail.com

Split by PDF Splitter




# ଲକ୍ଷ୍ମୀନାରାୟଣ ପୁସ୍ତକାଳୟ, କାଜିବଜାର, କଟକ

ଏହି ସୁବୃହତ୍ ପୁସ୍ତକ ଭଣ୍ଡାରରେ ଓଡ଼ିଆଭାଷାରେ ପ୍ରକାଶିତ ଯେ କୌଣସି ପୁସ୍ତକ ଏବଂ ପ୍ରାଇମେରିଠାରୁ ହାଇସ୍କୁଲ ଯାଏ ସମସ୍ତ ପାଠ୍ୟ ପୁସ୍ତକ ମିଳେ । ସୁବିଧାରେ ବିଶ୍ୱସ୍ତଭାବରେ ମୋଫସଲକୁ ପାର୍ଶଲ ପଠାଯାଇ ଥାଏ । ପରୀକ୍ଷା ପ୍ରାର୍ଥନୀୟ ।
ଚଳିତବର୍ଷ ପାଇଁ ଶିକ୍ଷା ବିଭାଗରୁ ଉକ୍ତ ପ୍ରାଥମିକ ଉତ୍କଳ ଇତିବୃତ୍ତ, ସାବିତ୍ରୀ, ପାଚିକା, ଗୀତାମୃତ, ସାନଙ୍କ ରାମାୟଣ, ସରୋଜ ନଳିନୀ, ମା, ମଞ୍ଜୁର ହୋଇଅଛି ।

ଅଶ୍ୱିନୀ ବାବୁଙ୍କର ନୂତନ ନାଟକ

## ଉତ୍କଳ ଗୌରବ

ମୂଲ୍ୟ ଏକଟଙ୍କା

ଅମର ଚାନ୍ଦର—ଅମର ଗାରବ୍ବର ଅପୂର୍ବ ଦୃଶ୍ୟକାବ୍ୟ ।

ଘରେ ଘରେ ପ୍ରସ୍ତୁତର ହେବାପାଇଁ ସୁକୋମଳ ଭାଷାରେ ଲେଖା, ଚିତ୍ରକାର ଶିଶୁ ପାଠ୍ୟ ।

## ସାନଙ୍କ ରାମାୟଣ

ସରଳ କୋମଳ ଭାଷାରେ ଲେଖା, ପିଲାଏ ପଢ଼ାପଢ଼ି ପିଇ ଗୁଡ଼ାଇବେ ।

ମୂଲ୍ୟ ଟ ୦ ।/୦

ସରୋଜନଳିନୀ ( ଜୀବନ ଚରିତ୍ର ସ୍ତରଳ ଢଙ୍ଗରେ ପରିପୂର୍ଣ୍ଣ ) ଟ ୦ ।୶

୧ ମା—( ଜନନୀ ଜନ୍ମଭୂମିର କଲ୍ପନାତ୍ମକ ଅବତାର ) ଟ ୦ ୶

୨—ଗୀତାମୃତ ( ଭଗବାନ ବାଣୀର ସାର ୪୫ ଭଜ । ଗୀତାର ସରଳ ଅନୁବାଦ ମୂଲ୍ୟ ଟ ୦ ୵

୩—ପଦ୍ମମାଳୀ ( ଗାର୍ହ୍ଣି ଓଡ଼ିଆ ଉପନ୍ୟାସ ୩ୟ ସଂସ୍କରଣ ) ଟ ୧୯

୪—ପାଚିକା ( ସବୁ ରକମ ରନ୍ଧନ ପ୍ରକାରର ଉପାୟ ) ଟ ୦ ।୶

୫—ଗାଁ ମାଇପଙ୍କ ଗୀତ ( ଗାଉଁଲି ଭାଷାର ଲେଖା ) ଟ ୦ ।୶

୬—ମିଶନ ବାଳିକା ( ବାଳିକାମାନଙ୍କ ପାଇଁ ) ଟ ୦ ୶

## ପିଲାଙ୍କ ଚଣ୍ଡୀ

ଚଣ୍ଡୀର ସମସ୍ତ ବିଷୟ ଅତି ସରଳଭାଷାରେ ପିଲାଙ୍କ ପାଇଁ ଲେଖା

ମୂଲ୍ୟ ଦୁଇଅଣା

## ୧-ଲଗ୍ନ ଓ ରାଶି ଫଳ ଟ ୦ ୵
## ୨-ଜନ୍ମମାସ ଫଳ ଟ ୦ ।

ଜ୍ୟୋତିଷର ଜଟିଳ ସମାଧାନ ପୁସ୍ତିକା ଅନେକ ଭଲ ଭାଗ୍ୟ ଓ କର୍ମଫଳ ଜାଣିବାପାଇଁ ବସ୍ତୁ ସାଧନାରେ ଲେଖା ଯାଇଅଛି । ଯାହା ପଢ଼ି ଘରେ ଘରେ ସ୍ଥାନ ପାଇବା ପାଇଁ ଶୁଦ୍ଧ ସସ୍ତା ଦାମ ।

ଲେଖକ ଶେଖ୍ ସୁଲତାନ ମୋହମ୍ମଦ

ସଚିତ୍ର ଇଂରାଜୀ ବର୍ଣ୍ଣବୋଧ ମୂଲ୍ୟ ଟ ୦ ୶

ସୁଭଦ୍ରାଙ୍କ ଜନ୍ମ [ ଯଗାନ୍ତକାରୀ ନାଟକ ] ଟ ୧ ୧

ଖଣ୍ଡାଭଜନ [ ନବଦୀ-ଚମ୍ପୁ ଗଳାର ଉପାଦେୟ ବାଣୀ ] ଟ ୦ ।/

ସୁଚିତ୍ର ରାମାୟଣ [ ଛୋଟା ଛନ୍ଦରେ ସରଳ ପଦ୍ୟ ] ଟ ୦ ।

ନିତ୍ୟକର୍ମ ପୂଜା ପଦ୍ଧତି [ ଜନ୍ମ ଓ ସ୍ୱସ୍ତରଣ ] ଟ ୦ ୵

ଠିକଣା :—

ଲକ୍ଷ୍ମୀନାରାୟଣ ପୁସ୍ତକାଳୟ, କାଜିବଜାର, କଟକ



183 WANTED 3-9-32.

(a) A Head Pandit on Rs. 25-1-30/- per month trained at the Cuttack Training School for a M. V. School in Patna State.

(b) For the Guru Training School in the Patna State for a year a trained Mistress to teach sewing the knitting to lady teachers. Pay Rs. 25/-per month plus journey expenses to and from Bolangir.

Applications for both appointments together with certificates of age and testimonials will reach the office of the undersigned on or before the 15th September 1932.

Sd/-A. E. C. Mc Gavin
Superintendent,
Patna State,
Bonlangir, P. O., Via—Sambalpur,
B. N. Ry.

No. 166 3-9-32

Wanted some energetic youngmen [illegible]ies wishing to earn more than [illegible]00/- per month, by working in leisure hours without investing any capital. Get free particulars from, The National Trading Co. Ludiana.


ନଂ ୧୭୬ ୩-୯-୩୨

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ବଡ଼ମ୍ବା ରାଜ୍ୟର ନିମ୍ନଲିଖିତ ଜଙ୍ଗଲ ଆସନ୍ତା ସେପ୍ଟେମ୍ବର ମାସ ତା୧୯ରିଖ ସୋମବାର ଦିନ ୧୨।୦ଟା ସମୟରେ ସଦର କଚେରୀରେ ନିଲାମ ଡକାଯିବ ।

୧ । ଜରେଇଗଡ଼ ନାମକ ଜଙ୍ଗଲ ପ୍ରାୟ ୬୦—୭୦ ଏକର ଏଥିରେ ଶାଳ, ପିଆଶାଳ, ଶିଶୁ, ଶୁଆନ ଓ ଭଙ୍ଗୁରା ପ୍ରଭୃତି ବହୁତ ବାଉଁଶ ଗଛ ପୂର୍ଣ୍ଣଭାବରେ ଅଛି ଓ ପ୍ରଚୁର କାଠକାଠ ଅଛି ।

ଯୁଦ୍ଧଠାକୁରମାନେ ଉପରୋକ୍ତ ତାରିଖରେ ଡାକରହୋଲ ନିଲାମ ଡାକିପାରିବେ । ଯାହାଙ୍କର ଡାକ ସର୍ବୋଚ୍ଚ ହେବ ତାହାଙ୍କୁ ନିଲାମ ସମୟେ ଜରିମାନ ଏକଚତୁର୍ଥାଂଶ ଜମା ଦିଆଯିବ ଓ ଏକତୃତୀୟାଂଶ ଅଗ୍ରିମ ଉପୋକଟ ଦେବାକୁ ହେବ ।

୨ । ଜଳଙ୍ଗା ଶ୍ରେଣୀ ଜଙ୍ଗଲ ଫରେଷ୍ଟରୁ ୭ ଫୁଟରୁ ଉର୍ଦ୍ଧ୍ୱ ଗୋଲେଇ ରହିଥିବା ଶାଳ, ପିଆଶାଳ, ଶିଶୁ, ଜାମୁ ଓ ଜଙ୍ଗଲର ୧୦୦ଗଛ କାଠ କାଟିବା ଜଣକୁ ଅଣ୍ଡର ୬ ମାସ ସମୟ ଦିଆଯିବ । ଯାହାଙ୍କର ଡାକ ସର୍ବୋଚ୍ଚ ହେବ ତାଙ୍କଠାରୁ ଟ୩୦୦୧ ଜମା ସିକ୍ୟୁରିଟି ଜମାରେ ଉପୋଦ୍ଧୃତ ଦିଆଯାଇ ଏକତୃତୀୟ ଅଗ୍ରିମ ଦେବାକୁ ହେବ । ଅସମସ୍ତ କାଠ ତାହାର ଦଣ୍ଡଧରେ କରି ଛୁଟାଇ ଦିଅନ୍ତି ସେଥିରେ ମହାଗୁଣ ବାହାରିଲେ କାଠ ବଦଳ କରାଯାଇବେ । ଜଙ୍ଗଲକୁ ଯାଇ ଦେଖିବା ଅଛି ଓ ମହାଜନ ଯାଉଁକୁ ପରୋଲଇକୁ ପୂର୍ବ ନୁହେଁ । ନିଲାମର ସର୍ବୋଚ୍ଚ ଡାକ ବାହେଲ କମିଶ୍ୟୁ ଷ୍ଟି. ଏ ଓ କମିଶନର ପାଗେରେ ମଞ୍ଜୁରି ସାପେକ୍ଷ ଠିକେଦାରମାନେ ପୂର୍ବରୁ ଜଙ୍ଗଲ ଦେଖିବାକୁ ବା ଉଲ୍ଲେଖରେ କୌଣସି ବିଷୟ ଜାଣିବାକୁ ଇଚ୍ଛାକଲେ ଅଧ୍ୟ ଉକ୍ତ ବା ଷ୍ଟେଟ ଫରେଷ୍ଟରଙ୍କ ସହିତ ସାକ୍ଷାତ କରେ ଜାଣିପାରିବେ ଓ ଦେଖିପାରିବେ । ଇତି ।

ତା୧୪।୮।୩୨

M. Naik.
Superintendent, Baramba.

କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ଼ର ଯନ୍ତ୍ରାଳୟରେ ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ

Digitized by srujanika@gmail.com

# ଉପସ୍ଥିତ ଆର୍ଥିକ ସମସ୍ୟା

ଏହି ତାଲ ସମଗ୍ର ପୃଥିବୀକୁ ଯେଉଁ ଆର୍ଥିକ ଦୁର୍ଭିକ୍ଷ ଗ୍ରାସ କରିଅଛି ତହିଁଦ୍ୱାରା ଭାରତବର୍ଷ ମଧ୍ୟ ଜର୍ଜରିତ ହୋଇଅଛି ଏବଂ ତାହାରକୁ ଅଦ୍ୟାବଧି ନାହିଁ। ଭାରତରେ ନ ଅନ୍ତର୍ବାଣିଜ୍ୟ, ନ ବହିର୍ବାଣିଜ୍ୟ, ନ କୃଷିବ୍ୟବସାୟ, ନ ଶିଳ୍ପ ପ୍ରଭୃତିରେ ସମୃଦ୍ଧି ଅଭାବ ସ୍ପଷ୍ଟରୂପେ ଜଣାଯାଉଅଛି। କିନ୍ତୁ ଏ ସମୟରେ ଉତ୍କଳର ଯେ ପରିସ୍ଥିତି ହୋଇଅଛି ତାହା ଭାବିଲେ ହୃତ୍କମ୍ପ ଉପସ୍ଥିତ ହୁଏ। ଉତ୍କଳଖଣ୍ଡ ରାଜନୈତିକ ଭୂଖଣ୍ଡରେ ବିଭକ୍ତ—ବ୍ରିଟିଶ ମୋଗଲବନ୍ଦି ଓ ବ୍ରିଟିଶ ଗଡ଼ଜାତ। ପୂର୍ବେ ଗଡ଼ଜାତ ଓ ମୋଗଲବନ୍ଦି ନାନାପ୍ରକାରେ ପରସ୍ପର ସଙ୍ଗେ ଜଡ଼ିତଥିଲେ ଓ ସ୍ୱଜାତିକ ଦୃଷ୍ଟିରେ ମଧ୍ୟ ଏକ ଶାସକଙ୍କଦ୍ୱାରା ? ଶାସିତ ହେଉଥିଲା। କିନ୍ତୁ ଯେଉଁ ଦିନରୁ ଏଜେନ୍‌ସିର ସୃଷ୍ଟି ହେଲା ସେ ଦିନଠାରୁ ମୋଗଲବନ୍ଦିର ସମ୍ପର୍କ କ୍ରମଶଃ ଗଡ଼ଜାତରୁ ତୁଟି ଯାଉଅଛି ଓ ବର୍ତ୍ତମାନ ଯେଉଁ ଫେଡରେସନର କଥା ଉଠିଅଛି ତାହା ହେଲେ ଓଡ଼ିଶାର ଗଡ଼ଜାତମାନ ଭାରତୀୟ ଗଡ଼ଜାତମାନଙ୍କର ଅଙ୍ଗୀଭୂତ ହେବ ଓ ମୋଗଲବନ୍ଦି ଭାରତୀୟ ମୋଗଲବନ୍ଦି ରାଜ୍ୟମାନଙ୍କର ଅଙ୍ଗୀଭୂତ ହେବ।

ସବୁ ଦେଶରେ ଧନୀଲୋକମାନେ ଲକ୍ଷ୍ମୀଙ୍କ ବରପୁତ୍ରମାନେ ଦେଶର ଗୌରବ। ସେମାନେହିଁ ଆର୍ଥିକ ସମସ୍ୟା ପଡ଼ିଲେ ତାହା ସାଧୁଥାଆନ୍ତି। ଓଡ଼ିଶାର ଯେତେ ଗୁଡ଼ିଏ ପୂର୍ବଗୌରବ ଅଛି ସେ ସବୁ ସେହି ମହାଜନମାନଙ୍କ ବଦାନ୍ୟତା ଓ ଧର୍ମପ୍ରାଣତା ଯୋଗୁଁ ଗଢ଼ା ହୋଇଥିଲା। ସେ ସବୁ ଓଡ଼ିଶାରୁ କାଢ଼ି ନେଲେ ଓଡ଼ିଶାର ଗୌରବର ପରିମାଣ କେତେ ଅଳ୍ପ ରହିଯିବ। ପ୍ରାଚୀନ କୀର୍ତ୍ତିମାନଙ୍କ କଥା ଛାଡ଼ ଅତି ନିକଟରେ ରେଭେନ୍ସା କଲେଜ, ... ଇଞ୍ଜିନିଅରିଙ୍ଗ ସ୍କୁଲ, ମେଡିକାଲ ସ୍କୁଲ, ... ଯାହା ଅଛି ଯାହା ଯୋଗୁଁ କଟକ ... ଲେ ମୁଣ୍ଡ ଟେକିଛି ସେ ଗୁଡ଼ିକ ... ରାଜାମାନଙ୍କ କୀର୍ତ୍ତି ଘୋଷିତ। ... ଛା, ପଣ୍ଡିତ ସର୍ବସ୍ୱ, ଗୀର ସର୍ବସ୍ୱ, ଗଦାଧର ... ଅଦ୍ୟ ବହୁକାବ୍ୟ ସାଧୁ ଗ୍ରନ୍ଥମାନଙ୍କର ... ଓ ସୁନ୍ଦର ଓଡ଼ିଆ ରାଜାମାନଙ୍କ ବଦାନ୍ୟତା ... ସମ୍ଭବ ହୋଇଅଛି। ପ୍ରାଚୀନ ଓଡ଼ିଆ ... ଓ ... ମହାରଥୀମାନେ ... ରାଜାମାନଙ୍କ ଆନୁକୂଲ୍ୟରେ ... ମୋଗଲବନ୍ଦିର ସମସ୍ତ ସମସ୍ତ କବି, ... ଲେଖକ, ଚିତ୍ରକାର, ଶିଳ୍ପୀ, ଗାୟକ, ... ଗଡ଼ଜାତର ରାଜାମାନଙ୍କ ଆନୁକୂଲ୍ୟ ପାଇ ... ଅନ୍ୟ ପଥରେ। ... କ୍ରମଶଃ ଓଡ଼ିଶାର ଧନ ଭଣ୍ଡାର ... ମହାରାଜାମାନେ) ମୋଗଲବନ୍ଦିରୁ ... ଅଛନ୍ତି, ଏମନ୍ତ କି ସେମାନେ ... ସମ୍ପର୍କରେ ମୋଗଲବନ୍ଦିଦ୍ୱାରା ... ଅନିଶ୍ଚିତ—ଫଳରେ ଓଡ଼ିଶା ... ସୁନ୍ଦର ଉଦ୍ୟମ—ଓଡ଼ିଶା ... ଓ ... ଛିନ୍ନଭିନ୍ନ— ... ବାହୁରେ ଓଡ଼ିଶା କଙ୍କାଳ। ... ନଥିବ ଅଛି ମୋଗଲ-

ବନ୍ଦିକୁ ପ୍ଲାବିତ କରି ମୋଗଲବନ୍ଦିର ଧନ, ଜନ, ଗୋଧନ, କୃଷିଅନ୍ନକୁ ନଷ୍ଟକରି ମୋଗଲବନ୍ଦିର ଉନ୍ନତି ଅଙ୍କୁ ରଙ୍ଗାଇ ରଖେ ଓ ଏହି ସ୍ଥଳକୁ ଓଡ଼ିଶା ଗଡ଼ଜାତର ରାଜାମାନେ ଓଡ଼ିଶାର ସହସ୍ର ସହସ୍ର କବି, ପଣ୍ଡିତ, ଶିଳ୍ପୀ, କାରୀଗର ଶିଷ୍ଟଲୋକଙ୍କୁ ପୋଷି ପୂରଣକରି ଥାଆନ୍ତି।

ଆଜି ସବୁ ଦେଶରେ ଦେଖ—ବିପତ୍ତି ପଡ଼ିଲେ ଦୁର୍ଭିକ୍ଷ ପଡ଼ିଲେ, ଆର୍ଥିକ ଦୁଃସ୍ଥିତି ପଡ଼ିଲେ, ନଇବଢ଼ିରେ ଦେଶ ଭାସିଗଲେ ଦେଶର ଧନୀପତିମାନେ ଅଣ୍ଟାଭିଡ଼ି ଠିଆ ହୁଅନ୍ତି ଓ ଏ ବିପତ୍ତି ନିବାରଣ ପାଇଁ ଆପଣା ଆପଣାର ଭଣ୍ଡାର ମୁକୁଳା କରି ଦିଅନ୍ତି। ମୋଗଲବନ୍ଦିରେ ଏପରି ଧନପତି କେତେଜଣ ଅଛନ୍ତି ? ଓଡ଼ିଶାରେ ଅଧିରସ୍ଥାୟୀ ବନ୍ଦୋବସ୍ତ କରାଯିବା ଯୋଗୁଁ ମୋଗଲବନ୍ଦିରେ ଜମିଦାର ବଂଶ ଧୋଇହେଇ ଗଲେଣି, ସେତେ ବଡ଼ ବଡ଼ ଜମିଦାର ଘରମାନ ଗୋଟି ଗୋଟି ହୋଇ ସେମାନେ ନିର୍ମୂଳ ହେଲେଣି। ବାଲେଶ୍ୱର, କଟକ ଓ ପୁରୀର ପ୍ରାଚୀନ ଜମିଦାର ବଂଶମାନ (ସୁଗର ଚୌଧୁରୀ ଓ ଗୁଣ୍ଟେଶ୍ୱର, ବାଲେଶ୍ୱରର ଭୂୟାଁ ଓ ରାସ୍ତ ମହାଶୟ, କଟକର ରାଏ ମହାଶୟ, ରାୟ ଚଉଧୁରୀ, ସାଆନ୍ତ୍ରା ଆଦି) ନଷ୍ଟ ହୋଇଗଲେଣି ଓ ବର୍ତ୍ତମାନ ଅବସ୍ଥା ଆଉ କିଛିଦିନ ଚାଲିଲେ ପ୍ରାଚୀନ ଜମିଦାର ବଂଶ ଲୋପ ହେବେ ଓ ସେମାନଙ୍କ ସ୍ଥାନରେ ବିଦେଶବାସୀ ଜମିଦାର ଓ ୫୦। ଠାରୁ ୫୦୦ ଯାଏ ଜମା ଥିବାବାଲା ଜମିଦାରଙ୍କ ସଂଖ୍ୟା ବଢ଼ିବ। ଯେତେଦିନ ପର୍ଯ୍ୟନ୍ତ ପୂର୍ବ ଅବସ୍ଥା ନ ଫେରୁଛି ଓ ଯେତେଦିନ ପର୍ଯ୍ୟନ୍ତ ଓଡ଼ିଶାର ଗଡ଼ଜାତ ଏବଂ ମୋଗଲବନ୍ଦି ଉଭୟେ ଯୋଡ଼ିରୂପେ ପରସ୍ପର ସଙ୍ଗେ ଜଡ଼ିତ ନ ହେବେ ସେ ପର୍ଯ୍ୟନ୍ତ ଓଡ଼ିଶାର ଅବସ୍ଥା କ୍ରମଶଃ ଶୋଚନୀୟ ହେବ। ଓଡ଼ିଶାର ଅର୍ଦ୍ଧାଂଶ ପ୍ରାୟ ଗଡ଼ଜାତରେ ପ୍ରକାଶ୍ୟ ଓ ଗୁପ୍ତ ଭାବରେ ପୂର୍ଣ୍ଣ ହୋଇଅଛି—ଯେଉଁ ପର୍ଯ୍ୟନ୍ତ ଓଡ଼ିଶାର ଦୁଇଅଙ୍ଗ—ମୋଗଲବନ୍ଦି ଓ ଗଡ଼ଜାତ—ପରସ୍ପର ସହାୟକରୂପେ ରାଜନୈତିକ କ୍ଷେତ୍ରରେ ଗଠିତ ନହେବ, ସେ ପର୍ଯ୍ୟନ୍ତ ଓଡ଼ିଶାର ବୈଷୟିକ ଉନ୍ନତି ଅସମ୍ଭବ—ଏଡିଗଲା ସାଧାରଣ ଆର୍ଥିକ ପରିସ୍ଥିତି। ବର୍ତ୍ତମାନ ଯେଉଁ ଆର୍ଥିକ ଦୁଃସ୍ଥିତି ଉତ୍କଳକୁ ଘୋଟିଛି ତାହା ଦୂର କରିବାର ଏକମାତ୍ର ଉପାୟ—ସମସ୍ତେ ଯଥାସମ୍ଭବ ବସ୍ତୁବ୍ୟୟ ସାପେକ୍ଷ ଗୁଡ଼ିଏ ଅନାବଶ୍ୟକ ଅଭ୍ୟାସ ଓ ସୌଖ ତ୍ୟାଗ କରିବା। ଉଦାହରଣସ୍ୱରୂପ ବର୍ତ୍ତମାନ ଦେଶରମାନ ମଟରଗାଡ଼ି ଚଢ଼ା, ସିନେମା ଓ ବାଇସ୍କୋପ ଦେଖା, ଅଧାଇନ୍ଦ୍ରିକ ବନ୍ଧୁଙ୍କର ଯେଉଁ ହୃଷ୍ଟ ଉଠିଛି ସେ ହୃଷ୍ଟାହାସ୍ତ ଏ ଗରିବ ଦେଶରୁ କେତେ ପଇସା ବୃଥାରେ ବିଦେଶକୁ ଯାଉଅଛି ତାହା ଭାବିଲେ ସ୍ତବ୍ଧ ହେବାକୁ ହୁଏ। ଏହାଛଡ଼ା ଅନେକ ଗୁଡ଼ିଏ ବ୍ୟୟ ସ୍ଥଳର ସଙ୍କୋଚନ୍ ଏବଂ ଦେଶବାସୀଙ୍କୁ ସ୍ୱାବଲମ୍ବୀ ହେବ ଓ ଦେଶର ଉତ୍ପାଦିକା ଶକ୍ତି ନାନା ଉପାୟରେ ବଢ଼ାଇବାକୁ ହେବ।

—•—

ପଚାଶବର୍ଷର

# ପୁରୁଣାକଥା

## ଆଇନ ବଡ଼ କି ହାକିମ ବଡ଼ ?

ବେଶ୍ୟାମାନଙ୍କ ଘରେ ଅନେକ ଅଳ୍ପ ବୟସର ସ୍ତ୍ରୀ ଶିଶୁ ପ୍ରତିପାଳନ ହେଉଅଛି ଓ ଭୁବିଷ୍ୟ ସମୟରେ ଏହାଙ୍କର ସଂଖ୍ୟା ବଢ଼ିଅଛି। ଏଥିରେ ପୁଲିସ୍ ଓ ମେଜିଷ୍ଟ୍ରେଟଙ୍କର ଉଦ୍ୟୋଗ ନାହିଁ ହୋଇଅଛି ସେ ଉକ୍ତ ଶିଶୁମାନେ ସମୟରେ କାବୀ ଜନ୍ମାଇ ନମିତ୍ତ ବୃତ୍ତିଶୀଳ୍ପ ଉତ୍ତମ ଶିକ୍ଷାକରି ପାରନ୍ତି ଅଥବା ତାହାଙ୍କର ପ୍ରତିପାଳକମାନେ ସେମାନଙ୍କୁ ଆଇନ ଓ ନୀତିବିରୁଦ୍ଧ କର୍ମରେ ନିଯୁକ୍ତ କରିପାରନ୍ତି। ଏହି ହେତୁରୁ କଟକର ମେଜିଷ୍ଟ୍ରେଟ ସାହେବ ତଳ ଲିଖିତ ବିଜ୍ଞାପନ କମିସନର ସାହେବଙ୍କ ଅନୁମତି ସହିତ ନଗରେ ପ୍ରଚାର କରିଅଛନ୍ତି।

ଇସ୍ତାହାର ନାମା ଅଦାଲତ ଫଉଜଦାରୀ

ଜେଲେ କଟକ

ଏହାଦ୍ୱାରା ଏ ବିଜ୍ଞାପନ ଦିଆଯାଉଅଛି କି ବେଶ୍ୟାମାନେ ଯେ ବାଲିକାମାନ ରଖିଅଛନ୍ତି ସେ ବାଲିକା ମାନଙ୍କୁ ଏହି ତାରିଖ ଠାରୁ ଦ ୧୫ ଦିନ ମଧ୍ୟରେ ପୁଲିସ ଇନ୍‌ସ୍‌ପେକ୍ଟରରେ ଦାଖଲ କରିଦେବେ ସେମାନଙ୍କ ପକ୍ଷରେ କୌଣସି ମକଦ୍ଦମା ଦାଏର କିଆ ନ ଯିବ ଓ ଉପରୋକ୍ତ ମିଆଦଗତେ ସେମାନଙ୍କଠାରେ ବାଳିକା ପଡ଼ିଥିବ ସେମାନଙ୍କ ବିପକ୍ଷରେ ଦଣ୍ଡବିଧି ଆଇନର ୨ ୩୭୩ ଦଫା ମୁତାବକ ମକଦ୍ଦମା ଦାଏର କରାଯିବ।

ତା ୨୭ ରଖ ମାହେ ମାର୍ଚ୍ଚ ସନ ୧୮୭୭ ମସିହା

ଆମ୍ଭେମାନେ ଏଥିରେ ସ୍ପଷ୍ଟ ବର୍ତ୍ତମାନ ଏ ବିଷୟରେ ଆମ୍ଭମାନଙ୍କ ମନ୍ତବ୍ୟ ପ୍ରକାଶ କରିପାରିଲୁ ନାହିଁ। ଆଗାମୀ ସପ୍ତାହରେ ପାଠକ ମାନଙ୍କୁ ଜଣାଇବୁ ଓ ପାଠକମାନଙ୍କୁ ମଧ୍ୟ ସପ୍ତାହକାଳ ସମୟ ଦିଆଗଲା। ସେମାନେ ଏଥି ମଧ୍ୟରେ ଅବଧାରଣ କରନ୍ତୁ ଯେ ଯେଉଁ ଆଇନରେ ଏ ପ୍ରକାର ବିଜ୍ଞାପନ ଦେବାର କ୍ଷମତା ମେଜିଷ୍ଟ୍ରେଟଙ୍କୁ ଦିଆଯାଇଅଛି ଓ ଯେଉଁ ସ୍ଥାନରେ ଓ କି ଅଭିପ୍ରାୟରେ ବେଶ୍ୟା ବାଳିକା ରଖିବାପାଇଁ ଆଇନରେ ମନାଅଛି। ଏପରି "ବାଳିକା" ଓ "ରଖିଥିବା" ଇତ୍ୟାଦିର ଅର୍ଥକଣ ଓ ତାହାକୁ କିପରି ବୁଝାଇବ। ଇତି।

—୧୮୭୭ ସାଲ ଉତ୍କଳ ଦୀପିକାରୁ ଉଦ୍ଧୃତ

—•—

## ମନ୍ତ୍ର ବଳରେ ସର୍ପ ଦଂଶନ ଚିକିତ୍ସା

ଖଡ଼ଗପୁରଠାରେ ଗୋଟିଏ ବାଳକକୁ ସର୍ପ ଦଂଶନ କରିଥିଲା ଓ ସେ ଅଚୈତନ୍ୟାବସ୍ଥାରେ ପଡ଼ି ରହିଥିଲା। ଜଣେ ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ମନ୍ତ୍ରବଳ ବାଳକର ମୁହଁ ଓ ଦେହରେ ସିଞ୍ଚିବା ଦ୍ୱାରା ବାଳକ ସଂଜ୍ଞାପ୍ରାପ୍ତ ହୋଇ ମୃତ୍ୟୁ ମୁଖରୁ ତ୍ରାଣ ପାଇଅଛି।

—•—

Split by PDF Splitter

Digitized by srujanika@gmail.com

# ଫରାସି ବିପ୍ଳବ ଓ ଜାତିୟତାର ଆଦର୍ଶ

ଉନବିଂଶ ଶେଷ ଫରାସି ବିପ୍ଳବର ସ୍ୱାଧୀନତା, ନୂଆଁସମତା ଓ ବନ୍ଧୁତାର ଝଙ୍କାରରୁ ଉଦ୍‌ବୋଧ ମୁକ୍ତିଲାଭ କରନ୍ତୁ—ପରନ୍ତୁ ଯାଉଛି ଏବଂ ତା ଭବନରେ ଶାନ୍ତିର ଗୀତ ପ୍ରତିଷ୍ଠିତ ହୋଇଛି । ବିପ୍ଳବର ପୂର୍ବ ୧୬ ବର୍ଷର ଓ ଭବିଷ୍ୟତର ଯୁଗର ଇତିହାସ ଆଲୋଚନା କଲେ ଗୋଟିଏ ପ୍ରଶ୍ନ ସ୍ୱତଃ ମନରେ ଉଠେ, ଫରାସି-ବିପ୍ଳବ କ'ଣ ବ୍ୟର୍ଥ ହୋଇଛି ? ଏତେ ନରହତ୍ୟା, ରାଜହତ୍ୟା, ଲୁଣ୍ଠନ, ଅତ୍ୟାଚାର, ବ୍ୟଭିଚାର ସବୁ କ'ଣ ପଣ୍ଡ ହୋଇଯାଇଛି ? ( ରୁସୋ, ଭଲଟେୟାର, ମନ୍ଟେସ୍କ ପ୍ରଭୃତି ମହାପୁରୁଷମାନଙ୍କର ସାଧନା କ'ଣ ପଣ୍ଡଶ୍ରମ ହୋଇଛି ? ) ମାନବର ଜନ୍ମଗତ ଅଧିକାର ସ୍ୱାଧୀନତା, ସାମ୍ୟ, ମୈତ୍ରୀ, ଜାତୀୟତା ପ୍ରଭୃତି ଉଚ୍ଚ ଭାବପୂର୍ଣ୍ଣ ଆଦର୍ଶର କ'ଣ କୌଣସି ଫଳ ପ୍ରସବ କରି ପାରିନାହିଁ ? ମରୁଭୂମିରେ କ'ଣ ତାର ଧାରା ଶୁଖି ଯାଇଛି ? ନା ଫୁଲ ନ ଫୁଟୁଣୁ ଝଡ଼ି ପଡ଼ିଛି ? ବିପ୍ଳବ ସମୟରୁ ଆଜି ପର୍ଯ୍ୟନ୍ତର ଇଉରୋପର ଇତିହାସ ଆଲୋଚନା କଲେ ଦେଖାଯାଏ ଫରାସି ବିପ୍ଳବ ବ୍ୟର୍ଥ ହୋଇନାହିଁ । ତାର ଅନ୍ତର୍ନିହିତ ଭାବଧାରା ସାରା ପୃଥିବୀକୁ ପ୍ଳାବିତ କରି ଦେଇଛି । ପ୍ରତ୍ୟେକ ଦେଶ ଓ ଜାତି ତାର ଉଚ୍ଚ ଭାବପୂର୍ଣ୍ଣ ଆଦର୍ଶରେ ଅନୁପ୍ରାଣିତ ହୋଇଛନ୍ତି । କେଉଁ ଦେଶରେ ସେ ଭାବକୁ ମୂର୍ତ୍ତି ଦେଇ ନାହାନ୍ତି । ଏପରି କି ରକ୍ଷଣଶୀଳ ଇଂଲଣ୍ଡ ଜାତି ମଧ୍ୟ ନୁହେଁ । ଏହାର ଧାରାପ୍ରବାହ ତାର ସ୍ୱାଧୀନତା ବୋଧ ଆଣିଛି ।

ସମ୍ରାଟ ନେପୋଲିୟନଙ୍କ ପରାଜୟ ପରେ ବିଜୟୀ ମିତ୍ର-ଶକ୍ତି-ସଂଘ ପ୍ୟାରିସ ନଗରୀରେ ପ୍ରବେଶ କଲେ । ଯଥାଶୀଘ୍ର ଫ୍ରାନ୍ସରୁ ନାନାପ୍ରକାର ପ୍ରଜାତନ୍ତ୍ର ଜଗତ ବର୍ଷରେ ଅବସାନ ମନେ କରୁଥିଲେ ଫରାସି-ବିପ୍ଳବ ସମ୍ପୂର୍ଣ୍ଣ ଉଚ୍ଛେଦ କରିଦେଲେ ବୋଲି । ଭବିଷ୍ୟତରେ ଆଉ ସେପରି କୌଣସି ଦେଶରେ ଏପରି ଅଘଟଣ ନ ଘଟିପାରେ ସେଥିପାଇଁ ଭିଏନାରେ ସେମାନେ ଗୋଟିଏ କଂଗ୍ରେସ ଆହ୍ୱାନ କଲେ । ସେହି କଂଗ୍ରେସରେ ଇଉରୋପୀୟ ଶକ୍ତିସମୂହ ସ୍ଥିର କଲେ ଯେ ସେମାନେ ପ୍ରଜାତନ୍ତ୍ର ଦମନ କରିବାପାଇଁ ଯଥା ସମ୍ଭବ କଠୋର ନୀତି ଅବଲମ୍ବନ କରିବେ ଓ ସେମାନଙ୍କୁ କେବେହେଁ ମୁଣ୍ଡ ଟେକିବାକୁ ଦେବେ ନାହିଁ । କେତେକାଳ ଲାଗି ସେମାନେ ଏପରି ଆନ୍ଦୋଳନ ଶକ୍ତି ଦମନ କରିବାକୁ ସକ୍ଷମ ହୋଇଥିଲେ । କିନ୍ତୁ ପରେ ଯାହା ଘଟିବାର ତାହାହିଁ ଘଟିଲା । ସ୍ୱାର୍ଥ-ପ୍ରଣୋଦିତ ମିତ୍ରତା ପୁଣି ୧୮୩୦ ସ୍ୱାର୍ଥର ସଂଘାତରେ ଭାଙ୍ଗି ପଡ଼ିଲା । ସେହି 'ପବିତ୍ର-ମିତ୍ରତା' ର ଉଦ୍ଦେଶ୍ୟ ସଫଳ ହେଲା ନାହିଁ । ପୁଣି ସେହି ସାମ୍ରାଜ୍ୟ ବ ରହିଲା ନାହିଁ । ଭୁଲୁଣ୍ଠିତ ହେଲା ସ୍ପେନ୍, ପ୍ରୁସିଆର ଗର୍ବ, ଜର୍ମାନ୍, ରୁଷିଆର ଜାତିଙ୍କର ପ୍ରବଳ-ପ୍ରତାପ ! ସବୁ ଓଲଟ ପାଲଟ ହୋଇଗଲା । ଶେଷରେ ଜନସାଧାରଣଙ୍କର ହିଁ ଜୟ ଜୟକାର ପଡ଼ିଗଲା ।

ଏବେକେ ଅଣଶୀ ବର୍ଷ ପରେ ଓ ଉଣ୍ଡ ଟଳଲ ଜାନ୍ତରରେ ଫରାସି-ବିପ୍ଳବର ସମ୍ବାଦ ଆଦର୍ଶ ସୁନ୍ଦର ଭିତର ସମାଜ ପ୍ରାଦୁର୍ଭାବ କରୁ ଭାବ ହୋଇନାହିଁ । ବିପ୍ଳବର ଉତ୍ତେଜନାମୟ ଯୁଗରେ ଫରାସୀର ଭୂମି ସନ୍ତାନମାନେ ଦେଶପାଇଁ ଯେଉଁ ଅଦ୍ଭୁତ ଶକ୍ତି ଦେଖାଇଥିଲେ ତାହା ଇଉରୋ-ପର ପ୍ରତ୍ୟେକ ପ୍ରଦେଶରେ ଭୂଷାନଳ ପରି ଖେଳି ଯାଇଥିଲା । ସ୍ୱଠାରୁ ପ୍ରବଳ ଜାତି ହୋଇ ପ୍ରଚଣ୍ଡ ମୂର୍ତ୍ତି ଧାରଣ କରିବାକୁ କେବଳ ଅପେକ୍ଷା ଥିଲା—ସମୟ ଓ ସୁଯୋଗ । ଏହା ଫଳରେ କଲୁ ପଞ୍ଚ ଜାତି ସ୍ୱଠିତ-ଇଟାଲିରେ । ଇଟାଲି ହେଲା ସ୍ୱାଧୀନ । ଆଉ ଜର୍ମାନୀରୁ ଗୋଟିଏ ଏକଚ୍ଛତ୍ରକ ଶକ୍ତିଶାଳୀ ଜାତିରେ ପରିଣତ ହେଲା ।

ଫରାସୀ ବିପ୍ଳବର ପ୍ରଥମ ଯୁଗରୁ ଏହାର ସପକ୍ଷ ଓ ବିପକ୍ଷରେ ନାନାଲୋକେ ନାନାମତ ପ୍ରକାଶ କରନ୍ତି । ବୃଦ୍ଧମ୍ୟ ବର୍କଙ୍କର ବ୍ୟକ୍ତିଗତ ଓ ସ୍ୱେଚ୍ଛାଚାରମୂଳକ ଶାସନ ମଧ୍ୟରେ ବିରକ୍ତ ହୋଇ ଇଂଲଣ୍ଡର ଅନେକ ଲୋକ ବିପଦ ଆସନ୍ନ ଜାଣି ବିପ୍ଳବ ଆଦର୍ଶ ସବୁ କରଣ-ବଶ ନେଇଥିଲେ ତାହା ସମସ୍ତଙ୍କୁ ଜଣାଅଛି । କିନ୍ତୁ ସେହି ଇଂଲଣ୍ଡର, ଅନେକ ଲୋକ ବିପ୍ଳବର ଅତ୍ୟାଚାର ଓ ଉଚ୍ଛୃଙ୍ଖଳତାରେ ଶଙ୍କାନ୍ୱିତ ହୋଇ ଏହାର ବିରୁଦ୍ଧାଚରଣ ମଧ୍ୟ କରିଥିଲେ । କେତେକ ଲୋକଙ୍କର ଅଭିମତ ଏହି ଯେ ଫରାସୀ-ବିପ୍ଳବ To all things to all men ଅର୍ଥାତ୍ ସବୁ ଜାତିର ମଣିଷଙ୍କ ପାଇଁ ସବୁ ପ୍ରକାର ଶିକ୍ଷାର ବସ୍ତୁ ଏଥିରେ ମିଳେ ।

ସୃଷ୍ଟିର ଆରମ୍ଭରୁ ଅଜ୍ଞାନର ଯାନ୍ତ୍ରିକ ଯୁଗ ପର୍ଯ୍ୟନ୍ତ ମାନବର ବସ୍ତୀକୃ ଇତିହାସର ପ୍ରଧାନ ୨ ଘଟଣାଗୁଡ଼ିକ ଫରାସୀ-ବିପ୍ଳବର ୨୭ ବର୍ଷ ମଧ୍ୟରେ ଅନୁଷ୍ଠିତ ହୋଇଅଛି । ରାଜତନ୍ତ୍ର, ସ୍ୱେଚ୍ଛାତନ୍ତ୍ର, ଅଭିଜାତ ତନ୍ତ୍ର, ପ୍ରଜାତନ୍ତ୍ର, ଗଣତନ୍ତ୍ର, ପ୍ରଭୃତି ସବୁ ରକମର ଶାସନ ପ୍ରଣାଳୀ ପରୀକ୍ଷା ହୋଇଯାଇଛି । ଧ୍ୱଂସର ପରେ ୨ ଆସେ ଅଭିନବ ନୂତନ ସୃଷ୍ଟି—ଫରାସି-ବିପ୍ଳବର ଧ୍ୱଂସର ଲକ୍ଷଣିକା, ମୃତ୍ୟୁର ରୁଦ୍ର ଲୀଳା ମଧ୍ୟରେ ଅଭିରୂପ ସୃଷ୍ଟିର ଲୀଳା ଓ ଗଠନ-କୌଶଳ ଦେଖିଲେ ହେବ ବର୍ଣ୍ଣନା ନ ହୋଇ ରହି ପାରିବ ନାହିଁ ।

—:o:—

# ପ୍ରେରିତ ପତ୍ର

ମହାଶୟ,

ଗତ ସପ୍ତାହରେ ଆମ୍ଭର ପତ୍ର ଛପାଇବାରେ ସମସ୍ତ ଭୂମ୍ୟଧିକାରୀ ଆପଣଙ୍କ ନିକଟ କୃତଜ୍ଞ । ଜୀମ୍ବକ୍ତି କଲେକ୍ଟରଙ୍କ ପାଖରେ ସ୍ୱୀକାର କରି ସ୍ଥଳେ ଯେ ଜୋତମାନଙ୍କର ରେଟ ସ୍ଥିର କରିଅଛନ୍ତି ତାହା ଓଡ଼ିଶା ଭୂମ୍ୟଧିକାରୀ ସଭାର ଗତ ଅଧିବେଶନରେ ସ୍ଥାନାନ୍ତର ଆସୁଥିବା ବର୍ଷର ସଭାପତିତ୍ୱରେ ଯେ ଅଧିବେଶନ ହୋଇଥିଲା ତହିଁରେ ଜଣାଇଥିଲେ । ଉପସ୍ଥିତ ସଭ୍ୟମାନେ ଡେପୁଟିଙ୍କର ଗତବର୍ଷ ଅପେକ୍ଷା ରେଟ କମ କରିଅଛନ୍ତି ସେଥିପାଇଁ କୃତଜ୍ଞତା ପ୍ରକାଶ କରିଥିଲେ, ମାତ୍ର ସଭାର ମତରେ ବର୍ତ୍ତମାନ ଅବସ୍ଥା ବିବେଚନା କଲେ ଜୋତମାନ ନୋଟିସ ଜାରି ମିଆଦି ଆଦେଶ ନେବାର ଉଚିତ ନୁହେଁ ଏହି ମତ ପ୍ରକାଶ କରି ଶ୍ରୀଯୁକ୍ତ କମିଶନର ସାହେବଙ୍କ ନିକଟ ତାହା ହେବାକୁ ସାଫ କରିବା ପାଇଁ ପ୍ରାର୍ଥନା କରୁ ପତ୍ର ଲେଖିବା ପାଇଁ ସମ୍ପାଦକଙ୍କୁ ଭାର ଦେଇଥିଲେ ଏବଂ ସମ୍ପାଦକ ମଧ୍ୟ ଉକ୍ତ ବାବଦରେ ପତ୍ର ଲେଖିଅଛନ୍ତି । ପୂର୍ବେ ଗତବର୍ଷ ଜାନୁ ସ୍ଥଳେ ଜୋତମାନ ବଦଳାଇ ନ ଥିଲା । ସେହି ଜମିଦାରମାନେ ଟଙ୍କା ଅଧିକ ଭଲେ ମୁଦ୍ରା ଜଳ ଦିଗକୁ ଅଭାବରୁ ଅଧିକ ଟଙ୍କା ଖଜଣା ଉପରେ ଜମା ଭାବ କଷ୍ଟରେ ତାଙ୍କୁ ଦଣ୍ଡ ଦେବା ଉଦ୍ଦେଶ୍ୟରେ ସମ୍ଭବତଃ ଜୋତମାନଙ୍କର ସୃଷ୍ଟି ହେଲା । କିନ୍ତୁ ଗତ ୬ ବର୍ଷ ହେବ ସମଗ୍ର ଦେଶର ଆର୍ଥିକ ଅବସ୍ଥାର ପରିବର୍ତ୍ତନ ହୋଇଥିବା ଓ ସେଥିପୋଇଁ ବ ଲଗ ତ ଜମିଦାର ଜମିଦାରଙ୍କ ପକ୍ଷେ ଖଜଣା ଓ ରାଜସ୍ୱ ଆଦାୟ କରିବାର ଅତି କଷ୍ଟକର ହେଉଥିବା ବିଷୟ ବିବେଚନା କରିଗଲେ ବର୍ତ୍ତମାନ ଆର୍ଥିକ ଅବସ୍ଥାର ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଜୋତମାନ ଓ ନୋଟିସଜାରି ଖରଚ ସବୁ ମାଫ ହେବା ଗଭର୍ଣ୍ଣମେଣ୍ଟଙ୍କ ଉଚିତ । ଏ ବିଷୟରେ ବୋଧ ହୁଏ ସମସ୍ତେ ଏକମତ ହେବେ । ଶ୍ରୀଯୁକ୍ତ କମିଶନର ସାହେବ ଓଡ଼ିଶାର ଅବସ୍ଥା ସମ୍ବନ୍ଧରେ ବିଶେଷ ଅବଗତ ଅଛନ୍ତି । ସମସ୍ତେ ଆଶା କରନ୍ତି ସେ ସେ ଭୂମ୍ୟଧିକାରୀମାନଙ୍କ ବର୍ତ୍ତମାନ ଅବସ୍ଥା ପ୍ରତି ସହାନୁଭୂତି ପ୍ରକାଶ କରି ତାଙ୍କର କଷ୍ଟ ଯେପରି ଦୂର ହେବ ସମୁଚିତ ଆଦେଶ ଦେବେ ।

ଆପଣ ଜାଣିଥିବେ ବିଗତ ଖରାଦିନ ଅନାବୃଷ୍ଟି ହେତୁ ଅଧିକାଂଶ ଫସଲ ନଷ୍ଟ ହୋଇଅଛି । ବର୍ଷାରେ ଫସଲ ଭଲ ହୋଇଅଛି ଏବଂ ତାହା ବୋଧ ହୁଏ କୌଣସି ଦୁର୍ଘଟଣା ନ ହୋଇ ପ୍ରଜାଙ୍କ ହାତକୁ ଆସିବ । କିନ୍ତୁ ଧାନର ଦର ଅତି କମିବାର ଆଶା ନାହିଁ ବରଂ କମ ହେବ । ଯାହାଙ୍କ ହାତରେ ଧାନ ଅଛି ସେମାନେ ବର୍ଷ ଶେଷରେ ବଳି ଆଶା କରିଛନ୍ତି ଓ ସମୟ ଧାନ ରଖିବାର ଲୋକର ଅଭାବ । ପ୍ରଜାସଭା ସମ୍ମିଳନୀରେ ଯେ ପରିମାଣ ଧାନ ସଂଗ୍ରହ ପୂର୍ବେ ହୋଇଥିଲା ଏବେ ତାହା ଅତି କମ । ଏପରି ଅବସ୍ଥା ଘଟିବା ଆମ୍ଭେ ନୂତନ ନୁହେଁ । ପ୍ରଜାମାନେ ଧାନ ଉପରେ ଖଜଣା ଦେବାପାଇଁ ତାହା ବିକ୍ରି କରି ଟଙ୍କା ପାଇବେ ନାହିଁ । ସେପରି ଅବସ୍ଥା ଘଟିଲେ ପ୍ରଜାଙ୍କ ଉପରେ ସେମାନେ ସ୍ଥାନେ ସ୍ଥାନେ ଖଜଣା କରି ଖଜଣାର କେତେକାଂଶ (ଅନ୍ତତଃ ଏକ ଚତୁର୍ଥାଂଶ) ମାଫ କରିବା ପାଇଁ ଗଭର୍ଣ୍ଣମେଣ୍ଟଙ୍କ ନିକଟରେ ଆବେଦନ କରିଥିଲେ । ଗତ ବର୍ଷ କେତେକ ଜମିଦାର ଆମ୍ଭ ନିକଟ ଖଜଣା ମାଫ କରିବା ନିମନ୍ତେ ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇବାକୁ ଲେଖିଥିଲେ । ଖଜଣା ମକୁବ ଦେବା ଗଲେ ତାଙ୍କର ଭଲ ନୁହେଁ ବରଂ ସତ । କିନ୍ତୁ କେତେକାଂଶ ମାଫ ପାଇଁ ସେମାନେ ଆବେଦନ କରିପାରନ୍ତି ଏବଂ ତାହା ହେଲେ ପ୍ରଜାଙ୍କୁ ସେହି ପରିମାଣ ଖଜଣା ମାଫ ଦେବାକୁ ଅଛନ୍ତି ବାଧ୍ୟ । ଏପରି ସ୍ଥଳେ ପ୍ରଜାଙ୍କ ଖଜଣାର କେତେକାଂଶ ମାଫ ପାଇଁ ଆବେଦନରେ ସେମାନେ ଯୋଗ ଦେଇଥାନ୍ତି । ଉତ୍ତର ପଶ୍ଚିମ ଅଞ୍ଚଳର ଗଭର୍ଣ୍ଣମେଣ୍ଟ ପ୍ରଜାଙ୍କ ଦୁରବସ୍ଥା ଦେଖି ଖଜଣା ମାଫ ଦେଉଅଛନ୍ତି । ଆମ୍ଭମାନଙ୍କ ଦେଶ ନଷ୍ଟ ଓଡ଼ିଶାର ଅବସ୍ଥା ବୁଝି ଖଜଣା ମାଫ ଦେଇ ପାରନ୍ତି । ଉକ୍ତ ଜମିଦାରଙ୍କ ଉଚିତ ଅନ୍ୟାନ୍ୟ ସଭାରେ ଏହି ସମ୍ବନ୍ଧରେ ସଭା କରି—ସେଥିରେ ସମସ୍ତ ଦେଇ ଏ ବିଷୟ ଆଗରୁ ଆଲୋଚନା ଉଚିତ ।

ଭଦ୍ରକ
୨୯।୮।୩୬      ଭବ
ଶ୍ରୀ ...